


‘କିଙ୍ଗ’ରେ କିଙ୍ଗ୍ ଖାନ୍

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-77 ◆WEDNESDAY ◆10 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୭୭ ◆ବୁଧବାର ◆୧୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ହିଂସା, ଅରାଜକତା

## ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ସଂସଦ ଓ ମନ୍ତ୍ରୀଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜାଳିଦେଲେ, ମନ୍ତ୍ରୀଙ୍କୁ ଗୋଡ଼ାଇଗୋଡ଼ାଇ ପିଟିଲେ



■ **କାଠମାଣ୍ଡୁ, ୯।୯ (ଏଜେନ୍ସି):** ପଡ଼ୋଶୀ ରାଷ୍ଟ୍ର ନେପାଳ ଦ୍ୱିତୀୟ ଦିନ ଧରି ଅଶାନ୍ତ। କର୍ଫ୍ୟୁ କଟକଣା ସତ୍ତ୍ୱେ ହିଂସା ବ୍ୟାପକ ହେବାରେ ଲାଗିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ସମେତ ସଂସଦ ଓ ସୁପ୍ରିମକୋର୍ଟରେ ବି ନିଆଁ ଲଗାଇଦେଇଛନ୍ତି ଆନ୍ଦୋଳନକାରୀ। ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ପ୍ରଥମେ ପ୍ରଧାନମନ୍ତ୍ରୀ ଓଲି ଏବଂ ପରେ ରାଷ୍ଟ୍ରପତି ପୋଡେଲ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାକୁ ନେଇ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ସେନା ଆଗେଇ ଆସିଛି। ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳା ପାଇଁ ସେନା ବର୍ତ୍ତମାନ ଦାୟିତ୍ୱ ନେବ ବୋଲି ଘୋଷଣା କରିଛି।

ଦେଶରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣକୁ ବିରୋଧ କରି ଦୀର୍ଘ ଦିନ ଧରି ଲାଗି ରହିଥିବା ଅସନ୍ତୋଷକୁ ଚାପିବା ଲାଗି ଓଲି ସରକାର ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବାରୁ ଯୁବପିଢ଼ି ଭିତରେ ଲାଗି ରହିଥିବା ଅସନ୍ତୋଷ ଗତକାଲି ଭୀଷଣ ହିଂସାତ୍ମକ ଆନ୍ଦୋଳନରେ ପରିଣତ ହୋଇଥିଲା। ଗତକାଲି ହଜାର ହଜାର ଯୁବକ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବା ସହିତ ସରକାରଙ୍କ ଇସ୍ତଫା ଦାବି କରିଥିଲେ। ସେମାନଙ୍କୁ ଦମନ କରିବା ଲାଗି ଗତକାଲି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ପ୍ରାଣ ହରାଇଥିଲେ। ଏହାପରେ ଆନ୍ଦୋଳନ ଆହୁରି ଉଗ୍ର ରୂପ ନେଇଥିଲା। ବର୍ତ୍ତମାନ ସୁଦ୍ଧା ୨୨ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲାଣି।

ଜେନେରାଲ ଜେଡ୍ ନାମରେ ଚାଲିଥିବା ଏହି ଆନ୍ଦୋଳନ ଆଜି ଆହୁରି ଭୟଙ୍କର ରୂପ ନେଇଥିଲା। ଆନ୍ଦୋଳନକାରୀମାନେ ହଜାର ହଜାର ସଂଖ୍ୟାରେ ଆଜି ପୁଣି ରାସ୍ତାକୁ ଆସି ସଂସଦ, ସୁପ୍ରିମ କୋର୍ଟ ସମେତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ▶ପୃଷ୍ଠା-୭

# ସି ପି ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି


**ଉପରାଷ୍ଟ୍ରପତି ନିର୍ବାଚନ**

| ଲୋକସଭା | ମୋଟ | ରାଜ୍ୟସଭା |
|---|---|---|
| ୫୪୨ | ୭୮୧ | ୨୩୯ |

| ଏନ୍‌ଡିଏ | ମତଦାନ | ଇଣ୍ଡିଆ |
|---|---|---|
| ୪୫୨ ଭୋଟ | ୭୬୭ | ୩୦୦ ଭୋଟ |

**ମତଦାନରୁ ବିରତ**

| ବିଆର୍‌ଏସ୍ | ବିଜେଡି | ଏସ୍‌ଏଡି |
|---|---|---|
| ୪ | ୭ | ୧ |



■ **ନୂଆଦିଲ୍ଲୀ, ୯।୯ (ଏଜେନ୍ସି):** ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଦେଶର ନୂଆ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ପ୍ରାର୍ଥୀ ବି ସୁଦର୍ଶନ ରେଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ମିଳିଛି ୩୦୦ ଭୋଟ୍। ଏନ୍‌ଡିଏ ପ୍ରାର୍ଥୀଙ୍କୁ ଆଶା ଠାରୁ ୧୬ଟି ଅଧିକ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କୁ ଆଶା ଠାରୁ ୨୪ଟି କମ ଭୋଟ୍ ମିଳିଛି।

ଲୋକସଭା ଏବଂ ରାଜ୍ୟସଭାର ୭୮୧ ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ ଏହି ମତଦାନରେ ସାମିଲ ହୋଇଥିଲା। ଆଜି ଦିନ ୧୦ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ୭୮୧ ସାଂସଦଙ୍କ ମଧ୍ୟରୁ ୭୬୭ ସାଂସଦ ମତଦାନ କରିଥିଲେ। ଅନ୍ୟପକ୍ଷରେ ବିଜେଡିର ୭, ବିଆରଏସ୍‌ର ୪ ଏବଂ ଅକାଳୀ ଦଳର ଜଣେ ସାଂସଦଙ୍କୁ ମିଶାଇ ୧୪ ଜଣ ସାଂସଦ ମତଦାନରେ ଭାଗ ନେଇନଥିଲେ। ସନ୍ଧ୍ୟାରେ ମତଗଣନା କରାଯାଇ ଫଳାଫଳ ଘୋଷଣା କରାଯାଇଛି। ରିଟର୍ଣ୍ଣିଂ ଅଫିସର ଫଳାଫଳ ଘୋଷଣା କରି କହିଲେ ଯେ ଆଜିର ମତଦାନରେ ୭୬୭ଟି ଭୋଟ୍ ପଡ଼ିଥିଲା। ଏଥିମଧ୍ୟରୁ ୭୫୨ଟି ବୈଧ ଥିବା ବେଳ ୧୫ଟି ଭୋଟ୍ ନାକଚ ହୋଇଥିଲା। ବୈଧ ଭୋଟ ମଧ୍ୟରୁ ରାଧାକ୍ରିଷ୍ଣନଙ୍କୁ ୪୫୨ଟି ପ୍ରଥମ ପସନ୍ଦର ଭୋଟ୍ ମିଳିଥିବା ବେଳେ ସୁଦର୍ଶନଙ୍କୁ ମିଳିଛି ୩୦୦ଟି ପ୍ରଥମ ପସନ୍ଦର ଭୋଟ୍।

ସୂଚନାଯୋଗ୍ୟ ଯେ ଉପରାଷ୍ଟ୍ରପତି ନିର୍ବାଚନରେ ୧୫୨ ହେଉଛି ସବୁଠାରୁ କମ୍ ବିଜୟ ବ୍ୟବଧାନ। ୨୦୨୨ରେ ▶ପୃଷ୍ଠା-୭

# ୨୨ କ୍ୟାରେଟ୍ ସୁନା ଲକ୍ଷେ ପାର

## ୨୪ କ୍ୟାରେଟ୍ ୧.୧୦ ଲକ୍ଷ ଟପିଲା

■ **ଭୁବନେଶ୍ୱର, ୯।୯ (ଏଜେନ୍ସି):** ଦୌଡୁଛି ସୁନା ବଜାର। ଘରୋଇ ବଜାରରେ ସୁନା ଏବଂ ରୁପା ଦର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ଯାହାଫଳରେ ଘରୋଇ ବଜାରରେ ସୁନା ଓ ରୁପା ଦରରେ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବୁଲିଅନ୍ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୧୦ ଲକ୍ଷ ଟଙ୍କା ଟପି ନୂଆ ରେକର୍ଡ କରିଛି। ହେଲେ ଏଥିରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୧ ଲକ୍ଷ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରୁପା ଦର ସୁନା ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଇଁ ୧.୪୦ ଲକ୍ଷ ଟଙ୍କା ଛୁଇଁଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୦,୧୮୦ ଟଙ୍କାରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରଥମ କରି ୧,୦୧,୧୦୦ ଟଙ୍କା ଛୁଇଁଛି। ଏହାବାଦ୍ ରୁପା କିଲୋ ପିଛା ୧,୪୦,୦୦୦ ଟଙ୍କା ସ୍ତରରେ ପହଞ୍ଚି



ନୂଆ ଇତିହାସ ରଚିଛି। ଅପରପକ୍ଷେ ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ୧,୧୦,୨୯୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୧,୧୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ପାଖାପାଖି ୪୫ ପ୍ରତିଶତ ବୃଦ୍ଧି ଘଟିଛି।

### ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା

# ୩୪୯ ପୃଷ୍ଠାର ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

■ **ବାଲେଶ୍ୱର, ୯।୯ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ମଙ୍ଗଳବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ୩୪୯ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଛି। ଏହାସହ ମୃତ ଛାତ୍ରୀଙ୍କ ମୋବାଇଲ ରେକର୍ଡ ଯାଞ୍ଚ ପାଇଁ ଫୋରେନସିକ୍ ଲ୍ୟାବକୁ ପଠାଇବା ନିମନ୍ତେ କୋର୍ଟଙ୍କୁ କ୍ରାଇମବ୍ରାଞ୍ଚ ଅନୁରୋଧ କରିଛି। କ୍ରାଇମବ୍ରାଞ୍ଚ ଉକ୍ତ ଘଟଣାରେ ଗିରଫ ୪ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ସହ ୧୨୦ଜଣ ସାକ୍ଷୀଙ୍କ ନାମ ମଧ୍ୟ କୋର୍ଟରେ ଦେଇଥିବା ଜଣାଯାଇଛି।

ଏ ବାବଦରେ ଗିରଫ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଘୋଷଙ୍କ ଓକିଲ ଗୁରୁପ୍ରସାଦ ବେହେରା କହିଛନ୍ତି ଯେ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ଏହି ଚାର୍ଜସିଟ୍ ଦାଖଲ କରିଛି। ଅଧ୍ୟାପକ ସମୀର ସାହୁ ଗିରଫ ହେବାର ୬୦ ଦିନ ପୂରଣ ହେଉଥିବାରୁ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ସମସ୍ତଙ୍କ ଚାର୍ଜସିଟ୍ ଦାଖଲ କରିଛି। ଗିରଫ ଛାତ୍ର ଓ ମୃତ ଛାତ୍ରୀ ସୌମ୍ୟାଶ୍ରୀ ଏବିଭିପି ସହ ସଂଶ୍ଳିଷ୍ଟ ଥିବାରୁ ସରକାର କିପରି ବଦନାମ ନ ହେବେ, ତାହାକୁ ନଜରରେ ରଖି ଚାର୍ଜସିଟ୍ ପ୍ରସ୍ତୁତ ହୋଇଛି। ତଦନ୍ତ ସଠିକ ଦିଗରେ ହୋଇନାହିଁ। ଆମେ ହାଇକୋର୍ଟକୁ ଯିବୁ ବୋଲି ଓକିଲ ଶ୍ରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ ତାରିଖ (ଶନିବାର) ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯାତିତ ହୋଇ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ରାଇମବ୍ରାଞ୍ଚ ଘଟଣାର ▶ପୃଷ୍ଠା-୭

### ନଦୀ ଓ ଜଳାଶୟରୁ ପାଣି ଉଠାଇବାକୁ ମାର୍ଗଦର୍ଶିକା ଜାରି

# ବିଭାଗ ଧାର୍ଯ୍ୟ କଲା ୧୩ ସର୍ତ୍ତ

■ **ଭୁବନେଶ୍ୱର, ୯।୯ (ସମିସ):** ବିଭିନ୍ନ ସଂସ୍ଥା ତଥା ଶିକ୍ଷାନୁଷ୍ଠାନ ନଦୀ ବା ଜଳାଶୟରେ ପାଇପ ଲାଇନ ବିଛାଇବା ପାଇଁ ନିର୍ଦ୍ଦିଷ୍ଟ ଅନୁମତି ପାଇଁ ଜଳସମ୍ପଦ ନିକଟରେ ଆବେଦନ କରୁଥିଲେ। ସେହିପରି କେତେକ ସଂସ୍ଥା ବିନା ଅନୁମୋଦନରେ ନଦୀ, ଜଳାଶୟରେ ନିଜ ପାଇପ ଲାଇନ ବିଛାଇ ପାଣି ଉଠାଉଥିଲେ। ମାତ୍ର ଏହି ବ୍ୟବସ୍ଥାକୁ ସରଳ, ସୁଗମ କରିବା ସହ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ବଳ ଦେବା ସହ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ଜଳସମ୍ପଦ ବିଭାଗ ଏବେ ଏ ସଂକ୍ରାନ୍ତରେ ଏକ ଏସ୍‌ଓପି(ମାର୍ଗଦର୍ଶିକା) ପ୍ରଣୟନ କରିଛି। ମାର୍ଗଦର୍ଶିକାରେ ବିଭାଗ ପକ୍ଷରୁ ମୋଟ ୧୩ଟି ସର୍ତ୍ତ ରଖାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ ଏଣିକି ନଦୀ, ଜଳାଶୟରେ ପାଇପ ବିଛାଇବାକୁ ହେଲେ ଏକମାତ୍ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ▶ପୃଷ୍ଠା-୭

### ସିଆଚେନରେ ହିମସ୍ଖଳନ

# ୩ ସୈନିକ ମୃତ

■ **ଲେହ, ୯।୯ (ଏଜେନ୍ସି):** ବିଶ୍ୱର ସବୁଠୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ ଗ୍ଲାସିୟରରେ ବଡ଼ ଅଘଟଣ ଘଟିଛି। ଲଦାଖର ସିଆଚେନରେ ହିମସ୍ଖଳନ ଘଟି ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। କିଛି ଯବାନ ମଧ୍ୟ ନିଖୋଜ ଅଛନ୍ତି। ୧୨ ହଜାର ଫୁଟ ଉଚ୍ଚରେ ଥିବା ସିଆଚେନ ବେସ୍ କ୍ୟାମ୍ପ ଅଞ୍ଚଳରେ ମଙ୍ଗଳବାର ଏହି ଭୂସ୍ଖଳନ ହୋଇଥିଲା। ଏଥିରେ ୨ ଅଗ୍ନିବୀରଙ୍କ ସମେତ ଅନେକ ଯବାନ ବିୟୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସରେ ୬ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲେ। ପରେ ଜଣେ ଜଣେ କ୍ୟାପ୍‌ଟେନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ମାତ୍ର ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ଗୁଜରାଟର ବାସିନ୍ଦା ତିନି ଯବାନଙ୍କ ମୃତ୍ୟୁ ହୋଇଥଇଲା। ଏମାନଙ୍କ ମଧ୍ୟରେ ଦୁଇ ଜଣ ଅଗ୍ନିବୀର ସାମିଲ ଅଛନ୍ତି। ତେବେ ସିଆଚେନ ଗ୍ଲାସିୟର କାରାକୋରମ୍ ପର୍ବତମାଳାରେ ଅବସ୍ଥିତ ଏବଂ ଏହାର ଉଚ୍ଚତା ପ୍ରାୟ ୨୦ ହଜାର ଫୁଟ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ପୂର୍ବରୁ ମଧ୍ୟ ହିମସ୍ଖଳନ ଯୋଗୁ ଅନେକ ସୈନିକ ସହିଦ ହୋଇଛନ୍ତି। ତେବେ ଭାରତ ୧୯୮୪ ମସିହାରେ ଅପରେସନ୍ ମେଘଦୂତ ଆରମ୍ଭ କରି ସିଆଚେନ ଉପରେ ନିଜର କବଜା ବଜାୟ ରଖିଛି।

### ପୁରୀ ବିମାନବନ୍ଦର ନିର୍ମାଣରେ ପରିବେଶ ନିୟମ ଉଲ୍ଲଂଘନ

# କେନ୍ଦ୍ର ଓ ରାଜ୍ୟକୁ ଏନ୍‌ଜିଟି ଛାଟ

■ **କଟକ, ୯।୯ (ସମିସ):** ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣରେ ବ୍ୟାପକ ପରିବେଶଗତ ନିୟମ ଉଲ୍ଲଂଘନ ଅଭିଯୋଗ କରି ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାୟର ଆବେଦନକୁ କଟକ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍(ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିଛନ୍ତି ଏନଜିଟି। ସୁରେନ୍ଦ୍ର ତାପାସୁ ଓ ଅନ୍ୟ ୯ଜଣ ବାସିନ୍ଦାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଅରୁଣ କୁମାର ତ୍ୟାଗୀ (ନ୍ୟାୟିକ ସଦସ୍ୟ) ଏବଂ ଡକ୍ଟର ଆଫରୋଜ ଅହମ୍ମଦ (ବିଶେଷଜ୍ଞ ସଦସ୍ୟ)ଙ୍କୁ ନେଇ ଗଠିତ ଏନଜିଟିର ପୂର୍ବାଞ୍ଚଳ ଜୋନ୍ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ପ୍ରମୁଖ ସଚିବ (ଜଙ୍ଗଲ ଏବଂ ପରିବେଶ), ଅତିରିକ୍ତ ମୁଖ୍ୟ ସଚିବ (ବାଣିଜ୍ୟ ଏବଂ ପରିବହନ), ପୁରୀ ଜିଲ୍ଲାପାଳ ଏବଂ ବିଭାଗୀୟ ବନ ଅଧିକାରୀ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନୋଟିସ୍ ଜାରି କରାଯାଇଛି। ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୦ ତାରିଖରେ ହେବ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢୀ ମାମଲା ପରିଚାଳନା କରୁଛନ୍ତି।

ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ପ୍ରକଳ୍ପଟି ବାଧ୍ୟତାମୂଳକ ପରିବେଶଗତ ଅନୁମତି (ଇସି), ଜଙ୍ଗଲ ଅନୁମତି (ଏଫସି) କିମ୍ବା ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (ସିଆରଜେଡ୍) ଅନୁମୋଦନ ବିନା ଆରମ୍ଭ ହୋଇଛି। ସମ୍ବେଦନଶୀଳ ଏବଂ ଘୂର୍ଣ୍ଣିଝଡ଼-ପ୍ରବଣ ଉପକୂଳ ଅଞ୍ଚଳରେ ଗଛ କାଟିବା ସ୍ଥାୟୀ ବିକାଶ ନୀତିର ଉଲ୍ଲଙ୍ଘନ ହୋଇଥିବା ବେଳେ ପ୍ରକଳ୍ପର ରାସ୍ତା ତିଆରି କରିବା ପାଇଁ ୧୩,୫୦୦ରୁ ▶ପୃଷ୍ଠା-୭

# ଶୀତଳ ଭଣ୍ଡାରରେ କଳାବାଘ ସଫାରୀ

## ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ହୋଇଥାନ୍ତା କାର୍ଯ୍ୟକ୍ଷମ

■ **ଭୁବନେଶ୍ୱର, ୯।୯ (ସମିସ):** ୨୦୨୪ ଜାନୁଆରୀରେ ଦେଶର ପ୍ରଥମ କଳାବାଘ ସଫାରୀ ନିମନ୍ତେ ନିମନ୍ତେ ଘୋଷଣା କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୪ରେ ନବୀନଙ୍କ ଏହି ଘୋଷଣା ପରେ ଜୁଲାଇ ସୁଦ୍ଧା କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ଲାଭ କରିଥିଲା। ଏହି ସଫାରୀ ପ୍ରତିଷ୍ଠା ହୋଇଥିଲେ ଦେଶବିଦେଶର ପର୍ଯ୍ୟଟକମାନେ ଶିମିଳିପାଳଠାରେ ବିରଳ କଳାବାଘଙ୍କୁ ସଫାରୀରେ ଦେଖିପାରି ଥାନ୍ତେ। ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଏହି ମହତ୍ୱାକାଂକ୍ଷୀ କଳାବାଘ ସଫାରୀ ଏବେ

### ସିଜେଡ୍‌ଏ, ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ ଅଟକିଛି କାମ

### ସରକାର ବଦଳିଲା ପରେ ସଫାରୀକୁ ନେଇ ଉଦାସୀନତା

ଶୀତଳଭଣ୍ଡାରରେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ କାହିଁକି ସଫାରୀ କାମ ଅଟକି ଗଲା, ତାହାର ଉତ୍ତର କାହାପାଖରେ ନାହିଁ। ସେହିପରି ସଫାରୀ ନିଷ୍ପତ୍ତି କାହିଁକି ଆଗକୁ ବଢ଼ିପାରୁନି, ସେ ସମ୍ପର୍କରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ନିରବ।

୨୦୨୪ରେ ଓଡ଼ିଶାରେ ପ୍ରକାଶିତ ବାଘ ଗଣନା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୩୦ ଟି ମହାବଳ ବାଘ ଥିଲେ ଓ ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ତେବେ କୌତୂହଳର କଥା ହେଉଛି ଏହି ୪୦ ବାଘ ମଧ୍ୟରେ କେବଳ କଳା ବାଘଙ୍କ ସଂଖ୍ୟା ୧୮। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ବିରଳ କଳାବାଘ ଦେଖାଯାଉଥିବା ବେଳେ ଏଥିପାଇଁ ଶିମିଳିପାଳକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏସବୁକୁ ଦୃଷ୍ଟିରେ ରଖି ଗତ ୨୦୨୪ ଜାନୁଆରୀ ମାସରେ ଶିମିଳିପାଳଠାରେ ଏକ କଳାବାଘ ସଫାରୀ ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ବାରିପଦା ନିକଟରେ ଅର୍ଥାତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ସଫାରୀ ପ୍ରାୟ ୨୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ହେବାର ଥିଲା। ଏଥି ମଧ୍ୟରୁ ▶ପୃଷ୍ଠା-୭

## ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବଳେନ୍ଦ୍ର ଶାହା!



କାଠମାଣ୍ଡୁ, ୯।୯ (ଏଜେନ୍ସି): ନେପାଳରେ ଚାଲିଥିବା ହିଂସ୍ର ପ୍ରଦର୍ଶନ ପଛକୁ କାଠମାଣ୍ଡୁ ମେୟର ବଳେନ୍ଦ୍ର ଶାହା ସମର୍ଥନ ଦେଇଛନ୍ତି। ଓଲିଙ୍କ ଇସ୍ତଫା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଯାଉଛି। ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ଏହି ବିକ୍ଷୋଭକୁ ସେ ମଧ୍ୟ ଦୃଢ଼ ସମର୍ଥନ ଦେଇଛନ୍ତି। ସୋସିଆଲ ମିଡିଆରେ ନେପୋ କିଡ୍‌ଙ୍କ ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନର ପ୍ରମୁଖ ସୂତ୍ରଧାର ଭାବେ ସେ ପରିଚିତ। ୧୮ ରୁ ୨୮ ବର୍ଷ ପିଲା ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ବୟସ ଅଧିକ ହୋଇଥିବା ଯୋଗୁଁ ସେ ବିକ୍ଷୋଭରେ ସାମିଲ ହୋଇ ନାହାନ୍ତି। ଶାହା କହିଛନ୍ତି ଯେ ସେ ଆନ୍ଦୋଳନକାରୀଙ୍କ ଆକାଂକ୍ଷା, ଉଦ୍ଦେଶ୍ୟ ଏବଂ ଚିନ୍ତାଧାରା ବୁଝିବାକୁ ଚାହୁଁଛନ୍ତି। ରାଜନୈତିକ ଦଳ, ନେତା, କର୍ମୀ, ଆଇନ ପ୍ରଣେତା ଏବଂ ପ୍ରଚାରକମାନେ ଏହି ରାଲିକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଅନୁଚିତ। ଅନ୍ୟପଟେ ସରକାର ଭୁଶୁଡ଼ିବା ପରେ ସାମାଜିକ ଗଣମାଧ୍ୟମରେ ତାଙ୍କ ନାମ ଭାଇରାଲ ହେବାରେ ଲାଗିଛି। ଲୋକେ ଏବଂ ବିକ୍ଷୋଭକାରୀ ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି। ସେ ହିଁ ଲୋକଙ୍କ ପାଇଁ କାମ କରିବେ ବୋଲି ବ୍ୟବହାରକାରୀ କହୁଛନ୍ତି।

## ଏଆଇ ବିରୋଧରେ ହାଇକୋର୍ଟରେ ଐଶ୍ୱର୍ଯ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ସେ ବିନାନୁମତିରେ ତାଙ୍କ ଫଟୋ, ନାମ, ପରିଚୟ ଏବଂ ଏଆଇ ଜେନେରେଟେଡ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ) ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି। ଏହା ଦ୍ୱାରା ବ୍ୟକ୍ତିଗତ ଅଧିକାରର ଉଲ୍ଲଙ୍ଘନ ହେଉଛି ବୋଲି ସେ କହିଛନ୍ତି। ଅଭିନେତ୍ରୀଙ୍କ ଓକିଲ ସନ୍ଦୀପ ସେଠ କୋର୍ଟରେ କହିଛନ୍ତି ଯେ ଭ୍ରମାତ୍ମକ ପ୍ରଚାର ଏବଂ ଲାଭ ପାଇଁ ଐଶ୍ୱର୍ଯ୍ୟାଙ୍କ ପରିଚୟକୁ ବିନା ଭୟରେ ଅପବ୍ୟବହାର କରାଯାଉଛି। ଐଶ୍ୱର୍ଯ୍ୟାଙ୍କ ଅଶ୍ଳୀଳ, ଜାଲିଆତି କରାଯାଇଥିବା ଏବଂ ଏଆଇ ଜେନେରେଟେଡ ଫଟୋ ଅନ୍‌ଲାଇନରେ ପ୍ରଚାରପ୍ରସାର କରାଯାଉଛି। ଏହା ଦ୍ୱାରା ଅଭିନେତ୍ରୀଙ୍କ ଗରିମା ଏବଂ ଅଧିକାର ଉଲ୍ଲଙ୍ଘନ ହେଉଛି। ସେହିପରି ଯୌନ ଇଚ୍ଛାକୁ ମେଣ୍ଟାଇବା ପାଇଁ ଐଶ୍ୱର୍ଯ୍ୟାଙ୍କ ଫଟୋ ବ୍ୟବହାର କରାଯାଉଛି। ସନ୍ଦୀପ ସେଠ୍ କହିଥିଲେ ଯେ କିଛି କମ୍ପାନୀ ତଥା ୱେବସାଇଟ ନିଜକୁ ଆନୁଷ୍ଠାନିକ ପ୍ଲାଟଫର୍ମ କହି ଐଶ୍ୱର୍ଯ୍ୟାଙ୍କ ନାମ ଏବଂ ଫଟୋ ଲଗାଇ ମଗ, ଟି-ସାର୍ଟ, ଡ୍ରିଙ୍ଗ ପ୍ରଡକ୍ଟସ ସହିତ ଅନେକ ବେଆଇନ ସାମଗ୍ରୀ ବିକୁଛନ୍ତି। ଏହା ଉପରେ ବିଚାରପତି କହିଥିଲେ ଯେ ଅନ୍‌ଲାଇନ ପ୍ଲାଟଫର୍ମ, କମ୍ପାନୀ ଏବଂ ବିନା ଅନୁମତିରେ ଏଭଳି ଫଟୋ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କଟକଣା ଲଗାଯିବ। ଏଥିପାଇଁ 'ଇଞ୍ଜକ୍ସନ ଅର୍ଡର' ପାରିତ କରାଯିବ। ଜାନୁଆରୀ ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

## ରାଷ୍ଟ୍ରପତି, ରାଜ୍ୟପାଳ କେବଳ ନାମକୁ ମାତ୍ର ମୁଖ୍ୟ: କର୍ଣ୍ଣାଟକ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାଗିଥିବା ପରାମର୍ଶ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ମଙ୍ଗଳବାର ଅଷ୍ଟମ ଦିନରେ ପହଞ୍ଚିଛି। ବିଧାନସଭାରେ ପାରିତ ବିଲ୍‌କୁ ଅନୁମୋଦ ଦେବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ କି ନାହିଁ ବୋଲି ପଚାରି ଥିଲେ। ଏହା ଉପରେ କଂଗ୍ରେସ ନେତୃତ୍ୱାଧୀନ କର୍ଣ୍ଣାଟକ ସରକାର ମତ ରଖିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଗୋପାଳ ସୁବ୍ରମଣ୍ୟନ କହିଥିଲେ ଯେ ସମ୍ବିଧାନ ଅନୁଯାୟୀ ରାଷ୍ଟ୍ରପତି ଏବଂ ରାଜ୍ୟପାଳ କେବଳ ନାମକୁ ମାତ୍ର ମୁଖ୍ୟ। ଉଭୟେ କେନ୍ଦ୍ର ଏବଂ ରାଜ୍ୟ ମନ୍ତ୍ରିପରିଷଦର ସହାୟତା ଏବଂ ପରାମର୍ଶରେ କାମ କରିବାକୁ ବାଧ୍ୟ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠକୁ ଜଣାଇଛନ୍ତି।

## ଠକେଇ ମାମଲା; ରାଜ କୁନ୍ଦ୍ରାଙ୍କୁ ସମନ

ମୁମ୍ବାଇ, ୯।୯ (ଏଜେନ୍ସି): ଅଶ୍ଳୀଳ ଭିଡିଓ ମାମଲାରେ ଫସିଥିବା ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରାଜ କୁନ୍ଦ୍ରାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏବେ ୬୦ କୋଟି ଟଙ୍କା ଠକେଇ ମାମଲାରେ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତାଙ୍କୁ ଜନ୍ମଦିନରେ ମଙ୍ଗଳବାର ସମନ ଜାରି କରିଛି। ୧୫ ତାରିଖରେ ଏଜେନ୍ସି ନିକଟରେ ହାଜର ହେବା ପାଇଁ କୁହାଯାଇଛି। ଏହା ପୂର୍ବରୁ ତାଙ୍କୁ ୧୦ ତାରିଖରେ ହାଜର ହେବାକୁ କୁହାଯାଇଥିଲା। କିନ୍ତୁ ସେ ଏଥିପାଇଁ ଅଧିକ ସମୟ ମାଗିଥିଲେ। ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ କୁନ୍ଦ୍ରାଙ୍କ ବିଦେଶ ଯିବା ଉପରେ ମଧ୍ୟ ରୋକ୍ ଲଗାଇ ଦିଆଯାଇଛି।

# ନେପାଳ ହିଂସା ପଛରେ କିଏ

## ଶ୍ରୀଲଙ୍କା, ବାଂଲାଦେଶ ପରେ ନେପାଳ

କାଠମାଣ୍ଡୁ, ୯।୯ (ଏଜେନ୍ସି): ଭାରତର ଆଉ ଏକ ପଡ଼ୋଶୀ ରାଷ୍ଟ୍ରରେ ପୁଣି ନିଆଁ ଜଳୁଛି। ହଠାତ୍ ଏକ ଆନ୍ଦୋଳନ ଆରମ୍ଭ ହୋଇ ଉଗ୍ର ରୂପ ଧାରଣ କରିଛି। ଏହା ପୁଣି ଏକ ସରକାରକୁ ଭୁଶୁଡ଼ାଇ ଦେଇଛି। ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ ପରେ ଏବେ ନେପାଳରେ ଏପରି ହୋଇଛି। ସବୁ ଦେଶର ମାମଲାରେ ସମାନ ରଣନୀତି ଅବଲମ୍ବନ କରାଯାଇଛି। ବଡ଼ଧରଣର ବିକ୍ଷୋଭ ଯୋଗୁଁ ସରକାର ଭୁଶୁଡି ପଡ଼ିଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ପାଇଁ ନେପାଳ ସରକାର ନେଇଥିବା ନିଷ୍ପତ୍ତି ଯୋଗୁଁ ଏପରି ହୋଇଛି। ଏହା ଦ୍ରୁତଗତିରେ ବ୍ୟାପିଯିବା ପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ସ୍ଥିତି ଏପରି ହୋଇଛି ଯେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଦେଶ ଛାଡ଼ି ଦୁବାଇ ଯିବାକୁ ଯୋଜନା କରୁଛନ୍ତି। ଏପରି ସମୟରେ ଲୋକଙ୍କ ମନରେ ବଡ଼ ପ୍ରଶ୍ନ ଉଠୁଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ ନିଷ୍ପତ୍ତି ଯୋଗୁଁ ଖାଲି ଏପରି ସ୍ଥିତି ସୃଷ୍ଟି ହୋଇପାରେ କି? ଏହା ପଛରେ ଅନ୍ୟ କୌଣସି ବିଦେଶୀ ଶତ୍ରୁର ହାତ ନାହିଁ ତ? ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ଛାମୁଆ ଯୁଦ୍ଧର ନେପାଳ କେନ୍ଦ୍ରସ୍ଥଳ ପାଲଟି ଯାଇନି ତ?

ନେପାଳର ଏହି ଉଗ୍ର ବିକ୍ଷୋଭ ପଛରେ ଆମେରିକା ହାତ ଥିବା କୁହାଯାଉଛି। ଏହି ଦେଶର ଇଙ୍ଗିତରେ ବିକ୍ଷୋଭକାରୀ ସରକାରକୁ ଭୁଶୁଡ଼ାଇଦେଇଥିବା କୁହାଯାଉଛି। ନେତାମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ବିକ୍ଷୋଭ ପ୍ରଦର୍ଶନ ବନ୍ଦ ହେଉନାହିଁ। ନେତାମନ୍ତ୍ରୀଙ୍କ ବାସଭବନ ସମେତ କାଠମାଣ୍ଡୁରେ ହିଲ୍‌ଟନ୍ ହୋଟେଲରେ ମଧ୍ୟ ବିକ୍ଷୋଭକାରୀ ନିଆଁ ଲଗାଇ ଦେଇଛନ୍ତି। ଏହା କ୍ଷମତାସୀନ ଦଳର ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିଲା। ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଏଠାରେ ମଧ୍ୟ କ୍ଷମତାସୀନ ଦଳର ନେତାମନ୍ତ୍ରୀଙ୍କୁ ଦେଖିବା ମାତ୍ରେ ଆକ୍ରମଣ କରୁଛନ୍ତି। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମଧ୍ୟ ବିକ୍ଷୋଭକାରୀ ଛାଡ଼ି ନାହାନ୍ତି। ଘରେ ପଶି ବିଭିନ୍ନ ସାମଗ୍ରୀ ନେଇ ଲୁଟପାଟ୍ ମଚାଉଛନ୍ତି। ଶେଷରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ଏଭଳି ସ୍ଥିତି ସୃଷ୍ଟି ହେବାରୁ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟବାୟା ରାଜପକ୍ଷେ ଏବଂ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଦେଶ ଛାଡ଼ି ପଳାଇ ଥିଲେ।



କିନ୍ତୁ ଏହି ଆନ୍ଦୋଳନ ପଛରେ କିଛି ବଡ଼ ଚକ୍ରାନ୍ତ ଲୁଚି ରହିଛି। ଗତ କିଛି ମାସ ହେଲା ନେପାଳର ସମସ୍ୟା ବୃଦ୍ଧି ପାଇଥିଲା। ୨୦୦୮ ରୁ ନେପାଳ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ପରଠାରୁ ଦେଶର କ୍ଷମତା ଚୀନ୍ ସମର୍ଥକ ଓଲି, ମାଓ କେନ୍ଦ୍ରିକ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଏବଂ ସେର ବାହାଦୂର ଦେଓବାଙ୍କ ମଧ୍ୟରେ କ୍ଷମତା ପରିବର୍ତ୍ତନ ଚାଲିଛି। ଏହି ତିନି ଜଣଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏହାକୁ ନେଇ ନେପାଳ ଯୁବଗୋଷ୍ଠୀ ଉତ୍‌କ୍ଷିପ୍ତ ହୋଇ ଉଠିଛନ୍ତି। ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଯାଇଛି। ବେକାରୀ ହାର ମଧ୍ୟ ବଢ଼ି ଚାଲିଛି। ଏହା ଯୁବଗୋଷ୍ଠୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହ ଆନ୍ଦୋଳନକୁ ଗତି ଦେଇଥିଲା।

୨୦୨୪ ଜୁଲାଇରୁ ଓଲି ପ୍ରଧାନମନ୍ତ୍ରୀ ହେବା ପରେ ସେ ଚୀନ୍ ସହ ସମ୍ବନ୍ଧ ମଜବୁତ କରିବାକୁ ଚାହିଁଥିଲେ। ତେବେ ସେ ପାରମ୍ପରିକ ସହଯୋଗୀ ଭାରତକୁ ମଧ୍ୟ ଅଣଦେଖା କରି ଚାଲିଥିଲେ। ନେପାଳ ମଧ୍ୟ ଚୀନ୍‌ର ବିଆରଆଇ ପ୍ରକଳ୍ପରେ ସାମିଲ ହେବାକୁ ରାଜି ହୋଇଥିଲା। ଓଲିଙ୍କ ଗସ୍ତରେ ଏ ନେଇ ଚୁକ୍ତି ହୋଇଥିଲା। ତେବେ ଦକ୍ଷିଣ ଏସିଆରେ କ୍ଷମତା ବିସ୍ତାର କରିବାକୁ ଚାହୁଁଥିବା ଆମେରିକା ପାଇଁ ଏହା ଅସହ୍ୟ ହୋଇ ଉଠିଥିଲା। ଚୀନ୍‌ର ପ୍ରାଧାନ୍ୟ ବିସ୍ତାରକୁ ରୋକିବା ଲାଗି ନେପାଳକୁ ବେଜିଂ ପାଲରୁ ବାହାର କରିବାକୁ ଚେଷ୍ଟା କରିଥିଲା। ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏକ ଯୋଜନା କରିଥିଲା। ୫୦୦ ନିୟୁତ ଡଲାରର ପ୍ରକଳ୍ପ ନେପାଳ ପାଇଁ ଭେଟି ଦେଇଥିଲା। ଏହା ଚୀନ୍ ବିଆରଆଇ ପାଇଁ ଆହ୍ୱାନ ଥିଲା। କିନ୍ତୁ ନେପାଳ ସରକାର ଚୀନ୍ ସହ ଘନିଷ୍ଠତା ବଜାୟ ରଖିଥିଲେ। ଚୀନ୍ ବିଜୟ ଦିବସ ପରେଡରେ ସାମିଲ ହୋଇ ଓଲି ଏହି ବାର୍ତ୍ତା ଦେଇଥିଲେ। ଏହା ଫଳରେ ଆମରିକା ସହ ନେପାଳର ତିକ୍ତତା ଅଧିକ ବୃଦ୍ଧି ପାଇଥିଲା। ଶେଷରେ ସରକାର ଭୁଶୁଡାଇବା ପାଇଁ ଆମେରିକା ଯୋଜନା କଲା ବୋଲି କୁହାଯାଉଛି।

## ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ

କାଠମାଣ୍ଡୁ, ୯।୯ (ଏଜେନ୍ସି): ଅନ୍‌ଲାଇନରେ ଯୁବ ଗୋଷ୍ଠୀଙ୍କ ଶାନ୍ତିପୂର୍ଣ୍ଣ ନେପୋ କିଡ୍ ଏବଂ ଦୁର୍ନୀତି ଆନ୍ଦୋଳନକୁ ବନ୍ଦ ପାଇଁ ନେପାଳ ସରକାର ପଞ୍ଜିକରଣ ଆଳରେ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିଦେଇଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିଦ୍ରୋହର ବହ୍ନିକୁ ଜୋରଦାର କରିଥିଲା। ଜେନ୍ ଜେଡ୍ ଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଛାଡ଼ି ସିଧା ରାସ୍ତାକୁ ଓହ୍ଲାଇ ଥିଲେ। ଆଉ ଏହି ଆନ୍ଦୋଳନ ଏବେ ସରକାରଙ୍କୁ ଗାଦି ଛାଡ଼ିବାକୁ ବାଧ୍ୟ କରିଦେଇଛି। ଜଣଙ୍କ ପରେ ଜଣେ ଇସ୍ତଫା ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରେ ନେପାଳ ରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି। ସରକାର ଭୁଶୁଡ଼ି ଯାଇଛି। ତେବେ ଏହି ଆନ୍ଦୋଳନ ହିଂସ୍ର ରୂପ ଧାରଣ କରିଛି। ଏହି ନିଆଁରେ ଅନେକ ନିରୀହଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖନାଲଙ୍କ ପତ୍ନୀ ରାଜଲକ୍ଷ୍ମୀ ଚିତ୍ରାକର ସାମିଲ ଅଛନ୍ତି। ଆନ୍ଦୋଳନକାରୀ ତାଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ ଆଜି ଆନ୍ଦୋଳନକାରୀ କାଠମାଣ୍ଡୁର ଡାଲୁ ଅଞ୍ଚଳରେ ଥିବା ତାଙ୍କ ଘରକୁ କବ୍‌ଜା କରି ନେଇଥିଲେ। ସେ ଘରେ ଫସି ରହିଥିବା ସମୟରେ ବାହାରୁ ନିଆଁ ଲଗାଇ ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୀର୍ତ୍ତିପୁର ବର୍ଣ୍ଣ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ଅନେକମନ୍ତ୍ରୀଙ୍କ ଘର ମଧ୍ୟ ବିକ୍ଷୋଭକାରୀ ଜାଳି ଦେଇଛନ୍ତି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଏହା ଆନ୍ଦୋଳନର ଭୟାବହତାକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ଦେଶ ଅଶାନ୍ତ ରହିଛି। ସ୍ଥିତିକୁ ଦେଖି ଭାରତ ନିଜ ନାଗରିକଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛି। ନେପାଳ ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଏହି ଦେଶକୁ ନ ଯିବା ପାଇଁ କୁହାଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ନେପାଳ ଏୟାରଲାଇନ୍ସ ଦିଲ୍ଲୀରୁ କାଠମାଣ୍ଡୁକୁ ସମସ୍ତ ବିମାନ ବାତିଲ କରିଦେଇଛି।

## ନେପାଳ ଅର୍ଥମନ୍ତ୍ରୀଙ୍କୁ ତଡ଼ି ତଡ଼ି ବାଡ଼େଇଲେ

ନେପାଳରେ ଯୁବଗୋଷ୍ଠୀଙ୍କ ବିକ୍ଷୋଭ ପ୍ରଦର୍ଶନ ରକ୍ତମୁଖା ହୋଇ ଉଠିଛି। ସରକାରରେ ସାମିଲ ନେତାମନ୍ତ୍ରୀଙ୍କୁ ଦେଖିଲା ମାତ୍ରେ ବିକ୍ଷୋଭକାରୀ ମାଡ଼ ମାରୁଛନ୍ତି। ଏବେ କେପି ଶର୍ମା ଓଲିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲ (୬୫)ଙ୍କୁ କାଠମାଣ୍ଡୁର ଗଳିରେ ଗୋଡ଼ାଇ ଗୋଡ଼ାଇ ମାଡ଼ ମରାଯାଇଛି। ବିକ୍ଷୋଭକାରୀ ତାଙ୍କୁ ଫିଲ୍ମଶୈଳୀରେ ମାଡ଼ ମାରୁଥିବା ଦେଖାଯାଉଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ମନ୍ତ୍ରୀ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିବାବେଳେ ବିକ୍ଷୋଭକାରୀ ତାଙ୍କୁ ଧରିବା ପାଇଁ ପଛରେ ଗୋଡ଼ାଉ ଥିବା ଦେଖାଯାଉଛି। ସମସ୍ତେ ମିଶି ତାଙ୍କୁ ମାଡ଼ ମାରୁଛନ୍ତି। ପରେ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। କାଠମାଣ୍ଡୁ ପୁଲିସର ସୂଚନା ଅନୁଯାୟୀ ଆନ୍ଦୋଳନକାରୀ କର୍ଫ୍ୟୁକୁ ଉଲ୍ଲଙ୍ଘନ କରିଛନ୍ତି। ବିଭିନ୍ନ ସ୍ଥାନରେ ଆକ୍ରମଣ କରି ନିଆଁ ଲଗାଇ ଦେଇଛନ୍ତି। ଭାଇରାଲ ଭିଡିଓରୁ ଦେଖାଯାଉଛି ଯେ ଜୀବନ ବଞ୍ଚାଇବା ପାଇଁ ପୌଡେଲ କାଠମାଣ୍ଡୁରେ ଗଳିରେ ଦୌଡୁଛନ୍ତି। ଏହି ସମୟରେ ଜଣେ ବିକ୍ଷୋଭକାରୀ ବିପରୀତ ଦିଗରୁ ଆସି ଡେଇଁ ତାଙ୍କୁ କିକ୍ ମାରୁଛି। ଏଥିରେ ମନ୍ତ୍ରୀ ନିୟନ୍ତ୍ରଣ ହରାଇ ଏକ କାନ୍ଥ ସହ ଯାଇ ମାଡ଼ ହୋଇଥିଲେ। ଏହା ପରେ ମନ୍ତ୍ରୀ ତର ତର ହୋଇ ଉଠି ପଡ଼ିଥିଲେ। ପୁଣି ଦୌଡ଼ିବାକୁ ଲାଗିଥିଲେ। କିଛି ସମୟ ଭିତରେ ଆଉ ଜଣେ ବ୍ୟକ୍ତି ପିଛା କରି ତାଙ୍କୁ ଧରି ପକାଇ ଥିଲେ।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଆକ୍ରମଣ; ଉଦ୍ଧାରକଲା ସେନା

ଜେନ୍ ଜେଡ୍ ଆନ୍ଦୋଳନକାରୀ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୂର ଦେଓବା ଏବଂ ତାଙ୍କ ପତ୍ନୀ ତଥା ବିଦେଶମନ୍ତ୍ରୀ ଅରଜୁ ରାଣା ଦେଓବାଙ୍କ ଉପରେ ଆକ୍ରମଣ ହୋଇଛି। କାଠମାଣ୍ଡୁର ବୁଡାନୀଳକଣ୍ଠରେ ଥିବା ତାଙ୍କ ବାସଭବନ ଉପରେ ବିକ୍ଷୋଭକାରୀ ଆଜି ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ ସେର ବାହାଦୂର ଲହୁଲୁହାଣ ହୋଇ ପଡ଼ିଥିଲେ। ମାଡ଼ ମାରି ମୁହଁ ଫୁଲାଇ ଦେଇଥିଲେ। ତାଙ୍କ ମୁହଁରୁ ରକ୍ତ ବାହାର କରିଦେଇଥିଲେ। ସୁରକ୍ଷାବାହିନୀ ପହଞ୍ଚିବା ପୂର୍ବରୁ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଭଙ୍ଗାରୁଜା କରିବା ସହ ଜିନିଷପତ୍ର ଲୁଟି ନେଇଥିଲେ। ଏକ ପଡ଼ିଆ ନିକଟରୁ ଦେଓବା ଏବଂ ତାଙ୍କ ପତ୍ନୀଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

## ଭାରତରେ ବିଜୟ ମାନେ ହେଉଛି ଜମି କବ୍‌ଜା: ସେନାମୁଖ୍ୟ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଯୁଦ୍ଧ ସମୟରେ ଜମି କବ୍‌ଜାକୁ ଭାରତରେ ବିଜୟର ଅସଲ ମାପକାଠି ଧରାଯାଇଥାଏ। ଏଥିଯୋଗୁଁ ସ୍ଥଳସେନାର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସ୍ଥଳ ସେନାଧକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ସେ ଏହି ଟିପ୍ପଣୀ ଦେଇଛନ୍ତି। ସେ ଉଦାହରଣ ଦେଇ କହିଛନ୍ତି ଯେ ଗତ ମାସରେ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଉଭୟେ ମଧ୍ୟ କେବଳ ଜମି ଅଦଳବଦଳକୁ ନେଇ ଚର୍ଚ୍ଚା କରିଥିଲେ। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଦୁଇ ସପ୍ତାହ ତଳେ 'ଅପରେସନ ସିନ୍ଦୂର'କୁ ନେଇ ଦେଇଥିବା ଟିପ୍ପଣୀ ପରେ ସ୍ଥଳସେନାମୁଖ୍ୟଙ୍କ ଏହି ମନ୍ତବ୍ୟ ସାମ୍ନାକୁ ଆସିଛି। ସେତେବେଳେ ଏପି ସିଂହ ବାୟୁଶକ୍ତିକୁ ଗୁରୁତ୍ୱ ଦେଇଥିଲେ।

ଅନ୍ୟପକ୍ଷରେ ସେନାମୁଖ୍ୟ ଅପରେସନ ସିନ୍ଦୂରକୁ ନେଇ କହିଛନ୍ତି ଯେ କିଛି ଲୋକ ଏହା ଚାରି ଦିନର ଟେଷ୍ଟ ମ୍ୟାଚ୍ ଥିଲା ବୋଲି କହୁଛନ୍ତି। କିନ୍ତୁ ଯୁଦ୍ଧ ବିଷୟରେ ପୂର୍ବରୁ କିଛି କହିହେବ ନାହିଁ। ଏହି ଅଭିଯାନ କେତେ ଦିନ ପର୍ଯ୍ୟନ୍ତ ଚାଲିବ ତାହାର କିଛି ଗ୍ୟାରେଣ୍ଟି ନ ଥିଲା। ଯୁଦ୍ଧ ସବୁବେଳେ ଅନିଶ୍ଚିତ ହୋଇଥାଏ। ରୁଷ-ୟୁକ୍ରେନ ଯୁଦ୍ଧ ଏତେ ଦିନ ଚାଲିବ ବୋଲି କେହି ବି ଭାବି ନ ଥିଲେ। ଏବେ ଆମ ସେନାକୁ ଆତ୍ମନିର୍ଭର କରିବାକୁ ହେବ। ଭାରତର ବିରୋଧୀ ଦ୍ରୁତ ଗତିରେ ଆଗକୁ ବଢୁଛନ୍ତି। ବିଦେଶୀ ଅସ୍ତ୍ରଶସ୍ତ୍ର ଉପରେ ନିର୍ଭର କଲେ ହେବ ନାହିଁ। ପୂର୍ବରୁ ଶହେ କିମି ଲକ୍ଷ୍ୟଭେଦ କରୁଥିବା ଅସ୍ତ୍ରଶସ୍ତ୍ର ଦରକାର ଥିଲା, ଆଉ ଏବେ ୩୦୦ କିମି ଦରକାର। ଏବେ ଭାରତ ସାମ୍ନାରେ ଅଢେଇ ମୋର୍ଚ୍ଚାରେ ଆହ୍ୱାନ ରହିଛି। ଏଭଳି ସ୍ଥିତିରେ ସ୍ଥଳସେନାର କର୍ତ୍ତୃତ୍ୱ ରହିବା ଉଚିତ। ଯୁଦ୍ଧର ପ୍ରକୃତି ମଧ୍ୟ ବଦଳୁଛି। ତେଣୁ ନୂଆ ଜ୍ଞାନକୌଶଳ, ଆଧୁନିକ ଅସ୍ତ୍ରଶସ୍ତ୍ରକୁ ଶୀଘ୍ର ସାମିଲ କରି ନିଜକୁ ବଦଳାଉଛୁ। ଏବେ ସେନାକୁ ନୂଆ ଜ୍ଞାନକୌଶଳର ଅସ୍ତ୍ରଶସ୍ତ୍ର ଜରୁରୀ। ଆଧୁନିକ ଯୁଦ୍ଧରେ 'ଡେଭିଡ ଆଣ୍ଡ ଗୋଲିୟଥ' ବ୍ୟବସ୍ଥା ଜରୁରୀ। ଏହାର ଅର୍ଥ କମ୍ ବିକଶିତ ଦେଶ ବି ଶକ୍ତିଶାଳୀ ରାଷ୍ଟ୍ରକୁ ହରାଇପାରିବ। ଏଥିପାଇଁ ଫୋର୍ସ ଆପ୍ଲିକେସନ ଏବଂ ପ୍ରୋଟେକ୍ସନ ଜରୁରୀ। ମଜବୁତ ସଞ୍ଚାର ସାଇବର ସିଷ୍ଟମ ଥିଲେ ଯାଇ ଏହା ସମ୍ଭବ ହେବ।

## ମୁନ୍ନାଭାଇ ଜେଲ୍‌ରେ ହିଁ ରୁହନ୍ତୁ: ସୁପ୍ରିମକୋର୍ଟ

### ଅନ୍ୟ ଦ୍ୱାରା ପରୀକ୍ଷା ଦେବାକୁ ଭର୍ତ୍ସନା

### ଜାମିନ ଆବେଦନ ଖାରଜ କଲେ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଚଳଚ୍ଚିତ୍ର 'ମୁନ୍ନାଭାଇ ଏମ୍‌ବିବିଏସ୍' ପରି ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତି ନିଜ ପରୀକ୍ଷା ଦେବା ପାଇଁ ଅନ୍ୟ ଜଣଙ୍କୁ ବସାଇ ଥିଲେ। ଏହାକୁ ସୁପ୍ରିମକୋର୍ଟ ଚିନ୍ତାଜନକ କହିଛନ୍ତି। ମୁନ୍ନାଭାଇଙ୍କୁ ଜେଲ୍‌ରେ ହିଁ ରହିବାକୁ ପଡ଼ିବ ବୋଲି ଉଲ୍ଲେଖ କରିଛନ୍ତି। ଏଭଳି ଜାଲିଆତି ସାର୍ବଜନୀନ ପରୀକ୍ଷା ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଉଛି। ଏହା ଦ୍ୱାରା ଅନେକ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସହିତ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆବେଦନକାରୀ ୨୦୨୪ ଡିସେମ୍ବରରେ ହୋଇଥିବା ଉତ୍ତର ପ୍ରଦେଶ ସିଟିଇଟି ପରୀକ୍ଷାରେ ନିଜ ସ୍ଥାନରେ ଜାଲ୍ ପରୀକ୍ଷାର୍ଥୀଙ୍କୁ ବସାଇଥିବା ଅଭିଯୋଗ ଲାଗିଛି।



ଏହା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସେ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ଏହି ମାମଲାରେ ତିନି ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରାଯାଇଛି। ନକଲି ପରୀକ୍ଷାର୍ଥୀଙ୍କ ସମେତ ଦୁଇ ଜଣଙ୍କୁ ମଧ୍ୟ ଜାମିନ ମିଳିସାରିଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରି ଚାରି ସପ୍ତାହ ଭିତରେ ଜବାବ ମାଗିଛନ୍ତି। ହାଇକୋର୍ଟରେ ମିଥ୍ୟା ମାମଲାରେ ଫସା ଯାଇଛି ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା। ସେ ପରୀକ୍ଷା ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କହିଥିଲେ। ଅଜାଣତରେ ଆଉ କେହି ପରୀକ୍ଷାରେ ବସିଥିବା ସୂଚନା ଦିଆଯାଇଥିଲା। ତେବେ ହାଇକୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ। ପରୀକ୍ଷାରେ ଆଉ କେହି ବସିବା ଦ୍ୱାରା ଶିକ୍ଷା ପ୍ରଣାଳୀର ଅଖଣ୍ଡତା ପ୍ରଭାବିତ ହେଉଛି। ସମାଜ ଉପରେ ଗମ୍ଭୀର ପ୍ରଭାବ ପଡୁଛି ବୋଲି କହିଥିଲେ।

ଆବେଦନକାରୀ ଏବଂ ଅନ୍ୟଜଣଙ୍କ ବିରୋଧରେ ପ୍ରଧାନ ଶିକ୍ଷକଙ୍କ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ୨୦୨୪ ଡିସେମ୍ବର ୧୫ରେ ଆୟୋଜିତ ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ଥିବା ନେଇ ସୂଚନା ମିଳିଥିଲା। ଯାଞ୍ଚ ସମୟରେ ବାୟୋମେଟ୍ରିକକୁ ମିଶା ଯାଇ ନ ଥିଲା। ଆବେଦନକାରୀ ସନ୍ଦୀପ ସିଂହ ପଟେଲଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତି ଜାଲ୍ ପ୍ରବେଶ ପତ୍ରର ମାଧ୍ୟମରେ ପରୀକ୍ଷା ଦେଉଥିବା ଜଣା ପଡ଼ିଥିଲା।

## ରାଜସ୍ଥାନରେ ରେକର୍ଡ ଭାଙ୍ଗିଲା ବର୍ଷା



# କୁଲ୍ଲୁରେ ଭୂସ୍ଖଳନ; ୫ ମୃତ

- ଅହମଦାବାଦରେ କରେଣ୍ଟ ଲାଗି ପତିପତ୍ନୀ ମୃତ
- ମରୁଭୂମି ସୃଷ୍ଟି କରୁଛି ସମୁଦ୍ରର ଭ୍ରମ
- ପଞ୍ଜାବ ଓ ହିମାଚଳର ବନ୍ୟାଞ୍ଚଳ ବୁଲି ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଭୂସ୍ଖଳନ ସାଙ୍ଗକୁ ବନ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ରାଜସ୍ଥାନରେ ଇତିହାସର ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ଏ ପର୍ଯ୍ୟନ୍ତ ୬୯୩.୧ ମିମି ବର୍ଷା ହେଲାଣି। ୧୦୯ ବର୍ଷ ତଳେ ୧୯୧୭ରେ ୮୪୪.୨ ମିମି ବର୍ଷା ହୋଇଥିଲା। ଏବେ ସୁଦ୍ଧା ୬୩ ପ୍ରତିଶତ ବନ୍ଧ ଫୁଲ୍ ହୋଇଗଲାଣି। ରାଜ୍ୟରେ ଜୁନ୍‌ରେ ୧୨୫.୩ ମିମି, ଜୁଲାଇରେ ୨୯୦ ମିମି ଏବଂ ଅଗଷ୍ଟରେ ୧୮୪ ମିମି ବର୍ଷା ହୋଇଥିଲା। ସେହିପରି ହିମାଚଳରେ ମୌସୁମୀ କହର ଜାରି ରହିଛି। ସୋମବାର ରାତିରେ କୁଲ୍ଲୁରେ ଭୂସ୍ଖଳନ ହୋଇ ଏକ ଭାଙ୍ଗିଯିବାରୁ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୩୬ ବଡ଼ ଭୂସ୍ଖଳନ ଘଟଣା ଏବଂ ୪୫ ଥର ବାଦଲଫଟା ବର୍ଷା ହେଲାଣି। ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶ ମାର୍ଗରୁ କାଙ୍ଗଡ଼ା ଜିଲ୍ଲାର ସର୍ବେକ୍ଷଣ କରିଛନ୍ତି। ସେ ବନ୍ୟା ଏବଂ ବର୍ଷା ପ୍ରଭାବିତ କ୍ଷେତ୍ର ପାଇଁ ୧୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ମୃତକଙ୍କ ପରିବାର ସଦସ୍ୟଙ୍କ ଲାଗି ୨ ଲକ୍ଷ ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। କୃଷକଙ୍କୁ ପିଏମ କିଶାନ ନିଧିର ଆଡଭାନ୍ସ କିସ୍ତି ପ୍ରଦାନ କରାଯିବ ବୋଲି ମୋଦୀ କହିଛନ୍ତି।

ଅନ୍ୟପଟେ ଗୁଜରାଟ ଅହମଦାବାଦରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ରାତିରେ ଦମ୍ପତି ପାଣି ଭର୍ତ୍ତି ସଡ଼କ ଦେଇ ଯାଉଥିଲେ। ରାସ୍ତାରେ ଥିବା ଖାଲରେ କରେଣ୍ଟ ତାର ଥିଲା। ଏହା ସଂସ୍ପର୍ଶରେ ଆସିଯିବାରୁ ଉଭୟଙ୍କ ମୃତ୍ୟୁ ହୋଇଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ସେହିପରି ଉତ୍ତର ଗୁଜରାଟ ଏବଂ ସୌରାଷ୍ଟ୍ରରେ ଗତ ତିନି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏହା ଦ୍ୱାରା କଚ୍ଛର ମରୁଭୂମିରେ ପ୍ରଥମ ଥର ପାଇଁ ବନ୍ୟା ଆସିଛି। ଏହାର କିଛି ଅଞ୍ଚଳ ଗୁଜରାଟର ବନାସକାଣ୍ଠାକୁ ଲାଗିଛି। ଏଠାରେ ଥିବା ଇଣ୍ଡୋ-ପାକ୍ ନଡାବେଟ ସୀମା ବୁଡ଼ି ଯାଇଛି। ଏହି ମରୁଭୂମି ଅଞ୍ଚଳ ଏବେ ସମୁଦ୍ରରେ ପରିବର୍ତ୍ତିତ ହୋଇଯାଇଛି। ସେହିପରି ଉତ୍ତର ପ୍ରଦେଶରେ ଗଙ୍ଗା, ଯମୁନା ସମେତ ସବୁ ବଡ଼ ନଦୀ ଫୁଲି ଉଠିଛି। ହଥିନୀ କୁଣ୍ଡ ବ୍ୟାରେଜରୁ ପାଣି ଛଡ଼ାଯିବା ଯୋଗୁଁ ମଥୁରା ବୃନ୍ଦାବନର ସ୍ଥିତି ବିଗିଡ଼ି ଯାଇଛି। ୫୦ ପ୍ରତିଶତ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଛି। ରାଧା ବଲ୍ଲଭ ମନ୍ଦିରରେ ପାଣି ଭର୍ତ୍ତି ହୋଇଯାଇଛି। ବୃନ୍ଦାବନ ପରିକ୍ରମା ମାର୍ଗ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି। ବାଙ୍କେ ବିହାରୀ ମନ୍ଦିରରୁ ମାତ୍ର ୧୦୦ ମିଟର ଦୂରରେ ଯମୁନା ପାଣି ରହିଛି। ଏବେ ରାଜ୍ୟର ୪୮ ଜିଲ୍ଲାରେ ବନ୍ୟା ସ୍ଥିତି ଲାଗି ରହିଛି। ସେହିପରି ପ୍ରଧାନମନ୍ତ୍ରୀ ବନ୍ୟା ପୀଡ଼ିତ ପଞ୍ଜାବ ଗସ୍ତରେ ଯାଇ ୧୬୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦେଇଛନ୍ତି। ସେ ଗୁରଦାସପୁରରେ ପ୍ରଭାବିତ ଚାଷୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଟିମ୍ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହ ମଧ୍ୟ ବୈଠକ କରିଛନ୍ତି।

# ପରିତ୍ୟକ୍ତ ପୋଖରୀରୁ ଗଳିତ ମୃତଦେହ ଉଦ୍ଧାର

ବାରିପଦା/ କୁଳିଅଣା, ୯।୯(ସମିସ): କୁଳିଅଣା ଥାନା ଅନ୍ତର୍ଗତ ଗାଙ୍ଗରାଜ ଅଞ୍ଚଳର ଏକ ପରିତ୍ୟକ୍ତ ପୋଖରୀରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଉକ୍ତ ପୋଖରୀକୁ ଶୌଚ ହେବାକୁ ଯିବା ବେଳେ ଦୁର୍ଗନ୍ଧ ହୋଇଥିଲା। ଖୋଜାଖୋଜି କରିବାରୁ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। କୁଳିଅଣା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। କେହି ଦୁର୍ବୃତ୍ତ ଯୁବକଙ୍କୁ ହତ୍ୟା କରିବା ପରେ ଏଠାରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି। ପୁଲିସ ତଦନ୍ତ ଜାରି ରହିଛି।

# ମାଟି ତଳୁ ଦେଢ଼ବର୍ଷ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ମୋରଡା/ରାସଗୋବିନ୍ଦପୁର, ୯।୯(ସମିସ): ରାସଗୋବିନ୍ଦପୁର ପୁଲିସ ମଙ୍ଗଳବାର ମାଟି ତଳୁ ଦେଢ଼ବର୍ଷର ଏକ ଶିଶୁପୁତ୍ରର ମୃତଦେହକୁ ଉଦ୍ଧାର କରିଛି। ନାକିଚୁଆ ପଞ୍ଚାୟତର ଭାଲୁଘେରା ଗ୍ରାମର ସମୀର ପାତ୍ରଙ୍କ ସ୍ତ୍ରୀ ଦୁଇ ମାସ ତଳେ ପ୍ରାଣ ହରାଇଥିଲେ। ପରବର୍ତ୍ତୀ ସମୟରେ ସମୀର ବାହାରକୁ କାମ କରିବାକୁ ଯିବାରୁ ତାଙ୍କ ଦେଢ଼ବର୍ଷର ପୁଅ ବାପୁନକୁ ସମ୍ପର୍କୀୟ ମାମୁ ରଘୁ ବେସ୍ରାଙ୍କ ଘରେ ଛାଡ଼ିଥିଲେ। ବାପୁନଙ୍କ ଦେହ ଅସୁସ୍ଥ ହେବାରୁ ରଘୁଙ୍କ ପରିବାରଲୋକେ ଔଷଧ ଆଣି ଦେଇଥିଲେ ମଧ୍ୟ ସୁସ୍ଥ ହୋଇନଥିଲା। ଗତ ୭ ତାରିଖରେ ଶିଶୁପୁତ୍ରର ମୃତ୍ୟୁ ଘଟିବାରୁ ରଘୁଙ୍କ ପରିବାର ତାକୁ ମାଟି ଖୋଳି ପୋତି ଦେଇଥିଲେ। କିନ୍ତୁ ଶିଶୁର ମୃତ୍ୟୁକୁ ସନ୍ଦେହ କରି ଖୁଣ୍ଟା ବ୍ଲକ୍ ଗୌଡ଼ଗାଁ ଗ୍ରାମର ତାଙ୍କ ନିଜ ଅଜା ଅଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାରିପଦା, ୯।୯(ସମିସ): ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକ୍ସୋ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ଆଜି ଜଣେ ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀଜଣଙ୍କ ହେଲା, ରାସଗୋବିନ୍ଦପୁର ଥାନା ଅଞ୍ଚଳର ବିନୋଦ ରାମ (୩୫)। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାନୁଯାୟୀ, ୨୦୧୯ ଅକ୍ଟୋବର ୩ତାରିଖ ରାତି ପ୍ରାୟ ୧୦ଟାରେ କେହି ନଥିବାର ସୁଯୋଗ ନେଇ ବିନୋଦ ମହିଳାଙ୍କ ଘରେ ଜୋରଜବରଦସ୍ତ ପଶିଥିଲା। ପରେ ତାଙ୍କୁ ଛୁରି ଦେଖାଇ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ ଜଣାଇଲେ ସ୍ୱାମୀ ସହ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଏ ସଂପର୍କରେ ମହିଳାଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଘଟଣା ସଂପର୍କରେ ଜଣାଇବାରୁ ଅକ୍ଟୋବର ୨୧ରେ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରିଥିଲା। ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ତେବେ ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

# ୨ ଶିକାରୀ ଗିରଫ; ଦେଶୀ ବନ୍ଧୁକ ଓ ଧନୁତୀର ଜବତ

ବାରିପଦା, ୯।୯(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୨ଜଣ ଶିକାରୀ ଧରାପଡିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟୱର୍କ (ଏସଡବ୍ଲୁଆଇଏନ) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀକୁ ଧରିବାକୁ ବନ ବିଭାଗର ପ୍ରୟାସ ସଫଳ ହୋଇଛି। ବନ ବିଭାଗ ୨ଜଣ



ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରିଛି। ସେମାନେ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ ମାଙ୍କଡ଼ପଦା ଗ୍ରାମର ଗୋବିନ୍ଦ ସୋରେନ(୩୫) ଓ ଶରତ ଥାନା ଅନ୍ତର୍ଗତ ଲାବଣ୍ୟଦେଇପୁର ଗ୍ରାମର ମାରା ସିଂ(୫୦)। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ଧନୁ ଏବଂ ତୀର ଜବତ କରାଯାଇଛି। ଏହି ଶିକାରୀମାନେ ମାରାଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର ପୋଡ଼ାଡିହା ରେଞ୍ଜ ଅନ୍ତର୍ଗତ କୋର ଅଞ୍ଚଳ ମଧ୍ୟକୁ ପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା। ତାହାକୁ ଆଧାର କରି ଯାଞ୍ଚ ପ୍ରକ୍ରିୟା କରି ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀ ସଂପୃକ୍ତ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜୈବିକ ଚାଷ ପ୍ରତି ଅନାଗ୍ରହୀ ଓଡ଼ିଶା ଚାଷୀ

ଭୁବନେଶ୍ୱର, ୯।୯(ସମିସ): କୃଷି କ୍ଷେତ୍ରରେ ରସାୟନିକ ସାରର ବ୍ୟବହାର ପୂର୍ବାପେକ୍ଷା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଅଧିକ ଉତ୍ପାଦନ ପାଇଁ ଚାଷୀମାନେ ସାର ଓ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ହେଉଛି। ମାତ୍ର ଉତ୍ପାଦିତ ଫସଲର ଗୁଣାତ୍ମକମାନ ହ୍ରାସ ପାଉଛି। ଏହାକୁ ଲୋକମାନେ ଖାଦ୍ୟ ରୂପେ ଗ୍ରହଣ କରି ରୋଗଗ୍ରସ୍ତ ହେଉଛନ୍ତି। ବିଭିନ୍ନ ପ୍ରକାର ରୋଗର କାରଣ ବ୍ୟାପକ ସାର ବ୍ୟବହାର ବୋଲି ଏକାଧିକ ଗବେଷଣାରୁ ପ୍ରମାଣିତ ହୋଇଛି। ଏଥିସହ ମାଟିର ଉର୍ବରତା ହ୍ରାସ ପାଇବା ସହ ସାର ବ୍ୟବହାର ଯୋଗୁଁ ମାଟି ପଥୁରିଆ ହୋଇଯାଉଛି। ତେଣୁ କେନ୍ଦ୍ର ସରକାର ସାର ବ୍ୟବହାର ହ୍ରାସ କରି ଜୈବିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ତାହା ଫଳପ୍ରଦ ହୋଇପାରୁନି। ବିଶେଷକରି ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜୈବିକ ପଦ୍ଧତିରେ ପ୍ରସ୍ତୁତ କୀଟନାଶକ ବା ବାୟୋ ପେଷ୍ଟିସାଇଡ୍ କ୍ରୟ କରିବା ପାଇଁ ଚାଷୀମାନଙ୍କୁ ୫୦ ପ୍ରତିଶତ ରିହାତି ଯୋଗାଇ ଦିଆଯାଉଥିଲେ ବି କୃଷକ କିଣୁନାହାନ୍ତି। ସଚେତନତା ଅଭାବ ସହ ଉପଲବ୍ଧତାରେ ସମସ୍ୟା ଯୋଗୁଁ ଅଧିକ ଚାଷୀ ଏଥିରେ ସାମିଲ ହୋଇପାରୁ ନାହାନ୍ତି।

ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରେ ପରମ୍ପରାଗତ କୃଷି ବିକାଶ ଯୋଜନା(ପିକେଭିୱାଇ) କାର୍ଯ୍ୟକାରୀ କରାଯାଇଛି। ୨୦୨୧-୨୨ ରୁ ୨୦୨୩-୨୪

**■ ସାର ଓ କୀଟନାଶକ ଛାଡ଼ିପାରୁ ନାହାନ୍ତି**
**■ ଯୋଜନା ହେଉଛି, କାର୍ଯ୍ୟାନ୍ୱୟନ ହେଉନି**

ବର୍ଷ ପାଇଁ ୧୦ଟି ଜିଲ୍ଲାରେ ଏଥିପାଇଁ ୧ହଜାର ହେକ୍ଟର ଜମି ଚିହ୍ନଟ ହୋଇଥିଲା। ଏହାପରେ ୧୫ଟି ଜିଲ୍ଲାରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି(ବିପିକେପି) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ୨୦୨୨-୨୩ ରୁ ୨୦୨୩-୨୪ ବର୍ଷ ପାଇଁ ୨୪ହଜାର ହେକ୍ଟର ଜମିରେ ଏହି ଚାଷ ହୋଇଥିଲା। ଏହାପରେ ୨୦୨୪-୨୫ ବର୍ଷଠାରୁ ପୁର୍ନବାର ପିକେଭିୱାଇ ଯୋଜନାରେ ୪ଟି ଜିଲ୍ଲାରେ ୬୫୦୦ ହେକ୍ଟର ଜମିରେ ଜୈବିକ ଚାଷ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ଚାଷରେ ଗୋବର ଖତ, କମ୍ପୋଷ୍ଟ ଓ ଜିଆ ଖତ ପ୍ରସ୍ତୁତ ସହ ବହୁଳ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ କୃଷକମାନଙ୍କୁ ପ୍ରଶିକ୍ଷଣ ସହିତ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେବେ ପ୍ରୋତ୍ସାହନ ରାଶି ପାଇଲା ପରେ ବହୁ ସ୍ଥାନରେ କୃଷକମାନେ ଜୈବିକ ଚାଷରୁ ମୁହଁ ଫେରାଇ ନେଉଥିବାରୁ ଏହି ଯୋଜନା ସେତେଟା ଆଗେଇ ପାରୁନାହିଁ। ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷିଜାତ ସାମଗ୍ରୀର ଅଧିକ ଚାହିଦା ରହୁଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ରାଜ୍ୟରେ ଚାଷୀମାନେ ଧାନଠାରୁ ଆରମ୍ଭକରି ପନିପରିବା ପର୍ଯ୍ୟନ୍ତ ଚାଷ କ୍ଷେତ୍ରରେ ରସାୟନିକ ସାର ଓ କୀଟନାଶକ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

ରସାୟନିକ ସାର ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଦେଶର ୧୭ତମ ସ୍ଥାନରେ ଥିବାବେଳେ କୀଟନାଶକ ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବାର୍ଷିକ ୧୧୪୩ ମେଟ୍ରିକ ଟନ୍ କୀଟନାଶକ ବ୍ୟବହାର ହେଉଛି। ଦିନକୁ ଦିନ ଚାଷୀମାନେ ଅଧିକରୁ ଅଧିକ ପରିମାଣରେ ରସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳ ହେଉଛନ୍ତି। ଓଡ଼ିଶା ବର୍ତ୍ତମାନ ଜାତୀୟସ୍ତରରେ ଚାଉଳ ଉତ୍ପାଦନ କ୍ଷେତ୍ରରେ ୫ମ ସ୍ଥାନରେ ଥିବାବେଳେ ଛତୁ ଏବଂ କନ୍ଦମୂଳ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ପଣସ ଉତ୍ପାଦନରେ ଦ୍ୱିତୀୟ, କାଜୁବାଦାମରେ ତୃତୀୟ, ଲଙ୍କା ଉତ୍ପାଦନରେ ଚତୁର୍ଥ ଓ ପନିପରିବା ଉତ୍ପାଦନରେ ସପ୍ତମ ସ୍ଥାନରେ ରହିଛି। ଆମ୍ବ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ରହିଛି ଓଡ଼ିଶା। ତେବେ ଏହିସବୁ ଚାଷ ପାଇଁ ଚାଷୀମାନେ ଜୈବିକ ପଦ୍ଧତି ଅପେକ୍ଷା ରସାୟନିକ ସାର ଓ କୀଟନାଶକ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

# କୁକୁର ମୁହଁରୁ ହରିଣ ଶାବକ ଉଦ୍ଧାର



ଅନୁଗୋଳ, ୯।୯(ସମିସ): ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ତଳଗଡ଼ ମୁଣ୍ଡାସାହିରୁ ଏକ କ୍ଷତାକ୍ତ ହରିଣ ଛୁଆକୁ ବନବିଭାଗ ଉଦ୍ଧାର କରିଛି। ରବିବାର ସକାଳେ ହରିଣ ଛୁଆକୁ କୁକୁର ଗୋଡ଼ାଉଥିବା ବନବିଭାଗକୁ ଖବର ମିଳିଥିଲା। ଖିଣ୍ଡା ସେକ୍ସନ ଟିମ୍ ତୁରନ୍ତ ପହଞ୍ଚି କୁକୁର ମୁହଁରୁ ହରିଣ ଛୁଆକୁ ଉଦ୍ଧାର କରିଥିଲେ। ତାକୁ ବନ୍ତଳା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିକିତ୍ସା କରାଯିବା ସହ ନିରୀକ୍ଷଣରେ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର୍ ଶ୍ରୀନିବାସ ସାହୁ, ଫରେଷ୍ଟ ଗାର୍ଡ ସିତୁ ବେହେରା, ହାତୀ ସ୍କ୍ୱାଡ୍ ତରୁଣ ଦେହୁରୀ, ଯୁଗଳ ମୁଦୁଲି, ସରୋଜ ପ୍ରଧାନ ଓ ଗଜମିତ୍ର ସଞ୍ଜୟ ବେହେରା ପ୍ରମୁଖ ସାମିଲ ଥିଲେ।

**ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିଶୁବାଟିକା ଶିଶୁ ସେବିକା ନିଯୁକ୍ତିକୁ ଚାଲେଞ୍ଜ**

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

କଟକ, ୯। ୯(ସମିସ): ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା ଶ୍ରେଣୀ ଖୋଲାଯାଇ ଏଥିରେ ଅଣପ୍ରଶିକ୍ଷିତ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ମାମଲା ହାଇକୋର୍ଟରେ ପହଞ୍ଚିଛି। ନିଯୁକ୍ତି ଆଶାୟୀମାନେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ଅଦାଲତ। ଦିବ୍ୟଲୋଚନ ମହାନ୍ତ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନ ଗୁଡିକର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ କହିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ପରେ ରାଜ୍ୟରେ ୬ବର୍ଷରୁ କମ ବୟସର ଶିଶୁଙ୍କ ପାଇଁ ଗତ ୨୦୨୫ଜୁନ୩୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଶିଶୁ ବାଟିକା ବର୍ଗ ଖୋଲାଯାଇଥିଲା। ସେହିଭଳି ଗତ ୨୦୨୫ ଅଗଷ୍ଟ୨୦ରେ ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ପାଇଁ ଶିଶୁ ସେବିକା ମାନଙ୍କୁ ନିଯୁକ୍ତି ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଶ୍ରେଣୀରେ ନାମ ଲେଖାଉଥିବା ଶିଶୁଙ୍କ ଯତ୍ନ ତଥା ମୂଳଦୁଆ ଶିକ୍ଷା ପାଇଁ ଇସିସିଇ(ଇଅରଲି ଚାଇଲଡହୁଡ କେୟାର ଆଣ୍ଡ ଏଜୁକେସନ)ରେ ପ୍ରଶିକ୍ଷଣପ୍ରାପ୍ତଙ୍କୁ ଶିଶୁ ସେବିକା ଭାବେ ନିଯୁକ୍ତ କରାନଯାଇ ଅଣପ୍ରଶିକ୍ଷିତ ତଥା ମାଟ୍ରିକ ପାସ କରିନଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ଜାତୀୟ ଶିକ୍ଷା ନୀତିର ଉଲ୍ଲଙ୍ଘନ କରୁଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଶିଶୁ ବାଟିକା ପାଇଁ ପ୍ରଶିକ୍ଷଣପ୍ରାପ୍ତ ଇସିସିଇ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ସେପ୍ଟେମ୍ବର୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

**କୋରାପୁଟ ବଡ଼ ମେଡ଼ିକାଲରେ ସଫଳ ଅସ୍ତ୍ରୋପଚାର**

# ଯୁବକଙ୍କ ଶରୀରରୁ ବାହାରିଲା ତୀର



କୋରାପୁଟ, ୯।୯(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ପାକାନାଗୁଡ଼ା ପଞ୍ଚାୟତ ନାୟକଗୁଡ଼ା ଗ୍ରାମର ଲକ୍ଷ୍ମଣ ଗୌଡ଼ ତୀର ମାଡ଼ରେ ଗୁରୁତର ହୋଇ ସୋମବାର ରାତିରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଶରୀରରେ ତୀର ଲାଗିଥିବା ଅବସ୍ଥାରେ ତାଙ୍କର ଚିକିତ୍ସା ଚାଲିଥିଲା। ଆଜି ସଫଳ ଅସ୍ତ୍ରୋପଚାର କରାଯାଇ ତାଙ୍କ ଶରୀରରୁ ତୀକୁ ବାହାର କରାଯାଇଥିବା ଜଣାପଡ଼ିଛି। ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ଅଭିଷେକ ପାତ୍ରଙ୍କ ନେତୃତ୍ୱରେ ଡାକ୍ତର ମୃତ୍ୟୁଞ୍ଜୟ ମଲ୍ଲିକ, ନିସ୍ତେଜକ ବିଶେଷଜ୍ଞ ସହକାରୀ ପ୍ରଫେସର ଡାକ୍ତର ଗୋପାଳ ନାୟକ ଏବଂ ଓଟି କର୍ମଚାରୀ ମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଅପରେସନ କରିଥିଲେ। ଗୁରୁତର ଅବସ୍ଥାରେ ଲକ୍ଷ୍ମଣ ସୋମବାର ରାତି ପ୍ରାୟ ୯ଟାରେ ହସ୍ପିଟାଲରେ ପହଞ୍ଚିଥିଲେ। ରାତି ୧୦ଟାରୁ ଅପରେସନ ଆରମ୍ଭ ହୋଇ ରାତି ଗୋଟାଏ ବେଳେ ଶେଷ ହୋଇଥିବା ପ୍ରଫେସର୍ ଅଭିଷେକ ପାତ୍ର କହିଛନ୍ତି। ଅପରେସନ ବହୁତ ଜଟିଳ ଥିଲା। ଲକ୍ଷ୍ମଣଙ୍କ ଶରୀର ଭିତରେ ତୀର ପ୍ରାୟ ୮ଇଞ୍ଚ ପଶିଥିବା ବେଳେ ଶରୀରରୁ ପ୍ରାୟ ଦେଢ଼ ଲିଟର ରକ୍ତ ବୋହି ଯାଇଥିଲା। ଅନ୍ତଃନଳୀର ଦୁଇଟି ସ୍ଥାନରେ ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଅଧା କଟି ଥିଲା। ତେଣୁ ଅତ୍ୟନ୍ତ ସାବଧାନତାର ସହ ଅସ୍ତ୍ରୋପଚାର କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ଆତ୍ମସମର୍ପଣ କଲେ ୭ ଫେରାର ଶିକାରୀ

ବାରିପଦା, ୯।୯(ସମିସ): ବନ୍ୟଜନ୍ତୁ ଶିକାର ଘଟଣାରେ ଜଡ଼ିତ ୭ ଜଣ ଫେରାର୍ ଶିକାରୀ ବନ ବିଭାଗ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟୱର୍କ, ବନ କର୍ମଚାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହଯୋଗରେ ଏହି ଶିକାରୀମାନେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଶରତ ଥାନା ଅନ୍ତର୍ଗତ କାଟୁରିଆ ଗ୍ରାମର ଚମ୍ପାଇ ସିଂ, ପ୍ରଧାନ ସିଂ, କର ସିଂ,



କନ୍ଦ ଗାଗରାଇ, ଅଇଁଠୁ ସିଂ, ରାମ ସିଂ ଗାଗରାଇ ଓ ଠାକୁରା ସୋରେନ। ସେମାନଙ୍କ ପାଖରୁ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏମାନେ ଦୀର୍ଘ ଦିନ ଧରି ଫେରାର୍ ଥିଲେ। ମଙ୍ଗଳବାର ପୋଡ଼ାଡିହା ରେଞ୍ଜ କାର୍ଯ୍ୟାଳୟରେ ସରପଞ୍ଚ ଏବଂ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଏଥିସହ ଗ୍ରାମର ଅନ୍ୟ ଶିକାରୀମାନେ ମଧ୍ୟ ଶିକାର ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାରେ ସମୁଦାୟ ୭ଟି ଦେଶୀ ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି।

**■ ସାପକାମୁଡ଼ା ରୋଗୀଙ୍କୁ ଝଡ଼ାଫୁଙ୍କା**

# ଭାଇ-ଭଉଣୀ ମୃତ

ଉମରକୋଟ, ୯।୯(ସମିସ): ସାପକାମୁଡ଼ାରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ରାଜପୁର ଅଞ୍ଚଳରେ ଏପରି ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ରାଜପୁର ଗ୍ରାମର ଜଗତୁ ହରିଜନଙ୍କ ପୁଅ ରୁଜୁରାଜ ହରିଜନ (୯ମାସ) ଓ ଭଉଣୀ ଅମିତା ହରିଜନ



(୧୧)। ଗତରାତିରେ ସମସ୍ତେ ଖାଇପିଇ ଘରେ ଶୋଇଥିବା ବେଳେ ଉଭୟଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଦୁହିଁଙ୍କୁ ଡାକ୍ତରଖାନା ନେବା ବଦଳରେ ଗୁଣିଆ ପାଖକୁ ଝଡ଼ାଫୁଙ୍କା କରିବାକୁ ନେଇଥିଲେ। ଭଲ ନହେବାରୁ ବହୁ ବିଳମ୍ବରେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରଥିଲା। ସଚେତନତା ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

# ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର

ପୁରୀ, ୯।୯(ସମିସ): ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର ହୋଇଛି। ୨୦ ଲକ୍ଷ ଟଙ୍କା ପାଇଁ ନାବାଳକକୁ ମୁଣ୍ଡ ଜାମିନ ରଖିଥିଲେ ଦୁର୍ବୃତ୍ତ। ସୂଚନାନୁଯାୟୀ, ୩ଜଣ ଦୁର୍ବୃତ୍ତ ସୋନପୁରରୁ ନାବାଳକକୁ ରବିବାର ଏକ କାର୍‌ରେ ଅପହରଣ କରି ପୁରୀ ନେଇ ଆସିଥିଲେ। ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍‌ରେ ସୋମବାର ରାତି ପ୍ରାୟ ୮ଟାରେ ପହଞ୍ଚିଥିଲେ। ଏନେଇ ନାବାଳକଙ୍କ ପରିବାରଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ପୁରୀ ପୁଲିସର ସହଯୋଗ ନେଇଥିଲା ସୋନପୁର ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ତେବେ ଦୁର୍ବୃତ୍ତମାନେ ନାବାଳକକୁ ନରେନ୍ଦ୍ର କୋଣର ଏକ ଲଜ୍‌ରେ ରଖିଥିବା ବିଶେଷସୂତ୍ରରୁ ପୁଲିସ ଖବର ପାଇଥିଲା। ବିଳମ୍ବିତ ରାତିରେ ସମ୍ପୃକ୍ତ ଲଜ୍‌ରେ ପୁଲିସ ଚଢ଼ଉ କରି ନାବାଳକକୁ ଉଦ୍ଧାର କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା କାର୍‌କୁ ପୁଲିସ ଜବତ କରିଥିବାବେଳେ ପୁରୀ ପୁଲିସ ନାବାଳକକୁ ସୋନପୁର ପୁଲିସକୁ ହସ୍ତାନ୍ତର କରିଛି। ନାବାଳକ ବାପାଙ୍କର ଏକ ଭେରାଇଟି ଷ୍ଟୋର ସୋନପୁରରେ ରହିଛି। ଅପହରଣକାରୀମାନେ ଦୋକାନ ପାଖ ଅଞ୍ଚଳର ହୋଇଥିବାବେଳେ ପୁଲିସ ସେମାନଙ୍କୁ ଚିହ୍ନଟ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୁଲିସ କହିଛି।

**୨୦ ଲକ୍ଷ ଟଙ୍କା ପାଇଁ ମୁଣ୍ଡ ଜାମିନ ରଖିଥିଲେ**

# ଦେବୀ ନଦୀକୁ ଆସୁନାହାନ୍ତି ଇଲିସି

ଅସ୍ତରଙ୍ଗ, ୯।୯(ସମିସ): ଦେବୀ ନଦୀକୁ ଆଉ ଆସୁନାହାନ୍ତି ଇଲିସି। ଦେବୀ ମୁହାଣଠାରୁ ଉପରମୁଣ୍ଡର ଶିଖରଘାଟ ପର୍ଯ୍ୟନ୍ତ ପ୍ରାୟ ୨୦କିଲୋମିଟର ପର୍ଯ୍ୟନ୍ତ ସମୁଦ୍ରର ଜୁଆର ଓ ଭଟ୍ଟା ସମୟରେ ଲୁଣାଜଳ ପ୍ରବାହିତ ହୋଇଥାଏ। ଦେବୀ ନଦୀର ଏହି ସବୁ ଅଞ୍ଚଳରେ ଅନେକ ପ୍ରଜାତିର ମାଛ ପ୍ରଚୁର ପରିମାଣରେ ମିଳିଥା'ନ୍ତି। ବିଶେଷକରି ନୂଆପାଣି ବର୍ଷା ହୋଇ ନଦୀରେ

**■ ଜୀବିକା ଚିନ୍ତାରେ ମତ୍ସ୍ୟଜୀବୀ**
**■ ମଶାରି ଜାଲରେ ଧରାଯାଉଛି ଯାଆଁଳ**
**■ ବେଆଇନ ଚିଙ୍ଗୁଡ଼ିଘେରି ଓ ରାସାୟନିକ ପ୍ରତିକ୍ରିୟା ମୁଖ୍ୟ କାରଣ**

ଗୋଳିପାଣି ଆସିବା ସମୟରେ ଇଲିସି ମାଛ ପ୍ରଚୁର ପରିମାଣରେ ଦେଖାଦେଇଥା'ନ୍ତି। ଇଲିସି ମାଛ ଭଳି ଖଇଙ୍ଗା, ପୋଟେଇ, ଖୁରାଣ୍ଟ, ବେକ୍‌ଟି, ଚିଉଳ ଭଳି ସୁଆଦିଆ ମାଛମାନଙ୍କ ଭଣ୍ଡାର ଭାବେ ଦେବୀ ନଦୀ ବେଶ୍ ଜଣାଶୁଣା। ଏଠାରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଏହି ସବୁ ମାଛକୁ ଡଙ୍ଗା ଜାଲରେ ଧରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର



ସ୍ଥାନୀୟ ବଜାର ସହ ବାହାର ଜିଲ୍ଲାମାନଙ୍କରେ ବିକ୍ରି କରି ବେଶ୍ ଅର୍ଥ ରୋଜଗାର କରି ସେମାନଙ୍କ ପରିବାର ପ୍ରତିପୋଷଣ କରିଥା'ନ୍ତି। କିନ୍ତୁ, ବିଗତ କିଛି ବର୍ଷ ହେବ ଦେବୀ ନଦୀରେ ଇଲିସି ଭଳି ସୁଆଦିଆ ତଥା ଦାମିକା ମାଛ ସ୍ୱପ୍ନ ହୋଇଯାଇଥିବା ବେଳେ ଖଇଙ୍ଗା, ପୋଟେଇ, ଖୁରାଣ୍ଟ, ବେକ୍‌ଟି, ସୋରଡି ଭଳି ମାଛ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଜାଲରେ ପୂର୍ବାପେକ୍ଷା ଏ ସବୁ ମାଛ କମ୍ ପରିମାଣରେ ଦେଖିବାକୁ ମିଳୁଛି।

ପୂର୍ବରୁ ମତ୍ସ୍ୟଜୀବୀମାନେ ନଦୀରୁ ଥରକେ ବୁହାଣକୁ ଯାଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ଇଲିସି, ଖଇଙ୍ଗା, ଜଗର ମାଛ ଧରୁଥିଲେ। ଏବେ ସମାନ ଭାବେ ମତ୍ସ୍ୟଜୀବୀମାନେ ନଦୀକୁ ଥରେ ବୁହାଣ କରିବାକୁ ଗଲେ, ମାତ୍ର ୧୦ରୁ ୧୫ କେଜି ମାଛ ଧରୁଛନ୍ତି ବୋଲି ଜଣେ ମାଛଧରାଳି କହିଛନ୍ତି। ଫଳରେ ମତ୍ସ୍ୟଜୀବୀଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଦେବୀ ନଦୀରେ ମାଛ ସଂଖ୍ୟା କମିବା ଏବଂ ଲୋପ ହେବାର ଅନେକ କାରଣ ଏବେ ସାମ୍ନାକୁ ଆସିଛି।

ପରିବେଶବିତ୍‌ମାନଙ୍କ ମତରେ, ଦେବୀ ନଦୀରେ ମତ୍ସ୍ୟ ସମ୍ପଦ ଲୋପ ହେବାର ଅନେକ କାରଣ ରହିଥିବା ବେଳେ ପରିବେଶ ପ୍ରଦୂଷଣ, ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁକୁ ସିଧାସଳଖ ନଦୀ ଏବଂ ସମୁଦ୍ରକୁ ଛାଡ଼ିବା ଏବଂ ଦେବୀ ନଦୀର ମୁହାଣ ପୋତି ହୋଇଯିବା, ବେଆଇନ ଚିଙ୍ଗୁଡ଼ିଘେରିରୁ ନିର୍ଗତ ରାସାୟନିକ ପାଣି, ଦଲାଲମାନଙ୍କ ଦ୍ୱାରା ମଶାରି ଜାଲରେ ଧରାଯାଉଥିବା ଚିଙ୍ଗୁଡ଼ି, ଖଇଙ୍ଗା ଯାଆଁଳକୁ ମୁଖ୍ୟ କାରଣ ଭାବରେ ଦାୟୀ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଏସବୁ ଦିଗ ଉପରେ ନଜର ରଖି ଦେବୀ ନଦୀ ମୁହାଣକୁ ଖୋଲିବା, କାରଖାନାର ବର୍ଜ୍ୟବସ୍ତୁକୁ ନଦୀ, ସମୁଦ୍ରକୁ ଛାଡ଼ିବା ଉପରେ ରୋକ୍ ଲଗାଇବା, ବେନିୟମ ଭାବରେ ନଦୀ ସମୁଦ୍ରରୁ ଧରାଯାଉଥିବା ମାଛ ଯାଆଁଳ ଉପରେ କଟକଣା ଲଗାଇବା, ବେଆଇନ ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରିବା ସହିତ ଏହିସବୁ କାର୍ଯ୍ୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।

# ଭିତରକନିକାରେ ୧ ଲକ୍ଷ ୩୦ ହଜାର ୭୯୬ ଦେଶୀୟ ପକ୍ଷୀ

ରାଜନଗର, ୯।୯(ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ରହିଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୩୦,୭୯୬କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ୧୪୦୯ଟି ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଥିବା ଜଣାପଡ଼ିଛି।

**ଗତବର୍ଷଠାରୁ ୬୭୩ ଅଧିକ ପକ୍ଷୀ**

ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କରଙ୍କ ସୂଚନା ମୁତାବକ, ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ ତାରିଖ ଯାଏଁ ତିନିଦିନ ଧରି ଭିତରକନିକାର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀ ଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନରେ ବନ ବିଭାଗର ୩ଟି ଟିମ ପକ୍ଷୀ ଗଣନା କରିଥିବା ବେଳେ ଜାତୀୟ ଉଦ୍ୟାନ ବାହାରେ ଦୁଇଟି ଟିମ୍ ପକ୍ଷୀ ଗଣନା କରିଥିଲେ।

ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ, ଖଇରାବଗ,



ମାଟିଆବଗ, ପାଣିକୁଆ, ଅନ୍ଧାରିଆବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ମଠଆଡ଼ିଆରେ ୧୩୨୬୧ ବସାରେ ୨୬,୫୨୨ ବଡ଼ପକ୍ଷୀ ଓ ୩୭୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡ଼ିଆରେ ୨୭୧୮୮ ବଡପକ୍ଷୀ ଓ ୩୬୩୬୪ ଶାବକ, ଦୁର୍ଗାପ୍ରସାଦଡ଼ିଆରେ ୧୧୮ ବଡ଼ପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡପକ୍ଷୀ ଓ ୧୯୪୪ ଶାବକ ପକ୍ଷୀଙ୍କୁ ଗଣନା ସମୟରେ ଠାବ କରଯାଇଥିଲା।

### ବିନା ଫିଟ୍‌ନେସ୍‌ରେ ରୋଗୀ ପରିବହନ ପଡ଼ିଲା ମହଙ୍ଗା

# ୧୩ ଘରୋଇ ଆମ୍ବୁଲାନ୍ସର କଟିଲା ୨.୬୭ ଲକ୍ଷ ଚାଲାଣ

ବାହାନଗା, ୯।୯ (ସମିସ)



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିବହନ ନିୟମକୁ ଉଲ୍ଲଂଘନ କରି ଫିଟନେସ ଏବଂ ଇନ୍ସୁରାନ୍ସ ଅବଧି ସରିଯାଇଥିବା ଏକାଧିକ ଘରୋଇ ଆମ୍ବୁଲାନ୍ସ ବିପଦପୂର୍ଣ୍ଣ ଭାବେ ରୋଗୀ ପରିବହନ କରୁଥିବାବେଳେ ଚେଇଁ ଶୋଇଥିବା ପରିବହନ ବିଭାଗ 'ସକାଳ'ରେ ଖବର ପ୍ରସାରଣ ପରେ ଆକ୍ସନ ମୋଡ଼କୁ ଆସିଛି। ନିୟମ ଉଲ୍ଲଙ୍ଘନ କରିଥିବା ଘରୋଇ ଆମ୍ବୁଲାନ୍ସ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋଟା ଅଙ୍କର ଚାଲାଣ କଟିଥିବା ଜଣାପଡିଛି।

ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ରେମୁଣା ଠାରେ କାର୍ଯ୍ୟକ୍ଷମ ହେବା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବିଭିନ୍ନ ବିଭାଗ ସହ କିଛି ଅତ୍ୟାବଶ୍ୟକୀୟ ସାମଗ୍ରୀ ରେମୁଣାକୁ ସ୍ଥାନାନ୍ତର ହୋଇଛି। କିନ୍ତୁ ଅଦ୍ୟାବଧି ରେମୁଣା ସ୍ଥିତ ମେଡିକାଲ କଲେଜରେ ନିଜସ୍ୱ ରୋଗ ପରୀକ୍ଷା ମେସିନ ନ ଥିବାରୁ ରୋଗୀମାନେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ରୋଗୀ ରେମୁଣାରେ ଆଡମିଶନ ହେଉଥିବା ବେଳେ ରୋଗ ପରୀକ୍ଷା ପାଇଁ ୭ କି.ମି ଦୂର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀଙ୍କୁ ଆସିବାକୁ ପଡୁଛି। ସରକାରୀ ଆମ୍ବୁଲାନ୍ସ ଅନେକ ଅଚଳ ହୋଇ ପଡ଼ିଥିବା ବେଳେ ମେଡିକାଲରେ ପର୍ଯ୍ୟାପ୍ତ ସଂଖ୍ୟାରେ ନଥିବା ବେଳେ ରୋଗୀଙ୍କୁ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଏହାର ସୁଯୋଗ ନେଇ ଅସାଧୁ ଘରୋଇ ଆମ୍ବୁଲାନ୍ସ ମାଲିକ ମାନେ ରୋଗୀଙ୍କୁ ଶୋଷଣ ଜାରି ରଖିଛନ୍ତି। ୭ କିମି ରାସ୍ତା ପାଇଁ ଯିବା ଆସିବା ବାବଦକୁ ୨ ହଜାରରୁ ୪ ହଜାର ଟଙ୍କା ନିଆଯାଉଥିବାର ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। କେବଳ ସେତିକି ନୁହଁ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିସରରେ ରହି ରୋଗୀ ପରିବହନ କାର୍ଯ୍ୟରେ ନିୟୋଜିତ ଥିବା ଆମ୍ବୁଲାନ୍ସ ମଧ୍ୟରୁ ଏକାଧିକ ଆମ୍ବୁଲାନ୍ସର ଫିଟନେସ ଏବଂ ଇନ୍ସୁରାନ୍ସ ନଥିବା ବେଳେ ସେହି ଆମ୍ବୁଲାନ୍ସରେ ବିପଦପୂର୍ଣ୍ଣ ଭାବେ ରୋଗୀ ପରିବହନ କରୁଛନ୍ତି। ମୋଟା ଅଙ୍କରେ ଟଙ୍କା ଦେଇ ମଧ୍ୟ ସୁରକ୍ଷିତ ଯିବା ପରିବର୍ତ୍ତେ ବିପଦପୂର୍ଣ୍ଣ ଭାବେ ରୋଗୀମାନେ ଯିବାକୁ ବାଧ୍ୟ ହେଉଛନ୍ତି। ପରିବହନ ବିଭାଗ ସାଧାରଣ ଗାଡି ଚାଳକଙ୍କୁ ନିୟମର ପାଠ ପଢାଉଥିବା ବେଳେ ଟିକେ ଭୁଲ କଲେ ଘରକୁ ମୋଟା ଅଙ୍କର ଚାଲାଣ କାଟି ପଠାଉଛି। ହେଲେ ଜରୁରୀ କାଳୀନ ସେବାରେ ନିୟୋଜିତ ଥିବା ତଥା ପରିବହନ ବିଭାଗର ନିୟମ ଉଲ୍ଲଂଘନ କରି ନିୟମର ଧଜିଆ ଉଡାଇ ବିପଦପୂର୍ଣ୍ଣ ଭାବେ ରୋଗୀଙ୍କୁ ନେବା ଆଣିବା କରୁଥିବା ଘରୋଇ ଆମ୍ବୁଲାନ୍ସ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ନଜରକୁ ଆସିଥିଲା। ଏ ନେଇ ଗତ ୮ ତାରିଖରେ 'ସକାଳ'ରେ "ବିନା ଫିଟନେସରେ ଆମ୍ବୁଲାନ୍ସରେ ରୋଗୀ ପରିବହନ' ଶୀର୍ଷକ ଖବର ପ୍ରକାଶ ପରେ ପରିବହନ ବିଭାଗ ଆକ୍ସନ ମୋଡକୁ ଆସିଥିଲା। ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତଙ୍କ ନିର୍ଦ୍ଦେଶ କ୍ରମେ ପରିବହନ ବିଭାଗର ଟ୍ରାଫିକ ଇନିସ୍ପେକ୍ଟର ସମରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମେଡିକାଲ ନିକଟରେ ପହଞ୍ଚି ଘରୋଇ ଆମ୍ବୁଲାନ୍ସ ଗୁଡିକର କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ୧୩ଟି ଘରୋଇ ଆମ୍ବୁଲାନ୍ସ ପରିବହନ ବିଭାଗର ନିୟମ ଉଲ୍ଲଂଘନ କରିଥିବାରୁ ସେମାନଙ୍କ ଉପରେ ସମୁଦାୟ ୨ ଲକ୍ଷ ୬୭ ହଜାର ୫୦୦ ଟଙ୍କାର ଚାଲାଣ କାଟିଛି ବାଲେଶ୍ୱର ଆଞ୍ଚଳିକ ପରିବହନ ବିଭାଗ। ଏମିତି କି ଯେଉଁ ଆମ୍ବୁଲାନ୍ସ ଗୁଡିକର ଫିଟନେସ ଅବଧି ସରିଛି, ତୁରନ୍ତ ସେ ଗୁଡିକୁ ଫିଟନେସ ପାଇଁ ଆବେଦନ କରିବା ସହ ବିଭାଗ ଦ୍ୱାରା ଯାଞ୍ଚ କରାଇ ଫିଟନେସ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାର ପରିବହନ ବିଭାଗର ଟ୍ରାଫିକ ଇନିସ୍ପେକ୍ଟର ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ୨୬୮ ଗ୍ରାମ ବ୍ରାଉନସୁଗର ଜବତ

### ● ମହିଳାଙ୍କ ସମେତ ୩ ଗିରଫ, କାର ଜବତ

ଜଳେଶ୍ୱର / ଜଳେଶ୍ୱର ବ୍ଲକ, ୯।୯ (ସମିସ) : ଜଳେଶ୍ୱର ପୁଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ସବୁଦିନ ପରି ବ୍ରାଉନସୁଗର ଚଢ଼ାଉ ନାମରେ ଛୋଟ ଛୋଟ ମାଛ ଧରୁଥିବା ଜଳେଶ୍ୱର ପୁଲିସ ବହୁତ ଦିନର ବ୍ୟବଧାନ ପରେ କମାରସିଆଲ୍ ଆମାଉଣ୍ଟର ବ୍ରାଉନସୁଗର ଜବତ୍ କରି ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସେକବାଡ ଗ୍ରାମର ଅନିତା ବାରିକ, ପଥରପୁରା ଗ୍ରାମର ସେକ ଶୁଭାନୁଦ୍ଦିନ ଓ ଦେଉଳି ପଞ୍ଚୁଘଣ୍ଟା ଗ୍ରାମର ଉତ୍ତମ ମହାନ୍ତି। ପୁଲିସକୁ କୌଣସି ଏକ ସୂତ୍ରରୁ ଖବର ମିଳିଥିଲା ଯେ ଏକ କାର ରେ ବିପୁଳ ପରିମାଣରେ ବ୍ରାଉନସୁଗର ଚାଲାଣ ହେଉଛି। ପୁଲିସ ଚାଳନ୍ତି ବାଇପାସ୍ ନିକଟରେ ଜଗି ରହିଥିଲା। ଏହି ସମୟରେ ଆସୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ୨୬୮ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ସେମାନଙ୍କ ଠାରୁ ଉକ୍ତ କାର ସହ ୪ଟି ମୋବାଇଲ, ଦୁଇ ହଜାର ଟଙ୍କା ଜବତ ମଧ୍ୟ ଜବତ ହୋଇଛି। ଏ ନେଇ ଜଳେଶ୍ୱର ଥାନା ଏସଆଇ ରାଜଲକ୍ଷ୍ମୀ ଦାସଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ।

## ଜଳେଶ୍ୱରର ନାନା ସମସ୍ୟା ନେଇ ଡେଭେଲପମେଣ୍ଟ କମିଟିର ଉଦ୍‌ବେଗ



ଜଳେଶ୍ୱର/ବ୍ଲକ, ୯।୯ (ସମିସ): ପଶ୍ଚିମବଂଗକୁ ଲାଗି ଓଡିଶାର ସୀମାନ୍ତ ବ୍ଲକଭାବେ ଜଳେଶ୍ୱରର ବିଭିନ୍ନ ସମସ୍ୟାକୁ ନେଇ ଆଜି ଜଳେଶ୍ୱର ଡେଭେଲପମେଣ୍ଟ କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରା ଯାଇଛି। ଆନନ୍ଦପ୍ଲାଜାଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ରତ୍ନାକର ରାୟ ସଭାପତିତ୍ୱ କରି ଆନ୍ତରାଜ୍ୟ ସୀମା ସମସ୍ୟା, ବାଲି ଚୋରା ଚାଲାଣ, ସୀମାନ୍ତବର୍ତ୍ତୀ ଗାଁ ଗୁଡିକରେ ରାସ୍ତାଘାଟର ସୁବିଧା ନ ଥିବା, ବିଦ୍ୟାଳୟ ମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବା, ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ ନ କରିବା, ନାଉଦହର ସଦ୍‌ବ୍ୟବହାର କରାଯିବା, କଂକ୍ରିଟ ନଦୀବନ୍ଧ ଓ ଅଧିକ ସ୍ଲୋର ନିର୍ମାଣ କରିବା, ଏମ୍‌ଏସ୍‌ଏମ୍‌ଇର ହାଟ ସୃଷ୍ଟି କରିବା, ସ୍ୱାସ୍ଥ୍ୟ ସେବାକୁ ଉନ୍ନତମାନର କରିବା, ଜଳେଶ୍ୱରକୁ ସବ୍‌ଡିଭିଜନ୍ ଓ ରାଇବଣିଆକୁ ବ୍ଲକ ଘୋଷଣା କରିବା ସହିତ ଦମକଳକେନ୍ଦ୍ର ସ୍ଥାପନ କରିବା ଲାଗି ଦାବି କରିଛନ୍ତି। ପଶ୍ଚିମବଂଗ ସରକାରଙ୍କ ଦ୍ୱାରା ଲୋଭନୀୟ ପ୍ରକଳ୍ପ ସୀମାନ୍ତବର୍ତ୍ତୀ ଗ୍ରାମ ମାନଙ୍କରେ ଘୋଷଣା କରାଯାଉଥିବାରୁ ଓଡିଶାର ଲୋକମାନେ ଢଳିଯିବାର ସମ୍ଭାବନାକୁ ଏଡାଇ ଯାଇପାରିବ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଂପାଦକ ବିପ୍ଲବ ପ୍ରଧାନ, ଉପସଭାପତି ତଥା ଗ୍ରାମ୍ୟମୁଖ୍ୟ ଜ୍ଞାନେନ୍ଦ୍ର ନାଥ ଜେନା, ଉପଦେଷ୍ଟା ଶଙ୍କର ଲାଲ ଦେ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଇଂ. ରାୟ ଗତ ବିଧାନସଭା ନିର୍ବାଚନରେ ବିଜେପି ଦଳର ଆଶାୟୀ ବିଧାୟକ ପ୍ରାର୍ଥୀ ଭାବେ ଦଳରେ ଆବେଦନ କରିଥିଲେ। ତେଣୁ ବିଜେପିରେ ଉକ୍ତ ଗୋଷ୍ଠୀ ସମାନ୍ତରାଳ ଭାବେ, ପରୋକ୍ଷରେ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା,ବ୍ଲକ ସ୍ତରରେ ନେତୃତ୍ୱଙ୍କୁ ଖୋଲା ଖୋଲି ଚାଲେଞ୍ଜ ଦେଉଥିବା ଆଲୋଚନା ହେଉଛି।

## ସ୍ମାର୍ଟ ମିଟର ସମ୍ପର୍କିତ ଦ୍ୱନ୍ଦ୍ୱ ଦୂର କରୁଛି ଟିପିଏନ୍‌ଓଡିଏଲ ଗ୍ରାହକ ସେବା କେନ୍ଦ୍ର

ବାଲେଶ୍ୱର, ୯।୯ (ସମିସ): ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଏବଂ ସେମାନଙ୍କ ମଧ୍ୟରେ ସେବା ସମ୍ପର୍କିତ କୌଣସି ଦ୍ୱନ୍ଦ୍ୱ ଥିଲେ ଏହାକୁ ଦୂର କରିବା ପାଇଁ ଟିପିଏନଓଡିଏଲ ସର୍ବଦା ଗୁରୁତ୍ୱ




ଦେଇ ଆସିଛି। ବିଶେଷତଃ ଉପଭୋକ୍ତାଙ୍କ ମଧ୍ୟରେ ସ୍ମାର୍ଟ ମିଟରକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିବାକୁ ଟିପିଏନଓଡିଏଲ ଅଗ୍ରାଧିକାର ଦେଇଛି। ଉପଭୋକ୍ତାଙ୍କ ମଧ୍ୟରେ ସ୍ମାର୍ଟ ମିଟର ସମ୍ପର୍କିତ ସଚେତନତା ସୃଷ୍ଟି କରିବା ତଥା ଏ ନେଇ ସେମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଟିପିଏନଓଡିଏଲର ପ୍ରତ୍ୟେକ ଗ୍ରାହକ ସେବା କେନ୍ଦ୍ରରେ ସ୍ମାର୍ଟ ମିଟର ଓ ସାଧାରଣ ବୈଦ୍ୟୁତିକ ମିଟର ସ୍ଥାପନ କରାଯାଇଛି। ଦୁଇଟି ମିଟରକୁ ସମାନ ବୈଦ୍ୟୁତିକ ଲୋଡ୍ ପ୍ରଦାନ କରାଯାଇ ସ୍ମାର୍ଟ ମିଟର ସମ୍ପର୍କିତ ଦ୍ୱନ୍ଦ୍ୱକୁ ଉପସ୍ଥିତ ଗ୍ରାହକ ସେବା ଅଧିକାରୀ ଦୂର କରିବାରେ ସହାୟତା କରୁଛନ୍ତି। ଟିପିଏନଓଡିଏଲର ବର୍ତ୍ତମାନ ୧୬ଟି ଡିଭିଜନ ଅଞ୍ଚଳରେ ଥିବା ଗ୍ରାହକ ସେବା କେନ୍ଦ୍ରରେ ଏହି ବ୍ୟବସ୍ଥା ଉପଲବ୍ଧ ରହିଛି। ବାଲେଶ୍ୱରରେ ଥିବା ୫ଟି ଗ୍ରାହକ ସେବା କେନ୍ଦ୍ର, ଭଦ୍ରକରେ ୨ଟି, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ୩ଟି ଲେଖାଏଁ ଗ୍ରାହକ ସେବା କେନ୍ଦ୍ରରେ ଏହି ସୁବିଧା କରାଯାଇଛି। ଯାହାକି ଉପଭୋକ୍ତାମାନଙ୍କ ସ୍ମାର୍ଟ ମିଟର ସମ୍ପର୍କିତ ସମାସ୍ୟା ଦୂର କରିବାରେ ସହାୟକ ହେଉଛି। ସୂଚନା ଥାଉକି, ଉପଭୋକ୍ତା ବିଶ୍ୱସନୀୟତା ଓ ସେବାରେ ଉନ୍ନତି ଓ ଉତ୍କର୍ଷ ଆଣିବା ଦିଗରେ ଏକ ମାଇଲଖୁଂଟ ସ୍ୱରୂପ ଥିବା ମିଟର ପରୀକ୍ଷଣ ଲ୍ୟାବକୁ ସମ୍ମାନଜନକ ନ୍ୟାସନାଲ୍ ଆକ୍ରିଡେସନ୍ ବୋର୍ଡ ଅଫ୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ୍ ଲାବୋରେଟୋରିଜ୍ (ଏନ୍‌ଏବିଏଲ୍) ମାନ୍ୟତା ପ୍ରଦାନ କରାଯାଇଛି। ଏନଏବିଏଲର ଏହି ମାନ୍ୟତା ହେଉଛି ଲ୍ୟାବର ବୈଷୟିକ ଦକ୍ଷତା, ଆନ୍ତର୍ଜାତିକ ମାନ ପୂରଣ କରିବା ଏବଂ ସଠିକ୍ ଓ ଭରସାଯୋଗ୍ୟ ପରୀକ୍ଷଣ ଫଳାଫଳ ପ୍ରଦାନ କରିବାର ଏକ ପ୍ରମାଣ। ଏହା ଦ୍ୱାରା ଉତ୍ତର ଓଡ଼ିଶାର ଉପଭୋକ୍ତାମାନେ ବେଶ୍ ଉପକୃତ ହେବେ।

## ରାସ୍ତାରେ ୧୦୮ ଆମ୍ବୁଲାନ୍ସ ଅଚଳ, ରୋଗୀ ଅଣନିଃଶ୍ୱାସୀ

ଜଳେଶ୍ୱର, ୯।୯ (ସମିସ) : ଉତ୍ତର ବାଲେଶ୍ୱର ଅଞ୍ଚଳରେ ୧୦୮ ଆମ୍ବୁଲାନ୍ସ ସେବା ଦୟନୀୟ ଅବସ୍ଥାରେ ପହଞ୍ଚିଛି। ଏହି ଜରୁରୀ କାଳୀନ ଯାନ ଗୁଡ଼ିକ ବହୁ ପୁରୁଣା ହୋଇଥିବାରୁ ଭାଙ୍ଗି ରୁଜି ଶୋଚନୀୟ ଅବସ୍ଥାରେ ରହିଛି। ଆବଶ୍ୟକ ସ୍ଥଳେ ଯାନ ଗୁଡ଼ିକ ଠିକ୍ ସମୟରେ ପହଞ୍ଚିବାରେ ଅହେତୁକ ବିଳମ୍ବ ହେତୁ ସଙ୍କଟାପନ୍ନ ରୋଗୀଙ୍କୁ ଆପାଦ କାଳୀନ ସେବା ପ୍ରଦାନ ସମ୍ଭବ ହେଉନାହିଁ। ସେହିପରି ଏକ ଅଭାବନୀୟ ଘଟଣା ଘଟି ଯାଇଛି ଜଳେଶ୍ୱର ବ୍ଲକ ଅଧିନ ଶ୍ରୀ ରାମ ପୁର ପଞ୍ଚାୟତ ଅନ୍ତର୍ଗତ ନାରାଣପୁର ଗ୍ରାମର ୮୦ ବର୍ଷୀୟ ରୋଗୀ ଶ୍ୟାମ ସୁନ୍ଦର ପ୍ରଧାନଙ୍କ ସହିତ। ସୂଚନା ଅନୁସାରେ ଶ୍ୟାମସୁନ୍ଦରଙ୍କ ଶରୀର ଖରାପ ହେବାରୁ ୨ ଝିଅ ସୋମବାର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଶ୍ୱାସ ଜନିତ ରୋଗରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ମଙ୍ଗଳବାର ସକାଳେ ଡାକ୍ତର ବାଲେଶ୍ୱର ହସ୍ପିଟାଲକୁ ରେଫର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥ ନନ୍ଦିକା ବାଇପାସ୍ ଠାରେ ଗାଡ଼ିର ଇଞ୍ଜିନ ଖରାପ୍ ହୋଇଯାଇଥିଲା। ପରିସ୍ଥିତି ସଙ୍ଗୀନ ହେଉଥିବା ବେଳେ ୨ଝିଅଙ୍କ କାକୁତି ମିନତି ପରେ ଅନ୍ୟ ଏକ ଆମ୍ବୁଲାନ୍ସ ଭୋଗାରାଇରୁ ଏକ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା। ପୁଣି ଭଙ୍ଗାରୁଜା ଗାଡ଼ିରେ ଏସି କିମ୍ବା ପଙ୍ଖାର ବ୍ୟବସ୍ଥା ନଥିଲା। ଫଳରେ ବୟସ୍କ ଅଣ ନିଃଶ୍ୱାସୀ ରୋଗୀକୁ ବାଲେଶ୍ୱର ପର୍ଯ୍ୟନ୍ତ ବିଞ୍ଚଣାରେ ବିଞ୍ଚି ନିଆଯାଇଛି। ତେଣୁ ପୁରୁଣା ଭଙ୍ଗାରୁଜା ଆମ୍ବୁଲାନ୍ସକୁ ହଟାଇ ନୂତନ ଏବଂ ଅଧିକ ଆମ୍ବୁଲାନ୍ସ ଗାଡ଼ି ଯୋଗାଇ ଦେବାକୁ ସାଧାରଣରେ ଦାବି କରାଯାଇଛି।



## ବରିଷ୍ଠ ନାଗରିକ ବିଚାରମଞ୍ଚ ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର



ଭୋଗରାଇ, ୯।୯ (ସମିସ): ଭୋଗରାଇ ବରିଷ୍ଠ ନାଗରିକ ବିଚାରମଞ୍ଚ ପକ୍ଷରୁ ଭୋଗରାଇ ଥାନା ଅଧିକାରୀ ରୋହିତ ଭୋଳଙ୍କୁ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକ ଥାନାକୁ ଆସିଲେ ପୁଲିସ ପକ୍ଷରୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ବରିଷ୍ଠ ନାଗରିକମାନଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେଇ ସମାଧାନ କରିବା, ବରିଷ୍ଠ ନାଗରିକଙ୍କୁ ପୋଲିସ ପ୍ରଶାସନ ତରଫରୁ ଆଇଡି ପରିଚୟ ପତ୍ର ପ୍ରଦାନ କରିବା, ବରିଷ୍ଠ ନାଗରିକ (ପରିବାର ପେନସନ ଭୋଗୀ )ମାନଙ୍କର ପରିବାର ସଦସ୍ୟ ସମସ୍ତ ପେନସନ ଅର୍ଥକୁ ଲୋଭକରି ଆତ୍ମସାତ କରିବା ଉଦ୍ଦେଶ୍ୟରେ ନିର୍ଯାତନା ଦେବା ଘଟଣାକୁ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିଶାସକ୍ତ ଗାଡି ଚାଳକକୁ ଦୃଢ଼ ହସ୍ତରେ ଦମନ କରିବା, ରାସ୍ତାରେ ଦ୍ରୁତଗତିରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଡିଜେ ଶବ୍ଦ ସମ୍ପୂର୍ଣ୍ଣ ବନ୍ଦ କରିବା ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇଥିଲା। ତାହା ସହିତ ଥାନା ଅଧିକାରୀ ଶ୍ରୀ ଭୋଳ ଦାବି ଉପରେ ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ମଞ୍ଚର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ, ସଭାପତି ଭୃଗୁରାମ କର, କାର୍ଯ୍ୟକାରୀ ସଭାପତି ଅନାଦି ରଞ୍ଜନ ଦାସମହାପାତ୍ର, କୋଷାଧ୍ୟକ୍ଷ ଜାମସେଦ ଅଲ୍ଲୀ ଖାଁ, ମଞ୍ଚର ସଦସ୍ୟ କୃଷ୍ଣ ମୋହନ ମୁର୍ମୁ, ତାପସ କୁମାର ଚନ୍ଦ୍ର, କୃଷ୍ଣ ପ୍ରସାଦ ମଣ୍ଡଳ, ଜୟନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନାମ୍ପୋରେ ବିଜେପିର ସାଂଗଠନିକ ବୈଠକ

ଜଳେଶ୍ୱର, ୯।୯ (ସମିସ): ନାମ୍ପୋ ପଂଚାୟତର ବିଜେପି ସଦସ୍ୟମାନଙ୍କର ଏକ ସାଂଗଠନିକ ବୈଠକ ସଭାପତି ଜଗଦୀଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ୧୦ନଂ ଜୋନ୍ ସଭାପତି ବିଜୟ ସାସମଲଙ୍କ ତତ୍ତ୍ୱାବଧାନରେ ଶ୍ରୀ ପ୍ରଧାନଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି। ଉପସଭାପତି ଭାବେ ସଂଜୀବ ପ୍ରଧାନ ମନୋନୀତ ହୋଇଥିବା ବେଳେ ବିଜେପି ନେତା ଗୋପାଳ ଚନ୍ଦ୍ର ଦତ୍ତ, ସୁମତୀ ଦେ, ସୁକୁମାର ରଣା, ଆରତୀ ଦାସ, ଜ୍ୟୋତିବ୍ରହ୍ମ ଦେ, ଉପେନ୍ଦ୍ରନାଥ ପରିଡା, କେଦୋର ନାଥ ପରିଡା, ଜନ୍ମେଜୟ ଦେ, ରମେଶ ଜେନା, ତପନ ଧଳ, ବିନୋଦ କୁମାର ଭୂୟାଁ ପ୍ରମୁଖ ବହୁ ସଦସ୍ୟ ଓ କର୍ମୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

ବାଲିଆପାଳ, ୯।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଆନୁକୂଲ୍ୟରେ କ୍ରୀଡା ଓ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ମୁଖ୍ୟ ବକ୍ତା ଭାବରେ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ସିଂଲା ସରପଞ୍ଚ ବିପିନ ବିଶ୍ୱାଳ , ସମିତି ସଭ୍ୟା ପୁଷ୍ପାଞ୍ଜଳି ସୋରେନ,ବ୍ଲକ ସମ୍ପାଦକ ପ୍ରାଣକୃଷ୍ଣ ନାୟକ,ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ପାତ୍ର, ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ସଭାପତି ସାରସ୍ୱତ ସାହୁ, ପ୍ରଧାନ ଶିକ୍ଷକ ଜେନାଲି ସିଂ,ଅଜୟ କୁମାର ପାତ୍ର, ଭାଗ୍ୟଶ୍ରୀ ଜେନା, ରାଜେନ୍ଦ୍ର ଦତ୍ତ, ପୁଷ୍ପିତା ଭୂୟାଁ, ବେଣୁଧର ନନ୍ଦୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡା ପ୍ରତିଯୋଗିତା ସମ୍ବନ୍ଧୀୟ ବିଭିନ୍ନ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ଦାସ ମଞ୍ଚ ଆହ୍ୱାନ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ରାଜକିଶୋର ପାତ୍ର ବାର୍ଷିକ ବିବରଣୀ ପାଠ ଓ ସୁଦାମ ଚରଣ ନାୟକ ବେଦପାଠ କରିଥିଲେ। ଜିଲ୍ଲା ପ୍ରମୁଖ ଶିକ୍ଷାଧିକାରୀ ପତାକା ଉତ୍ତୋଳନ କରି ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ପରିଶେଷରେ ପରମାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।୧୭ ବର୍ଷ ଓ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗରେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଭଲିବଲ, କବାଡି,ଖୋ -ଖୋ ଓ ଫୁଟବଲ ଖେଳ ପ୍ରଭୃତି ଅନୁଷ୍ଠିତ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଲଲାଟେନ୍ଦୁ ଦେ, ରୀତାରାଣୀ ମହାପାତ୍ର, ନରୋତ୍ତମ ଦାସ, ପ୍ରଦୀପ୍ତ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଗିରି, ମହେନ୍ଦ୍ର ବେହେରା, ସଦାନନ୍ଦ ପ୍ରଧାନ, କମଳ ଲୋଚନ ବେହେରା, ନରେନ୍ଦ୍ର ସାମଲ, ଶୁଭସ୍ମିତା ଜେନା, ଲକ୍ଷ୍ମୀଧର ଜେନା, ସୁନାରାମ ସିଂ, କରୁଣା କର ପ୍ରଧାନ, ସାଇ ସୌରଭ ପଣ୍ଡା, କୃପାସିନ୍ଧୁ ହାଜିରା ପ୍ରମୁଖ ସହଯୋଗ କରିଥିଲେ।

## ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗ

ଜଳେଶ୍ୱର, ୯।୯(ସମିସ): ବାଲେଶ୍ୱର ଜିଲାର ଅନ୍ୟତମ ପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ପୂର୍ବତନ ପ୍ରାଧ୍ୟାପକ ଅଜୟ କୁମାର ମହାପାତ୍ର ସୋମବାର ଅପରାହ୍ନ ୪.୪୦ମି. ସମୟରେ ତାଙ୍କ ବାସଭବନରେ ୬୨ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଗତ କିଛିଦିନ ଧରି ସେ ବିଭିନ୍ନ ରୋଗରେ ପୀଡିତ ଥିଲେ। ସେ ରସାଲପୁରର ଜେଏନ୍ କଲେଜ, ଭୋଗରାଇର ଆରଆଇଏଚ୍‌ଏସ୍ କଲେଜ ଓ ୨୦୧୧ରୁ ୨୦୨୪ ଯାଏ ଦୀନକୃଷ୍ଣ ମହାବିଦ୍ୟାଳୟର ଅର୍ଥନିତୀ ବିଭାଗର ମୁଖ୍ୟ, ପ୍ରଶାସନିକ ଅଧିକାରୀ ଓ ପରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ସେ ଜଣେ ମିଷ୍ଟଭାଷୀ, କର୍ମତତ୍ପର, ଛାତ୍ରବତ୍ସଳ, ସୁସଂଗଠକ ତାଙ୍କର ସୁଖ୍ୟାତି ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ



ଥିବା ବେଳେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିଲା। ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ ଦାସଙ୍କ ସଭାପତିତ୍ୱରେ ଆଜି କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ସନ୍ୟାସୀ ଚରଣ ପାତ୍ର, ପୁଷ୍ପା ଲି ପାଇକରାୟ, ଡ. ଚି ରଂଜନ ଭଂଜ, ଅମୀର ଦେ, ରତନ କୁମାର କର ପ୍ରମୁଖ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ



ନୀଳଗିରି, ୯।୯ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ପୁଲିସ ଏକ ସ୍କୁଟି ସହିତ ୧ କିଲୋ ୩୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହିତ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାଯାଇଛି। ଗତ ରବିବାର ଏକ ବିଶେଷ ସୁତ୍ରରୁ ଖବରପାଇ ନୀଳଗିରି ପୁଲିସ ମିତ୍ରପୁର ହାଟ ଛକ ନିକଟରୁ ନୀଳଗିରି ଥାନା ଅଧିନ ବେଗୁନିଆ ଗ୍ରାମର ଲକ୍ଷ୍ମୀଧର ଜେନା (୪୮)ଙ୍କୁ ଧରିବା ସହ ତାଙ୍କ ନିକଟରୁ ଏକ ସ୍କୁଟି ସହିତ, ପାଖାପାଖି ୧ କିଲୋ ୩୦୦ ଗ୍ରାମର ଗଞ୍ଜେଇ, ଚିଲମ, ଗଞ୍ଜେଇ ଗ୍ରାଇଣ୍ଡର ଜବତ କରିଥିଲେ। ନୀଳଗିରି ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

# ନୂତନ ଜଙ୍ଗଲ ସୃଷ୍ଟି ନିଶାରେ ସରୋଜ

ସୋର, ୯।୯ (ସମିସ)



ସାମାଜିକ ସେବା ହଉ କିମ୍ବା ପ୍ରକୃତି ରକ୍ଷା। ଉଭୟ କ୍ଷେତ୍ରରେ ସେ ତତ୍ପର। ଏମେତି ଜଣେ ଯୁବ ବ୍ୟକ୍ତିତ୍ୱ ହେଉଛନ୍ତି ସୋର ପୌରପାଳିକାର ୧୭ ନଂ ୱାର୍ଡ ଅନ୍ତର୍ଗତ କ୍ଷୀରକୋଣି ଗ୍ରାମର ନାରାୟଣ ବିଶ୍ୱାଳ ଏବଂ ଶାନ୍ତିଲତା ବିଶ୍ୱାଳଙ୍କ କନିଷ୍ଠ ପୁତ୍ର ସରୋଜ କୁମାର ବିଶ୍ୱାଳ। ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଭାଗରେ ଏମ.ଏ ଏବଂ ଏମ.ଫିଲ ପାସ୍ କରିଛନ୍ତି ସରୋଜ। ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ନାମକ ଏକ ସାମାଜିକ ଅନୁଷ୍ଠାନର ସମ୍ପାଦକ ଭାବରେ ସେ କାର୍ଯ୍ୟରତ। ପାଠ ପଢିବା ସହ ସମାଜସେବା ଏବଂ ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି ସରୋଜ। ସେଥି ପାଇଁ ମଞ୍ଜି ପେଣ୍ଡୁଲା ବା ସିଡ୍ ବଲ ତିଆରି କରି ନୂତନ ଜଙ୍ଗଲ ସୃଷ୍ଟି ନିଶାରେ ମାତିଛନ୍ତି ସେ। ବର୍ଷାଋତୁ ଆରମ୍ଭ ହେବା ପୂର୍ବରୁ ବିଭିନ୍ନ ପ୍ରଜାତିର ମଞ୍ଜିକୁ ସଂଗ୍ରହ କରି ମାଟିରେ ପେଣ୍ଡୁଲା ତିଆରି କରି ତା ଭିତରେ ମଞ୍ଜି ରଖି ଏକ ବଲ୍ ତିଆରି କରନ୍ତି। ଯାହାକି ମାଟିରେ ପଡ଼ି ବର୍ଷା ପାଣି ସଂସ୍ପର୍ଶରେ ଆସିଲେ ସେଥିରୁ ଗଛ ସୃଷ୍ଟି ହୋଇଥାଏ। ଦୀର୍ଘ ଦୁଇ ବର୍ଷ ଧରି ସୋରର ଆଖପାଖ ଅଞ୍ଚଳରେ ପାଖାପାଖି ଦୁଇ ହଜାରରୁ ଅଧିକ ମଞ୍ଜି ପେଣ୍ଡୁଲା ନିଜେ ତିଆରି କରି କ୍ଷେପଣ କରିଛନ୍ତି। ଏହି ମଞ୍ଜି ପେଣ୍ଡୁଲା ପକାଇବା ଦ୍ୱାରା ବୃକ୍ଷ ରୋପଣ ହୋଇ ପାରୁନଥିବା ଦୁର୍ଗମ ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ନିଜର ଏହି ଭିନ୍ନ ପ୍ରୟାସକୁ ସେ ନିଜ ଭିତରେ ସୀମିତ ନ ରଖି ନିଜର ବନ୍ଧୁ ଏବଂ ଯୁବପିଢ଼ିମାନଙ୍କୁ ପରିବେଶର ସୁରକ୍ଷା ନିମନ୍ତେ ପରାମର୍ଶ ଦେଉଛନ୍ତି। ଏହା ବ୍ୟତୀତ ନିଜେ ସମ୍ପାଦକ ଥିବା ଯୁବକ ସଂଘର କର୍ମକର୍ତ୍ତା ମାନଙ୍କ ସହ ମିଶି ବିଭିନ୍ନ ସମୟରେ ବୃକ୍ଷ ରୋପଣ କରିବା, ପରିବେଶକୁ ସ୍ୱଚ୍ଛ ରଖିବା ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ପିଲାମାନଙ୍କୁ ଚାରା ବଣ୍ଟନ କରି ପରିବେଶ ସୁରକ୍ଷାର ବାର୍ତ୍ତା ମଧ୍ୟ ବାଣ୍ଟୁଛନ୍ତି। ସରୋଜଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାର୍ଥରୁ ନିବୃତ୍ତ ରହି ଯେଉଁ ପରିବେଶର ପାଣି ପବନ ରେ ବଢ଼ିଛନ୍ତି ସେହି ପରିବେଶର ସୁରକ୍ଷା ନିମନ୍ତେ ଆଗେଇ ଆସିଲେ ପରିବେଶର ସୁରକ୍ଷା ନିଶ୍ଚିତ ହୋଇପାରିବ। ଆଗାମୀ ଦିନରେ ନିଜର ଏହି ପ୍ରୟାସ କୁ ସେ ଜାରି ରଖିବେ ବୋଲି ସେ କହିଛନ୍ତି।

## ବ୍ଲକ୍‌ସ୍ତରୀୟ ବିପିଏଲଏଫ କର୍ମୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



ଜଳେଶ୍ୱର, ୯।୯ (ସମିସ): ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ କାର୍ଯ୍ୟରତ ସି.ଏସ୍.ଏସ୍ କ୍ୟାଡର ମାନଙ୍କର ବ୍ଲକ ସ୍ତରୀୟ ବି.ପି.ଏଲ.ଏଫ କର୍ମୀ ସଂଘ ତରଫରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ କାର୍ଯ୍ୟ କରୁଥିବା ଏମ୍.ଆଇ.ଏସ୍ ଓ ଓ.ଏଲ୍.ଏମ.ର ସିଏସ୍ଏସ୍ ମାନେ ଏସ୍.ଏଚ୍.ଜି, ସି.ଏଲ.ଏଫ ଓ ଜି.ପି.ଏଲ.ଏଫ କାର୍ଯ୍ୟର ବିଭିନ୍ନ ପ୍ରପୋଜାଲ ଓ ଏପ୍ରୋଭାଲ ପାଇଁ ବାରଂବାର ବ୍ଲକ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ କୌଣସୀ କାର୍ଯ୍ୟ ହୋଇପାରୁ ନଥିବାରୁ ବାରମ୍ବାର ଆସିବାକୁ ପଡୁଛି। ଫଳରେ ସମୟ ଅପଚୟ ହେବା ସହିତ କାର୍ଯ୍ୟର ଭାର ବଢିଯାଉଛି। ତେଣୁ ଏହି ସବୁର ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ନେବା ସହିତ ବ୍ୟବସ୍ଥା କରିବା ପାଇଁ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ବ୍ଲକ ସ୍ତରୀୟ ବିପିଏଲଏଫ କର୍ମୀ ସଂଘର ସଭାପତି ଶାନ୍ତିଲତା ବେହେରା ଓ ସମ୍ପାଦକ ଚାରୁବାଳା ଜେନାଙ୍କ ନେତୃତ୍ୱରେ କର୍ମୀମାନେ ଉପସ୍ଥିତ ଥିଲେ।

## ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର

# ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବ ସଂଘ



ବାରିପଦା, ୯।୯ (ସମିସ)

ମୟୂରଭଞ୍ଜ ଜିଲ୍ଲା ସରକାରୀ ହାଇସ୍କୁଲ ଏନପିଏସ ଶିକ୍ଷକଶିକ୍ଷୟିତ୍ରୀଙ୍କ ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସଂଘର ସଭ୍ୟମାନେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରିରେ ସାମିଲ କରିବା, ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା, ସରକାରୀ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କ୍ୟାଡର ପୁର୍ନଗଠନ କରିବା, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ କ୍ୟାଡର ଭୁକ୍ତ କରିବା, ୪୨୦୦ରୁ ୪୬୦୦ ଓ ୨୮୦୦ରୁ ୪୨୦୦ଏଣ୍ଟ୍ରି ଫି ପ୍ରଦାନ ଏବଂ ୨୦୧୬ ବ୍ୟାଚର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ ହୋଇଥିବା ଦିନଠାରୁ ଆର୍ଥିକ ରାଶି ତଥା ଏରିୟର ପ୍ରଦାନ, ବଦଳି କାର୍ଯ୍ୟକୁ ଯଥାଶୀଘ୍ର ତ୍ୱରାନ୍ୱିତ କରିବା ଆଦି ଦାବି ପୂରଣ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଦାବି ଜଣାଇଛନ୍ତି। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ସେପ୍ଟେମ୍ବର ୧୮ରେ ରାଜ୍ୟ ସଂଘର ଡାକରାକ୍ରମେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଦାବିପତ୍ର ପ୍ରଦାନ ବେଳେ ରାଜ୍ୟ ଆବାହକ ବିଶ୍ୱଜିତ ବିଶ୍ୱାଳ, ଜିଲ୍ଲା ଆବାହକ ମଣ୍ଡଳୀର ସଦସ୍ୟ ତପନ କୁମାର ବାରିକ, ହରିଶ୍ଚନ୍ଦ୍ର ଦାସ, ଉତ୍ପଳ ଭଦ୍ର, ସୂର୍ଯ୍ୟପ୍ରକାଶ ନାୟକ, ମନୋଜ କୁମାର ବେସ୍ରା, ଶାନ୍ତନୁ ଦାସ, ଫାଇଜାନ ଉଲଲ୍ହା, ଅତସୀ କୁଣ୍ଡୁ, ଜୟଶ୍ରୀ ବେହେରା, ଇତିଶ୍ରୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ରତନ ପାତ୍ର, ସୁଧାଂଶୁ ବେହେରା, ରମେଶ ଜେନା, ସରୋଜ ମହାନ୍ତ ଓ ନନୀ ଗୋପାଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ କୃତୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ 'ଜାତି ନିର୍ମାତା' ପୁରସ୍କାର




**ବାରିପଦା, ୯।୯ (ସମିସ):** ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ରୋଟାରୀ ଭବନରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବର ସଭାପତି ରୋଟାରିଆନ ଭବାନୀ ଶଙ୍କର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ପିଆରଏମ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡକ୍ଟର ପ୍ରତିଭା ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦାନ କରି ଏକ ସାକ୍ଷର ରାଷ୍ଟ୍ର ଏକ ସଶକ୍ତ ରାଷ୍ଟ୍ର ଭାବେ ନିଜକୁ ଗଢ଼ିପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ସଭାପତି ଡକ୍ଟର ପୁଷ୍ପା ପାତ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହିତ ପରିଚୟ ଦେଇଥିଲେ। ସାକ୍ଷରତା ସମିତିର ଅଧ୍ୟକ୍ଷ ତଥା ପ୍ରାକ୍ତନ ସଭାପତି ସନ୍ଦୀପ କୁମାର ଚାନ୍ଦ ସାକ୍ଷରତାକୁ ରୋଟାରୀ ଇଣ୍ଟାରନ୍ୟାସନାଲ ମାଧ୍ୟମରେ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରି ସମ୍ପୂର୍ଣ୍ଣ ସାକ୍ଷରତା ଓ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟକୁ ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାକ୍ତନ ସଭାପତି ରୋଟାରିଆନ ବୀରେନ୍ଦ୍ରନାଥ ସାହୁ ରୋଟାରୀ କ୍ଲବ ଦ୍ୱାରା ବିଭିନ୍ନ ମାପଦଣ୍ଡକୁ ଭିତ୍ତିକରି କୃତୀ ଶିକ୍ଷକଙ୍କୁ ପ୍ରଦାନ କରାଯାଉଥିବା ଜାତି ନିର୍ମାତା ପୁରସ୍କାର ଉପରେ ଅଭିଭାଷଣ ରଖିଥିଲେ। କ୍ଲବର ସମ୍ପାଦକ ରୋଟାରିଆନ ତିମିର କୁମାର ଘୋଷଙ୍କ ତତ୍ତ୍ୱାବଧାନରେ ଏକ ସମିତି ଦ୍ୱାରା ନିର୍ଦ୍ଧାରିତ ମାପଦଣ୍ଡକୁ ଭିତ୍ତିକରି ଜିଲ୍ଲାର ୧୬ ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିଲା। ମୁଖ୍ୟଅତିଥି ସେମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ଶର୍ବାଣି ପରିଡ଼ା, ସଂଘମିତ୍ରା ହୋତା, ସାଇପ୍ରସାଦ ରାଉତ, ବର୍ଷା ମହାନ୍ତ, ଜ୍ୟୋତ୍ସ୍ନାରାଣୀ ସାହୁ, ହରେକୃଷ୍ଣ ମହାନ୍ତ, ବିଜୟ କୁମାର ମହାନ୍ତ, ମଧୁସ୍ମିତା ପ୍ରିୟଦର୍ଶିନୀ, ଭାନୁମତୀ ମହାନ୍ତ, ଗୌରୀ ଦେବୀ, ସଞ୍ଜୁରାଣୀ ପାତ୍ର, କାର୍ତ୍ତିକ କୁମାର ମହାନ୍ତି, ସୋମନାଥ ସିଂ, ପୁଣ୍ୟତୋୟା ଦାସ, ଚୈତନ୍ୟ ବାଘୁଆ ଏବଂ ଜୟଶ୍ରୀ ମହାପାତ୍ର। ସେହିପରି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତୀ ତ୍ରିପାଠୀ, ନାରାୟଣ କିଙ୍କର ଦତ୍ତ, ଯୁଗଳ କିଶୋର ପଲେଇ ଓ ଶିବନାରାୟଣ ମହାନ୍ତଙ୍କୁ ମୁଖ୍ୟଅତିଥି ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ସଭାପତି ରୋଟାରିଆନ ସୁବାସଚନ୍ଦ୍ର ସାହୁ, ସୁନୀତ ପୁରୀ, ଡ. ଶଶାଙ୍କ ଶେଖର ପାଣିଗ୍ରାହୀ ଓ ନିରୋଜ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ ଡକ୍ଟର ସୁଶାନ୍ତ କୁମାର ବସା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା



**ବାରିପଦା, ୯।୯ (ସମିସ):** ବିଶୋଇ ଏସଏସଡି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଜଣ ଛାତ୍ର କବାଡି ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଠରୟଲଶଫ କ୍ରୀଡା ଶିକ୍ଷକ ଅଭିଷେକ ବେହେରାଙ୍କ ପ୍ରଶିକ୍ଷଣରେ ନିମାଇ ମୁର୍ମୁ, ଗାଜ ଟୁଡୁ, ବାବା ସିଂ, ଜାଗେନ କିସ୍କୁ, ରାକେଶ ବେହେରା ଓ ବିଷ୍ଣୁପଦ ମହାନ୍ତ ପ୍ରମୁଖ ୬ଜଣ ଛାତ୍ରଙ୍କ ମଧ୍ୟରୁ ୮ମ ଶ୍ରେଣୀର ନିମାଇ ଓ କୋରନା ସମୟରେ ପାଠପଢ଼ା ଛାଡିଦେଇଥିବା ୭ମ ଶ୍ରେଣୀର ଗାଜ ଟୁଡୁ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ କବାଡି ଦଳରେ ସ୍ଥାନ ପାଇଛନ୍ତି। ବାରିପଦା ବ୍ଲକର ଶାଳବଣୀ ଗ୍ରାମର ନିମାଇ ଓ କରଞ୍ଜିଆ ସ୍ଥିତ ଠାକୁରଝରଣ ଗ୍ରାମର ଗାଜ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ଛାତ୍ରାବାସରେ ରହି ପାଠ ପଢ଼ନ୍ତି। ବିଶୋଇରୁ ଫେରିବା ପରେ ବିଦ୍ୟାଳୟ ଫାଟକ ନିକଟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରାବାସର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ଉପସ୍ଥିତିରେ କୃତୀ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ସମସ୍ତ ଶିକ୍ଷକ/ ଶିକ୍ଷୟିତ୍ରୀ, ୱାର୍ଡେନ ସରୋଜ କୁମାର ସାବତ, ଆକାଉଣ୍ଟାଣ୍ଟ ଗୌତମ ପଣ୍ଡା ସହଯୋଗ କରିଥିଲେ।

# ପୂଜା ପୂର୍ବରୁ ବିଚ୍ଛିନ୍ନାଞ୍ଚଳ ଓଡିଆ ଶିକ୍ଷକଙ୍କ ବକେୟା ଦରମା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ବାରିପଦା, ୯।୯ (ସମିସ):** ଦୁର୍ଗାପୂଜା ପୂର୍ବରୁ ବିଚ୍ଛିନ୍ନାଞ୍ଚଳ ଓଡିଆ ଶିକ୍ଷକଙ୍କ ବକେୟା ୩୦ ମାସର ଦରମା ପ୍ରଦାନ ପାଇଁ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ଚକ୍ରଧରପୁରର ଓଡିଆ ସଂଗଠକ ସରୋଜ ପ୍ରଧାନ ମଙ୍ଗଳବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗଜପତି, ଗଞ୍ଜାମ, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଓଡ଼ିଶାର ସୀମାନ୍ତ ତଥା ବିଚ୍ଛିନ୍ନାଞ୍ଚଳ ସ୍କୁଲର ପ୍ରଧାନ ଶିକ୍ଷକ ଓ ସିଆରସିସିଙ୍କୁ ନେଇ ବିଭିନ୍ନ ଦଳ ଦ୍ୱାରା ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରେ ଥିବା ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ରିପୋର୍ଟ ସଂଗ୍ରହ କରିଛନ୍ତି। ଦୀର୍ଘ ୩୦ ମାସର ଦରମା ବିଚ୍ଛିନ୍ନାଅଞ୍ଚଳର ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ନୂଆ ସରକାରଙ୍କଠାରୁ ପାଇନାହାନ୍ତି; ତଥାପି ନିୟମିତ ବିଦ୍ୟାଳୟରେ ଓଡ଼ିଆ ମାତୃଭାଷା ପଢ଼ାଉଛନ୍ତି। ଏଣୁ ଦୁର୍ଗାପୂଜା ପୂର୍ବରୁ ତାଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ସେ ଚିଠିରେ ନିବେଦନ କରିଛନ୍ତି। ଭାଷା ବଞ୍ଚିଲେ ଜାତି ବଞ୍ଚିବ। ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏପରି ଅଣଦେଖା କରି ଦରମା ଦେବାରେ ବିଳମ୍ବ କଲେ ଭାଷା ଓ ଜାତି କ୍ଷତିଗ୍ରସ୍ତ ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ସପ୍ତାହ




**ବଡ଼ସାହି, ୯।୯ (ସମିସ):** ବଡସାହି ବ୍ଲକ ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ନୂତନ)ର ଛାତ୍ରଛାତ୍ରୀଙ୍କୁ ନେଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦେଉଳିଆ ତଥା ଆଶ୍ରମ ବିଦ୍ୟାଳୟର ସହଯୋଗିତାରେ ରାଷ୍ଟ୍ରୀୟ ପୋଷଣ ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମୀ ଏବଂ ଆଶାକର୍ମୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଏକ ରାଲିକରି ଗ୍ରାମ ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟରେ ପୋଷଣ ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଚନ୍ଦନପୁର ଉପକେନ୍ଦ୍ରର ସି.ଏଚ୍.ଓ ସ୍ୱାଗତିକା ପ୍ରଧାନ, ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସିଂ ଅଫିସର୍ ହରପ୍ରିୟା ସେଠୀ, କବିତା ଗିରି ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପୋଷଣ ଯୁକ୍ତ ସୁଷମ ଖାଦ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ତମ ଜୀବନ ଯାପନ ପାଇଁ ଠିକ୍ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାତୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା କୋଲକାତାର ନାଟକ 'ମାୟା ମୃଦଙ୍ଗ'

**ବାରିପଦା, ୯।୯ (ସମିସ):** ସହିଦ ସ୍ମୃତି ଭବନରେ ଆମେ' ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଦମଦମ, କୋଲକାତାର ନାଟ୍ୟକେନ୍ଦ୍ର ପ୍ରସ୍ତୁତ ନାଟକ 'ମାୟା ମୃଦଙ୍ଗ' ମଞ୍ଚସ୍ଥ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ନଗରପାଳ ଦୀନକୃଷ୍ଣ ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ସୁଜାତା ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଭାପତି ଡଃ କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଦେଷ୍ଣା ବିଶୋଇ ଓ ମାଷ୍ଟର ଶ୍ରେୟାଂଶୁ ବେହେରା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ପ୍ରେକ୍ଷାଳୟ ପୂର୍ଣ୍ଣ ଦର୍ଶକଙ୍କ ଉପସ୍ଥିତିରେ ଜଣେ ଦୁଃସ୍ଥ ମଞ୍ଚ କଳାକାରଙ୍କ ଜୀବନ ସଂଗ୍ରାମ ଉପରେ ପର୍ଯ୍ୟବେକ୍ଷିତ ନାଟକ ଦର୍ଶକଙ୍କ ମନ ମୋହିନେଇଥିଲା। ସାୟେଦ ମୁସ୍ତାଫା ସିରାଜଙ୍କ ବେଙ୍ଗଲୀ ଲୋକକଳା ଦ୍ୱାରା ଅନୁପ୍ରାଣିତ ତଥା ରାକେଶ ଘୋଷଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ରଞ୍ଜନ ବୋଷ, ଶ୍ୟାମାଶିଷ ପାହାଡି, କ୍ରିଷ୍ଣା ଦେ, କିଷାନୁ ଚକ୍ରବର୍ତ୍ତୀ, ସମ୍ପଦ ଦେବବ୍ରତ, ପୌଲାମୀ, ନମିତା, ମୌମିତା, ମାନସ, ସନ୍ଦୀପ, ଅପୂର୍ବା, ସଞ୍ଜୟ ଅଭିନୟ କରିଥିଲେ। ସଙ୍ଗୀତରେ ଅଭିଜିତ ଆଚାର୍ଯ୍ୟ ଓ ଶ୍ରୀଜିତ ମଣ୍ଡଳ, ଆଲୋକରେ ଅରୁଣ କାଲସା, ରୂପସଜ୍ଜାରେ ନନ୍ଦିତା ବୋଷ ଓ ଶେଖ ଇବ୍ରାହିମ, ପୋଷାକରେ ରଞ୍ଜନ ବୋଷ ଓ ମଞ୍ଚସଜ୍ଜାରେ ନୀଲ କୌଶିକ ସହଯୋଗ କରିଥିଲେ। ବୁଧବାର ସନ୍ଧ୍ୟାରେ ରଙ୍ଗମଞ୍ଚ, ରାଉରକେଲା ପ୍ରସ୍ତୁତ 'ଜୀବନ ଯେମିତି' ଏବଂ ପଲ୍ଲଭୀ, କରଞ୍ଜିଆ ପ୍ରସ୍ତୁତ 'ସେମାନେ ଆମ ପ୍ରତିନିଧି' ଦୁଇଟି ନାଟକ ପରିବେଷଣ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ଦୁର୍ଗା ପୂଜା କମିଟି ପକ୍ଷରୁ ଚାମ୍ପିଅନ ମହିଳା ଦଳକୁ ସମ୍ବର୍ଦ୍ଧନା



**ବାରିପଦା, ୯।୯ (ସମିସ):** ଗତ ୬ ଓ ୭ ତାରିଖ କୋଲକତାଠାରେ ଆୟୋଜିତ ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍ ପ୍ରତିଯୋଗିତାରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଚାମ୍ପିଅନ ହୋଇଛି। ବହୁ ପୁରାତନ ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍ ପ୍ରତିଯୋଗିତାରେ ପ୍ରଥମ ଥର ଅଂଶଗ୍ରହଣ କରି ଏହି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବାରିପଦା ପ୍ରତ୍ୟାବର୍ତ୍ତନ ପରେ ସମସ୍ତ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ତକତପୁର ଦୁର୍ଗା ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର ସିଂହ ଏବଂ ଅନ୍ୟ ସମସ୍ତ ସଦସ୍ୟ। ମା' ଦୁର୍ଗାଙ୍କ ନିକଟରେ ଖେଳାଳିମାନଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରିଛନ୍ତି ଶ୍ରୀ ସିଂହ।

# ଏମ୍‌ସିଏଏମ୍‌ର ୨୭ତମ ପ୍ରତିଷ୍ଠା ଦିବସ ପାଳିତ



**ବାରିପଦା, ୯।୯ (ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ)ର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ପ୍ରମୋଦ କୁମର ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସଭାପତି ଡ଼ ବିଜୟ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ, ସିଣ୍ଡିକେଟ ସଦସ୍ୟ ତଥା ପୂର୍ବତନ ବିଧାୟକ କିଶୋର ଦାଶ, ଅବସରପ୍ରାପ୍ତ ଅଧ୍ୟକ୍ଷା ଡ଼ ପୁଷ୍ପରାଣୀ ପାତ୍ର ଓ ଅଧ୍ୟକ୍ଷା ଡ଼ ଅସୀମା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଅଧ୍ୟକ୍ଷ ଶ୍ରୀ ନାୟକ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ଡ. ବିଜୟ କୁମାର ଅଗ୍ରୱାଲ ଓ ସଞ୍ଜୀବ ଘୋଷଙ୍କୁ ଅନୁଷ୍ଠାନ ପକ୍ଷରୁ 'ମୟୂରଭଞ୍ଜ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ପରିଚାଳନାରେ ସହଯୋଗ କରିଥିଲେ। ସ୍ନାତକୋତ୍ତର ବିଭାଗରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତା ଭାଗ ନେଇ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀଙ୍କୁ ମଧ୍ୟ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ସୁଜାତା ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ଚଢ଼ଉ; ୪ ଗିରଫ

**ମୋରଡା, ୯।୯ (ସମିସ):** ମୋରଡା ଅବକାରୀ ବିଭାଗ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଅବକାରୀ ବିଭାଗ କପୋଇ ଏବଂ ଅଙ୍ଗାରିଆ ଗ୍ରାମରେ ଚଢ଼ଉ କରି ୫୩ ଲିଟର ଦେଶୀ ମଦ ଜବତ କରିବା ସହିତ ଖୁଣ୍ଟିଆ ମୁର୍ମୁ, ଗଣେଶ ମହାନ୍ତ ଓ ରାଜୀବ କୁମାର ମହାନ୍ତଙ୍କୁ ଗିରଫ କରିଛି। ସେହିପରି ମାକୁନ୍ଦ ଗ୍ରାମରେ ଚଢ଼ଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ସୁମତି ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଅବକାରୀ ଥାନାରେ ୪ଟି ମାମଲା ରୁଜୁ ହୋଇଛି।

## ଲକ୍ଷ୍ମୀପୂଜା ମଣ୍ଡପ ନିର୍ମାଣ ବିଲ୍ ପାଇ ନ ଥିବା ଠିକାଦାରଙ୍କ ଜନଶୁଣାଣିରେ ଅଭିଯୋଗ

# ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

ବହଳଦା, ୯।୯ (ସମିସ)


ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ ମହୁଲଦୁମା ଗ୍ରାମରେ ଗତ ୨୦୨୨-୨୩ରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଏକ ଲକ୍ଷ୍ମୀପୂଜା ମଣ୍ଡପ ଗୃହ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଛି। ତେବେ ନିର୍ମାଣ କରିଥିବା ଠିକାଦାର ମନୋରଞ୍ଜନ ମହାନ୍ତ ବର୍ତ୍ତମାନ ସୁଦ୍ଧା ଟଙ୍କାଟିଏ ପାଇନଥିବା ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ସେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବିଲ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜୁଲାଇ ମାସର ଜନ ଶୁଣାଣିରେ ୧୦ ଦିନ ମଧ୍ୟରେ ବିଲ୍ ପୈଠ କରାଯିବାକୁ ଜିଲ୍ଲାପାଳ ଆଦେଶ ଦେଇଥିଲେ ମଧ୍ୟ କରାଯାଇନଥିଲା। ପରେ କେଉଁ କନିଷ୍ଠ ଯନ୍ତ୍ରୀଙ୍କ ଆକାଉଣ୍ଟରେ ପ୍ରକଳ୍ପର ବିଲ୍ ଅର୍ଥ ରିଲିଜ କରାଯାଇଥିଲା ଏବଂ କାହାକୁ ପ୍ରକଳ୍ପ ଅର୍ଥରାଶି ପ୍ରଦାନ କରାଯାଇଥିଲା ସେନେଇ ସୂଚନା ଅଧିକାର ଆଇନରେ ସୂଚନା ମଗାଯାଇଥିବା ତଥ୍ୟରୁ ତଞ୍ଚକତା କରି ସୂଚନା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବହଳଦା ବିଡିଓଙ୍କୁ ପଚାରିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ହୋଇଛି କି ନାହିଁ ତାହା ତଦାରଖ କରିବା ଦାୟିତ୍ୱ ମୋର ଏବଂ ଯେହେତୁ ଏହି ପ୍ରକଳ୍ପ ଡିପାର୍ଟମେଣ୍ଟାଲ କାର୍ଯ୍ୟ ଥିଲା ତେଣୁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜାଣିବେ ଯେ ପ୍ରକଳ୍ପ କାର୍ଯ୍ୟ କାହାଦ୍ୱାରା ହେଲା ଏବଂ କାହାକୁ ବିଲ ଟଙ୍କା ପ୍ରଦାନ କରାଗଲା ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ତେବେ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ କୃପାସିନ୍ଧୁ ଖାଖା ବୃକକ ରୋଗରେ ପୀଡିତ ରହି ଗତ ଜୁଲାଇ ମାସ ୭ ତାରିଖରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ସ୍ଥାନରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେଦ ଏବଂ ବହଳଦା ବିଡିଓ ଶରତ କୁମାର ମଲ୍ଲିକଙ୍କ ତଞ୍ଚକତା ଫଳରେ ଏହି ବିଲ୍ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି ଠିକାଦାର ମନୋରଞ୍ଜନ ମହାନ୍ତ ଓ ନାରାୟଣ ମହାନ୍ତି। ସୋମବାର ଅନୁଷ୍ଠିତ ହୋଇଥିବା ଜନଶୁଣାଣି ଶିବିରରେ ଉଭୟ ଠିକାଦାରଙ୍କ ଅଭିଯୋଗ କ୍ରମେ ବହଳଦା ବିଡିଓ ଶ୍ରୀ ମଲ୍ଲିକ ଓ କନିଷ୍ଠ ଯନ୍ତ୍ରୀ ଶ୍ରୀ ବେଦ୍‌ଙ୍କ ଉପସ୍ଥିତିରେ ଜିଲ୍ଲାପାଳ ହେମନ୍ତ କୁମାର ସଏଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପରେ ରାଇରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ଘଟଣାର ଯଥାଶୀଘ୍ର ସମାଧାନ ନିମନ୍ତେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।



# ହେଟାବାଘ ଆକ୍ରମଣରେ ପୁଣି ୨ ଆହତ

**କରଞ୍ଜିଆ, ୯।୯ (ସମିସ):** କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣୀ ରେଞ୍ଜର ତୁଳସୀପୋଷି, ତିନିଟିଆ, ହାତୀଦାଣ୍ଡି ବାକର୍ତଳା ଗ୍ରାମରେ ଏକ ବଣୁଆ ହେଟାବାଘ ଆତଙ୍କ ଖେଳାଇଚାଲିଛି। ଏହି ହେଟାବାଘ ଆକ୍ରମଣରେ ଗତକାଲି ତୁଳସୀପୋଷି ଗ୍ରାମର ରାଜେନ୍ଦ୍ର ନାୟକ ସୁନିତା ନାୟକ, ତିନଟିଆ ଗ୍ରାମର କୁଶଧର ନାୟକ, ତପନେଶ୍ୱର ନାୟକ, ମହାଦେବ ନାୟକ, ହାତୀଦାଣ୍ଡି ଗ୍ରାମର ସ୍ୱର୍ଣ୍ଣଲତା ମହାନ୍ତ, ଯଯାତି ମହାନ୍ତ, ବାକର୍ତଳା ଗ୍ରାମର ସୁନାରାମ ମାଝୀ ଆହତ ହୋଇଥିଲେ। ଏମାନେ ବିଲ ବାଡ଼ି ଓ ଜଙ୍ଗଲ ଅଞ୍ଚଳରେ କାମ କରୁଥିବା ସମୟରେ ହେଟାବାଘ ଆକ୍ରମଣ କରିଥିଲା। ହେଲେ ମଙ୍ଗଳବାର ପୁଣି ଦୁଇ ଜଣ ଆହତ ହୋଇଛନ୍ତି। ଆହତ ଦୁଇ ଜଣ ସକାଳ ୬.୩୦ମିନିଟ ସମୟରେ ଜଙ୍ଗଲ ଆଡକୁ ଯାଉଥିବା ବେଳେ ହେଟାବାଘ ଆକ୍ରମଣ କରିଥିଲା। ଆହତ ଦୁଇ ଜଣ ହେଉଛନ୍ତି କେଁଝର ଗ୍ରାମର ଅଜୟ କୁମାର ମହାନ୍ତ ଓ ହାତୀଦାଣ୍ଡି ଗ୍ରାମର ସୁଜାତା ନାୟକ। ହେଟାବାଘ ଆକ୍ରମଣରୁ ଦୂରେଇ ରହିବା ପାଇଁ ବନ ବିଭାଗ ପକ୍ଷରୁ ମାଇକରେ ସଚେତନ କରାଯାଇଛି।

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ନେପାଳରୁ ସନ୍ଦେଶ

ସାମ୍ପ୍ରତି ନେପାଳରେ ଯାହା ଘଟିଛି, ଘଟୁଛି ଓ ଘଟିବାକୁ ଯାଉଛି ତାହାର ପ୍ରଭାବ କେବଳ ସେହି ଦେଶ ଭିତରେ ସୀମିତ ନାହିଁ। ସେଠାରେ ସୃଷ୍ଟ ହିଂସା, ଜୀବନହାନି ପଛରେ କାରଣ ଯାହା ବି ଥାଉ ନା କାହିଁକି, ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ଛାତ୍ରସମାଜ ଭିତରେ ନବଜାଗରଣର ବାତାବରଣ କ୍ରମେ ଯେ ବିଶ୍ୱ ରାଜନୀତିରେ ନୂଆ ସମ୍ଭାବନା ସୃଷ୍ଟି କରୁଛି ତାହା ସ୍ୱୀକାର କରିବାକୁ ହେବ। ଏଥିସହିତ ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସୃଷ୍ଟ ନୂତନ ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ହିମାଳୟ ପାଦଦେଶରୁ ଏକ ସତର୍କ ଘଣ୍ଟିର ସୂଚନା ମଧ୍ୟ ମିଳିଛି।

ନେପାଳ ଘଟଣାରୁ ଅବଶିଷ୍ଟ ବିଶ୍ୱକୁ ଅନ୍ତତଃ ତିନିଟି ସନ୍ଦେଶ ଯାଇଛି। ପ୍ରଥମତଃ, ଜନତା, ବିଶେଷକରି ଯୁବବର୍ଗଙ୍କ ଉପରେ ମୁଖ୍ୟସ୍ରୋତର ଗଣମାଧ୍ୟମ ତୁଳନାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ଆଦୃତି ବଢ଼ିବାରେ ଲାଗିଛି। ଏପରିକି ସାମାଜିକ ଗଣମାଧ୍ୟମ ନିର୍ବାଚନ ଫଳାଫଳ ନିର୍ଣ୍ଣୟରେ ବଡ଼ ଭୂମିକା ନିର୍ବାହ କରୁଛି, ଯାହାର ପ୍ରଭାବରୁ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ବର୍ତ୍ତିପାରିନାହିଁ। ସରକାରୀ କଳର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସାମାଜିକ ଗଣମାଧ୍ୟମ ହିଁ ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ନିର୍ଭୀକ ସାମ୍ବାଦିକତାର ଭୂମିକା ନିର୍ବାହ କରୁଛି। ତେଣୁ ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମକୁ ନେପାଳ ସରକାର ନିଷେଧ ଘୋଷଣା କରିବା ପରେ ତାହାର ତତ୍କାଳ ପ୍ରତିକ୍ରିୟା ଛାତ୍ର ଓ ଯୁବ ସମାଜରେ ପ୍ରତିଫଳିତ ହୋଇଛି। ଦ୍ୱିତୀୟତଃ, ସାମ୍ପ୍ରତିକ ଯୁବପିଢ଼ି(ଜେନ୍-ଜେଡ୍)କୁ ସାମାଜିକ ଗଣମାଧ୍ୟମ ନିଜର ମୋହ-ମାୟାଜାଲ୍‌ରେ ଏତେ ଆସକ୍ତ କରି ରଖିଛି ଯେ ତା'ବିନା ଦଣ୍ଡେ ମଧ୍ୟ ତିଷ୍ଠିବା ଅସମ୍ଭବ ହୋଇପଡ଼ିଛି। ସାମାଜିକ ଗଣମାଧ୍ୟମର ସମାଜ ଉପରେ ଏହି ନକାରାତ୍ମକ ପ୍ରଭାବ ଆଦୌ ଶୁଭଙ୍କର ନୁହେଁ।

ତୃତୀୟ ସନ୍ଦେଶଟି ଉଭୟ ଚିନ୍ତାଜନକ ଓ ସକାରାତ୍ମକ। ଯଦି ଶାସନ ବିରୋଧୀ ଆନ୍ଦୋଳନ ଓ ବିଦ୍ରୋହ ପଛରେ ବାହ୍ୟଶକ୍ତିର ହାତ ଥିବା ଧରାନିଆଯାଏ ତେବେ ତାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଏକତା ପ୍ରତି ବଡ଼ ଆହ୍ୱାନ। ଗତବର୍ଷ ବାଂଲାଦେଶ, ଚଳିତ ବର୍ଷ ଇଣ୍ଡୋନେସିଆ ଏବଂ ଏବେ ନେପାଳରେ ଶାସନତନ୍ତ୍ର ବିରୋଧରେ ସୃଷ୍ଟ ବିରୋଧ, ବିକ୍ଷୋଭ ଓ ବିଦ୍ରୋହ ଆଦୌ କାକତାଳିକ ହୋଇ ନ ପାରେ। ବାଂଲାଦେଶରେ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପଛରେ ଆମେରିକା, ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ କେତେକାଂଶରେ ପ୍ରମାଣିତ। ତେଣୁ ଇଣ୍ଡୋନେସିଆ ଓ ନେପାଳରେ ସେଭଳି ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। କିନ୍ତୁ ସକାରାତ୍ମକ ଦିଗରୁ ବିଚାର କଲେ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବାଂଲାଦେଶର ଛାତ୍ର ଆନ୍ଦୋଳନ ପଛରେ ଥିଲା ନିରଙ୍କୁଶ କ୍ଷମତାର ମନମୁଖି ଶାସନରେ ଅତିଷ୍ଠ ପୁଞ୍ଜିଭୂତ ଅସନ୍ତୋଷର ବାସ୍ତବ ପ୍ରତିଫଳନ। ଗତ ସପ୍ତାହରେ ଇଣ୍ଡୋନେସିଆରେ ଶାସନତନ୍ତ୍ର ବିରୋଧରେ ସମାନ କାରଣରୁ ଜନପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସେହିପରି ସମ୍ପ୍ରତି ନେପାଳ ଘଟଣା ପଛର ପୃଷ୍ଠଭୂମି ଯଦି କେବଳ ସାମାଜିକ ଗଣମାଧ୍ୟମର ନିଷେଧାଦେଶରେ ସୀମିତ ଥା'ନ୍ତା ତେବେ ନେପାଳ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ନ ଥା'ନ୍ତେ। ନେପାଳରେ ଜେନ୍‌ଜେଡ୍‌ର ହିଂସାତ୍ମକ ଆନ୍ଦୋଳନ ପଛରେ ସାମାଜିକ ଗଣମାଧ୍ୟମ ନିଷେଧକୁ ବିରୋଧ ଏକ ବାହାନାମାତ୍ର। ଅସଲ କାରଣ ଶାସନତନ୍ତ୍ରର ଦୁର୍ନୀତି, ଭ୍ରଷ୍ଟାଚାର ଓ ସ୍ୱୈରଚାର, ଏହା ଏକ ଅପ୍ରିୟସତ୍ୟ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକଙ୍କୁ ଗାଦିଚ୍ୟୁତ କରିବା ପାଇଁ ଯଦି ରାଜତନ୍ତ୍ର ବ୍ୟବସ୍ଥା ଭଳି ପ୍ରଜାତନ୍ତ୍ରଙ୍କୁ ବିଦ୍ରୋହର ପଥ ଆପଣେଇବାକୁ ପଡ଼େ, ଗଣତନ୍ତ୍ର ପାଇଁ ଏହାଠାରୁ ବଳି ବିପଦ ଆଉ କ'ଣ ହୋଇପାରେ? ତେଣୁ ଇଣ୍ଡୋନେସିଆ ଓ ନେପାଳ ଘଟଣାକୁ ଆଞ୍ଚଳିକ ସମସ୍ୟା ଭାବେ ଆଦୌ ଅଣଦେଖା କରାଯାଇ ନ ପାରେ। ଗଣତନ୍ତ୍ର ହେଉ କି ରାଜତନ୍ତ୍ର ନିରଙ୍କୁଶ ଓ ନିରବଚ୍ଛିନ୍ନ କ୍ଷମତା ଯେତେବେଳେ ଜନତାନ୍ତ୍ରିକ ଓ ଜନକଲ୍ୟାଣ ବିମୁଖୀ ହୋଇଯାଏ ସେତେବେଳେ ଜନଅସନ୍ତୋଷ ଆଉ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ, ଏହା ସାମ୍ପ୍ରତିକ ଦୃଶ୍ୟପଟ୍ଟର ସବୁଠାରୁ ବଡ଼ ସଙ୍କେତ। ସେଭଳି ଘୁଣଖିଆ ଶାସନର ଅବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ଆଗାମୀ ଦିନରେ ଛାତ୍ରସମାଜ ସାରଥି ସାଜିବେ ସେହି ଶୁଭସଙ୍କେତ ମଧ୍ୟ ମିଳୁଛି।

## ଆଧାରକୁ ସ୍ୱୀକୃତି

ଭୋଟର ତାଲିକାରେ ନାମ ସାମିଲ୍ ପାଇଁ ପ୍ରମାଣସିଦ୍ଧ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପରିଚୟ ପତ୍ର ଭାବରେ 'ଆଧାର'କୁ ଗ୍ରହଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିହାରରେ ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନରେ ଯେଉଁ ବିବାଦ, ବିତର୍କ ଓ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ତାହାର ଆପାତତଃ ସମାଧାନର ବାଟ ବାହାରିଛି। ଏଥିସହିତ ନିର୍ବାଚନ ଆୟୋଗ 'ଆଧାର'କୁ ଭୋଟର ପରିଚୟ ଭାବେ ବୈଧ ନ କରିବା ପାଇଁ ଯେଉଁ କସରତ କରିଥିଲେ ତାହା ମଧ୍ୟ ନିଷ୍ଫଳ ହୋଇଛି।

ବିହାରରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭରୁ ବିବାଦ ଓ ବିତର୍କ ସୃଷ୍ଟି ହୋଇଥିଲା। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିପାଇଁ ନିର୍ବାଚନ ଆୟୋଗ ଭୋଟରଙ୍କଠାରୁ ଯେଉଁ ପ୍ରମାଣପତ୍ର ଲୋଡ଼ିଥିଲେ ତାହା ହିଁ ସମସ୍ୟା ସୃଷ୍ଟି କରିଥିଲା। ୧୨କୋଟି ଜନସଂଖ୍ୟା ବିଶିଷ୍ଟ ବିହାର ଭଳି ସବୁକ୍ଷେତ୍ରରେ ଏକ ପଛୁଆ ରାଜ୍ୟରେ ଭୋଟରମାନେ ମାତ୍ର ମାସକ ଭିତରେ ସେହିସବୁ ପ୍ରମାଣପତ୍ର ଯୋଗାଡ଼ କରିବା ଦୁରୁହ ବ୍ୟାପାର ଥିଲା। ସରକାରୀ ବ୍ୟବସ୍ଥାର ସବୁକ୍ଷେତ୍ରରେ 'ଆଧାର' ବାଧ୍ୟତାମୂଳକ ଓ ଅପରିହାର୍ଯ୍ୟ ଥିବାରୁ ସାମ୍ପ୍ରତିକ ଜଟିଳ ପରିସ୍ଥିତିରେ ଭୋଟର ପରିଚୟ ପାଇଁ ତାହାକୁ ସ୍ୱୀକାର କରିଥିଲେ ଆକାଶ ଛିଡ଼ି ପଡ଼ିନଥା'ନ୍ତା। କିନ୍ତୁ ନିର୍ବାଚନ ଆୟୋଗ ତାଙ୍କ ଜିଦ୍‌ରେ ଅଡ଼ି ବସିବାରୁ ଲୋକେ ତ ହଇରାଣ ହେଲେ, ସଂସଦର ମୌସୁମୀ ଅଧିବେଶନ ପ୍ରାୟତଃ ଅଚଳ ହୋଇଗଲା। ସର୍ବୋଚ୍ଚ ନ୍ୟାୟାଳୟର ବହୁମୂଲ୍ୟ ସମୟ ମଧ୍ୟ ନଷ୍ଟ ହେଲା।

'ଆଧାର'କୁ ନାଗରିକ ପ୍ରମାଣପତ୍ର ରୂପେ ଗ୍ରହଣ କରାଯିବ ନାହିଁ, ଅଥଚ ପରିଚୟପତ୍ର ରୂପେ ଗ୍ରହଣ କରିବାରେ ଅସୁବିଧା ନାହିଁ ବୋଲି ନ୍ୟାୟାଳୟଙ୍କ ରାୟ ପରେ ଏହି ସମସ୍ୟାର ଅବସାନ ଘଟିଛି। ଓଡ଼ିଆରେ ଏକ ଲୋକକଥା ଅଛି, ଯାହାର ମର୍ମାର୍ଥ ହେଉଛି - ଯାହା ଅବଧାର୍ଯ୍ୟ ତାହା ହିଁ ଶେଷରେ ହୁଏ, ଅଥଚ ତାହାକୁ ପ୍ରଥମରୁ ଅସ୍ୱୀକାର କଲେ ଅଯଥା ସମାଜର ସମ୍ମାନ ଓ ସମୟ ହାନି ହୁଏ। ନିର୍ବାଚନ ଆୟୋଗଙ୍କ ବିହାର ଭୋଟର ତାଲିକା ସଂଶୋଧନ କସରତରୁ ସେହି ଆପ୍ତବାକ୍ୟଟି ପ୍ରମାଣିତ ହେଉଛି।

# କିପରି ଧନୀ ହେବେ?

ଡ. ଅବଶ ପରିଡ଼ା

କିପରି ଧନୀ ହେବେ? ବାକ୍ୟଟି ଠିକ୍ ଚୁମ୍ବକ ପରି, ଯାହା ଆମକୁ ଆକର୍ଷଣ କରେ। ନଜର ଆପେ ଆପେ ଟାଣି ହୋଇଯାଏ। ଏଥିରେ କିଛି ମନ୍ଦ ବି ନାହିଁ। ପ୍ରାୟ ଅଧିକାଂଶ ଲୋକ ଧନୀ ଏବଂ ଏକ ସମୃଦ୍ଧ ଜୀବନ ବଞ୍ଚିବାକୁ ଇଚ୍ଛା ରଖନ୍ତି। କିଛିଦିନ ତଳେ 'ଧନୀ ହେବାର ଆକାଂକ୍ଷା' ଶୀର୍ଷକ ଏକ ସର୍ବେକ୍ଷଣରେ ପ୍ରକାଶ ପାଇଛି ଯେ ଶତକଡ଼ା ୬୫ ପ୍ରତିଶତଙ୍କ ପାଇଁ ପୂର୍ବାପେକ୍ଷା ଟଙ୍କା ଓ ସମ୍ପତ୍ତି ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପୃଥିବୀର ସବୁ ଯାଗାରେ ସମାନ ପରିସ୍ଥିତି। ବିଶ୍ୱ ଅର୍ଥନୀତିର ତିନି-ଚତୁର୍ଥାଂଶ ପ୍ରତିନିଧିତ୍ୱ କରୁଥିବା ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ଅତ୍ୟଧିକ ଟଙ୍କା ସଞ୍ଚୟ କରିବା, ଧନୀ ହେବା ପାଇଁ ବାଟ ଖୋଜିବା ସହିତ ଏକ ସମୃଦ୍ଧ ଜୀବନକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିରୁ ଭାରତୀୟମାନେ ମଧ୍ୟ ଭିନ୍ନ ନୁହନ୍ତି। ଆମମାନଙ୍କ କ୍ଷେତ୍ରରେ ଧନୀ ହେବାର, ବିଶେଷକରି କୋଟିପତି ହେବାର ଆଶା ଓ ଆକାଂକ୍ଷା ବଢ଼ୁଛି। କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କୋଟିପତି ହେବା ପାଇଁ ଭାରତୀୟମାନେ ଅବୈଧ ନୁହେଁ, ବରଂ ନୈତିକ ଓ ଆଇନଗତ ଉପାୟକୁ ପସନ୍ଦ କରୁଛନ୍ତି। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ଅଭ୍ୟାସ ଓ ଜୀବନଶୈଳୀକୁ ମଧ୍ୟ ପରିବର୍ତ୍ତନ କରିବାକୁ ଭାରତୀୟମାନେ ଇଚ୍ଛୁକ।

ଏଠାରେ ଏକ ସାଧାରଣ ପ୍ରଶ୍ନ ଆସିପାରେ ଯେ ଧନୀ ହେବାର ଆକାଂକ୍ଷା ବଢ଼ୁଛି କାହିଁକି? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କେବଳ ଭଲ ଭାବେ ବଞ୍ଚିବା ପାଇଁ ନୁହେଁ, ବରଂ ପରିବର୍ତ୍ତନ ପାଇଁ ଏହି ଆକାଂକ୍ଷାର ସୃଷ୍ଟି। ଆଧୁନିକୀକରଣର ଚାପ, ଅସରନ୍ତି ଆଶା, ଅସମାନ ଆୟ, ଉପଭୋକ୍ତାବାଦର ଅଭ୍ୟାସ ଏବଂ ବ୍ୟକ୍ତିଗତ ସ୍ୱପ୍ନ ଭଳି ଅନେକ କାରଣ ଏଥିପାଇଁ ସହାୟକ। 'ଧନୀ ହେବାର ପ୍ରକ୍ରିୟା' କିଛି ଅଛି କି? ଆପଣଙ୍କ ମନକୁ ଏ ପ୍ରଶ୍ନ ବି ଆସୁଥିବ। ହଁ, ଏହି ପ୍ରକ୍ରିୟାର ଗୋଟେ ଲମ୍ବା ତାଲିକା ଅଛି।

ପ୍ରଥମଟି ହେଉଛି, ସାଂଗଠନିକ ଓ ଗଠନମୂଳକ ପ୍ରକ୍ରିୟା। ଅନେକ ଏହାକୁ ଧନୀ ହେବାର ପ୍ରକୃତ ପଥ ବୋଲି ମତ ରଖନ୍ତି। ଶିକ୍ଷା, ଦକ୍ଷତା-ନିର୍ମାଣ, ଉଦ୍ୟୋଗିତା ସହାୟତା, ସରକାରୀ ଯୋଜନା, ଋଣ, ନିଯୁକ୍ତି, ସମ୍ପତ୍ତି ସୃଷ୍ଟି ଉପକରଣ ଯଥା ସେୟାର ବଜାର, ମ୍ୟୁଚୁଆଲ୍ ଫଣ୍ଡ, ରିଅଲ୍ ଇଷ୍ଟେଟ୍ ଓ ନିବେଶ ଇତ୍ୟାଦି ଏହାର ଉପାଦାନ। ଦ୍ୱିତୀୟଟି ହେଉଛି ଶୋଷଣମୂଳକ କିମ୍ବା ଭ୍ରମାତ୍ମକ ପ୍ରକ୍ରିୟା। ଏଥିରେ ନିଜେ ଧନୀ ହେବାକୁ ହେଲେ ଅନ୍ୟଲୋକଙ୍କୁ ବୋକା କିମ୍ବା ବିଭ୍ରାନ୍ତ କରାଯାଏ। ଠକେଇପୂର୍ଣ୍ଣ ନିବେଶ ମଡେଲ, ଯେପରିକି ଚିଟ୍‌ଫଣ୍ଡ, ମିଛ ବ୍ୟବସାୟ ଟିପ୍ସ, କ୍ରିପ୍ଟୋ ଠକେଇ, ଉଚ୍ଚ-ଦେୟ ଯୁକ୍ତପାଠ୍ୟକ୍ରମ, ଲଟେରୀ ଓ ଜୁଆ ଅର୍ଥନୀତି ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ। ଆଚରଣଗତ ପ୍ରକ୍ରିୟା ହେଉଛି ତୃତୀୟ, ଯେଉଁଥିରେ ବ୍ୟକ୍ତିର ଆଶାକୁ ପରିଚାଳନା କରାଯାଏ। ଏହି ପ୍ରକ୍ରିୟା 'ଆକାଂକ୍ଷୀ ମାର୍କେଟିଙ୍ଗ' ଉପରେ ନିର୍ଭରଶୀଳ। ଏହାର ମାନେ ହେଉଛି ବିଳାସପୂର୍ଣ୍ଣ ବିଜ୍ଞାପନ ଏବଂ ଧନୀ ହେବାର ସଫଳ କାହାଣୀକୁ ବିଶ୍ୱାସ କରିବା ପାଇଁ ଏକ ଚାପ ପ୍ରୟୋଗ କରାଯାଏ। ଆଚରଣଗତ ପ୍ରକ୍ରିୟାର ସବୁଠାରୁ ଆଧୁନିକ ଉପାଦାନ ହେଉଛି ଆପ୍ସ ଏବଂ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ନିବେଶ। ଏସବୁକୁ ଏକ ଖେଳ ଭାବରେ ଉପସ୍ଥାପନ କରାଯିବା ସହିତ ଏକ ବିପଦପୂର୍ଣ୍ଣ ଅର୍ଥନୈତିକ ଆଚରଣକୁ ପ୍ରୋତ୍ସାହିତ କରାଯାଏ। ଚତୁର୍ଥ ତଥା ଶେଷ ହେଉଛି ସାଂସ୍କୃତିକ ଓ ପ୍ରତୀକାତ୍ମକ ପ୍ରକ୍ରିୟା। ଏଥିରେ ଆକାଂକ୍ଷୀ ବର୍ଣ୍ଣନା ହୁଏ ଏବଂ ପୁସ୍ତକ, ଭିଡିଓ, ଗଣମାଧ୍ୟମ, ଜ୍ୟୋତିଷ ଓ ପାଠ୍ୟକ୍ରମ ଇତ୍ୟାଦି ଏହାର ଉପାଦାନ। ଚୁମ୍ବକରେ କହିବାକୁ ଗଲେ ଧନୀ ହେବାର ପ୍ରକ୍ରିୟାରେ ବୈଧ ଅର୍ଥନୈତିକ ଉପଦେଶଠାରୁ ଆରମ୍ଭ କରି ପ୍ରତୀକାତ୍ମକ ଓ ଶୋଷଣମୂଳକ ରଣନୀତି ପରିସରଭୁକ୍ତ। ଲୋକମାନେ ଏଠି ଦୁଇପ୍ରକାରର ବ୍ୟବହାର କରନ୍ତି। ଯଥା ଧନୀ ହେବାର ସ୍ୱପ୍ନ ଆଡ଼କୁ ଅଗ୍ରସର ହୁଅନ୍ତି କିମ୍ବା କେତେକ ସମୟରେ ଭ୍ରମିତ ମଧ୍ୟ ହୁଅନ୍ତି।

'କିପରି ଧନୀ ହେବେ' କେବଳ ଏକ ବାକ୍ୟ ନୁହେଁ ଏହା ଏକ ଶିଳ୍ପ, ଏକ ବିଶାଳ ଅର୍ଥନୀତି। ଲୋକଙ୍କ ଆକାଂକ୍ଷା ଉପରେ ନିର୍ମିତ ଏକ ମେଟା-ମାର୍କେଟ। ଆମେ ଯେଉଁ ସମାଜରେ ରହୁଛେ, ସେଠାରେ ଉଭୟ ବସ୍ତୁବାଦୀ ଓ ବ୍ୟକ୍ତିଗତ ସଫଳତାକୁ ପ୍ରାଥମିକତା ଦିଆଯାଏ। ସମାଜବିଜ୍ଞାନୀ ମ୍ୟାକ୍ସ ୱେବରଙ୍କ ପ୍ରୋଟେଷ୍ଟାଣ୍ଟ ନୀତି ଏଠି ଖୁବ ପ୍ରାସଙ୍ଗିକ। ୱେବରଙ୍କ ମତରେ ଧନ ହେଉଛି ଶୃଙ୍ଖଳା, ପ୍ରୟାସ ଓ ଭାଗ୍ୟର ଏକ ନୈତିକ ଚିହ୍ନ। ଧନ ଓ ସମ୍ପତ୍ତି ଆମ ନିମନ୍ତେ କେବଳ ବଞ୍ଚିବାର ଏକ ମାଧ୍ୟମ ନୁହେଁ, ବରଂ ସାମାଜିକ ସ୍ଥିତି, ସ୍ୱାଧୀନତା ଏବଂ ଆତ୍ମମୂଲ୍ୟର ପ୍ରତୀକ। କହିବାକୁ ଗଲେ 'ଧନୀ ହେବି' ଏକ ସାଂସ୍କୃତିକ ଆବେଗ। ତେଣୁ ଏହି ଆବେଗକୁ ନେଇ ବେପାର ହେବା ମଧ୍ୟ ସ୍ୱାଭାବିକ। ପୁସ୍ତକ, ଟକ୍ ଶୋ, ପାଠ୍ୟକ୍ରମ ଓ ଜ୍ୟୋତିଷଶାସ୍ତ୍ର ଦ୍ୱାରା ଏକ ବଜାର ସୃଷ୍ଟି ହୁଏ। ପ୍ରତିବଦଳରେ ବଜାର ଦିଏ ଆର୍ଥିକ ସମୃଦ୍ଧିର ପଥ ଓ ସମାଧାନର ପ୍ରତିଶ୍ରୁତି। ଏହା ସତ ଯେ ବ୍ୟକ୍ତିର ଆଶାକୁ ବ୍ୟବସାୟରେ ପରିବର୍ତ୍ତନ କରୁଛନ୍ତି କିଛି ପୁସ୍ତକ ପ୍ରକାଶକ, ପ୍ରେରଣାଦାୟକ ବକ୍ତା ଓ ଗଣମାଧ୍ୟମ। ଏକ ସ୍ୱୟଂ-ସହାୟକ ପୁସ୍ତକ କିମ୍ବା ଏକ ୟୁଟ୍ୟୁବ୍ ସେମିନାରରେ କେବଳ ଶବ୍ଦ ବା ଭାଷଣ ବିକ୍ରି ହୁଏ ନାହିଁ। ବରଂ ପରିବର୍ତ୍ତନର ସମ୍ଭାବନାକୁ ବିକ୍ରୟ କରାଯାଉଛି। ପିଏରେ ବୋର୍ଡିୟୁଙ୍କ 'ସାଂସ୍କୃତିକ ପୁଞ୍ଜି' ବା କଲ୍‌ଚରାଲ୍ କ୍ୟାପିଟାଲ୍‌ର ଧାରଣା ଏଠାରେ ପ୍ରଯୁଜ୍ୟ।

ଯେତେବେଳେ 'ସଫଳତା'ର ଭାଷା ଏକ ପ୍ରତୀକାତ୍ମକ ପୁଞ୍ଜି ହୋଇଯାଏ ସେତେବେଳେ ଗ୍ରାହକମାନେ ଏହାକୁ ଅର୍ଥନୈତିକ ପୁଞ୍ଜିରେ ରୂପାନ୍ତରିତ କରିବା ଆଶାରେ କିଣନ୍ତି। ଉଦାହରଣ ସ୍ୱରୂପ, 'ରିଚ୍ ଡ୍ୟାଡ୍ ପୋର ଡ୍ୟାଡ୍' କିମ୍ବା 'ଥିଙ୍କ୍ ଆଣ୍ଡ ଗ୍ରୋ ରିଚ୍' ଭଳି ପୁସ୍ତକ ସାରା ବିଶ୍ୱରେ କୋଟିକୋଟି ସଂଖ୍ୟାରେ ବିକ୍ରି ହୋଇସାରିଛି। ପ୍ରତିଦିନ ଏହାର ବହୁଭାଷୀ ନକଲ ମଧ୍ୟ ବଜାରକୁ ଆସୁଛି। ଏକ ଆକଳନ ଅନୁଯାୟୀ, ୨୦୨୪ ମସିହାରେ ବିଶ୍ୱ ସ୍ୱୟଂ ସହାୟକ ଶିଳ୍ପର ମୂଲ୍ୟ ପ୍ରାୟ ଚାରିଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା, ଯେଉଁଥିରେ ବ୍ୟକ୍ତିତ୍ୱ ବିକାଶ, ସଫଳତା, ସ୍ୱୟଂ-ସହାୟକ ପୁସ୍ତକ, ପ୍ରଶିକ୍ଷଣ, ପାଠ୍ୟକ୍ରମ ଏବଂ ପ୍ରେରଣାଦାୟକ ଭାଷଣ ଅନ୍ତର୍ଭୁକ୍ତ। ଆଗାମୀ ପାଞ୍ଚ ବର୍ଷରେ ଏହି ଅର୍ଥନୀତି ୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ।

ଏଠାରେ ଦୁଇଟି କଥା ଆଲୋଚନା କରିବା। ଉଭୟ ଆର୍ଲି ହଚସଚିଲ୍ଡଙ୍କ ଭାବପ୍ରବଣ ଶ୍ରମ(ଇମୋସନାଲ୍ ଲେବର) ଏବଂ ଇଭା ଇଲୁଜଙ୍କ ଭାବପ୍ରବଣ ପୁଞ୍ଜିବାଦ(ଇମୋସନାଲ୍ କ୍ୟାପିଟାଲିଜିମ୍) ବ୍ୟାଖ୍ୟା କରେ ଯେ ଧନୀ ହେବାର ବିଷୟବସ୍ତୁ ଆଶା, ଆତ୍ମବିଶ୍ୱାସ ଏବଂ ସମ୍ପର୍କ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି। ତେଣୁ ଏହାକୁ ପାଥେୟ କରି ଇଭେଣ୍ଟ ଏବଂ ଟକ୍ ଶୋ' ଆମ ସାମୂହିକ ଭାବନାକୁ ପରିଚାଳନା କରୁଛନ୍ତି। ଉଦାହରଣ ସ୍ୱରୂପ, ଦର୍ଶକଙ୍କ କରତାଳି, ସାକ୍ଷ୍ୟ, 'ପୂର୍ବ-ପର' କାହାଣୀ ଓ ପରାମର୍ଶର ପ୍ରଭାବ ହେଉଛି ପୁନରାବୃତ୍ତି-କ୍ରୟ କରିବାର ଏକ ଫାଶ। ଏଠି ଜାଣି ରଖନ୍ତୁ ଯେ ଧନ ରୋଜଗାର ଓ ଯୋଜନା ପାଇଁ ହେଉଥିବା ପ୍ରେରଣାଦାୟକ ଭାଷଣର ବଜାର ଅତ୍ୟନ୍ତ ଲାଭଦାୟକ, କୋଡ଼ିଏ ହଜାର କୋଟି ଟଙ୍କାର ବେପାର।

ପୃଥିବୀର ଅଧାରୁ ଅଧିକ ଯୁବବର୍ଗଙ୍କ ଚିନ୍ତା ହେଉଛି ବେକାରୀ ସମସ୍ୟା ଓ ଅନିଶ୍ଚିତ ଚାକିରି। ତେଣୁ ଯେତେବେଳେ ସାଂରଚନିକ ବ୍ୟବସ୍ଥା ଏହି ସମସ୍ୟାର ସମାଧାନ ଯୋଗେଇପାରୁନାହିଁ ସେତେବେଳେ ଏହାର ସମାଧାନ ପାଇଁ ବ୍ୟକ୍ତିଗତକୃତ 'ମହାଜାଗତିକ ସମାଧାନ' ଆଡ଼କୁ ଯୁବବର୍ଗ ମୁହାଁଉଛନ୍ତି। ଏହାର ଅର୍ଥ ହେଉଛି, ଜ୍ୟୋତିଷଶାସ୍ତ୍ର, ସଂଖ୍ୟା ବିଜ୍ଞାନ, 'ଭାଗ୍ୟ-ଆଧାରିତ' ଧନ ପରାମର୍ଶ। ସାମାଜିକ ବ୍ୟବସ୍ଥା ଯେବେ ସ୍ଥିରତା ପ୍ରଦାନ କରିବାରେ ବିଫଳ ହୁଏ, ସେସମୟରେ ଲୋକମାନେ ଅର୍ଥ ପାଇଁ କୌଣସି ଏକ ପ୍ରତୀକାତ୍ମକ ପ୍ରଣାଳୀ ଉପରେ ଆସ୍ଥା ରଖନ୍ତି। ସମ୍ଭବତଃ, ସେଇଥିପାଇଁ ସାମଗ୍ରିକ ଜ୍ୟୋତିଷ ବଜାର ଯେମିତିକି ପାଠ, ଆପ୍ସ, ରହସ୍ୟମୟ ସେବା ଇତ୍ୟାଦିର ବଜାର ମୂଲ୍ୟ ପ୍ରାୟ ୯୫ ହଜାର କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

ବିଶ୍ୱରେ ଏମିତି ଗୋଟିଏ ମାତ୍ର ବ୍ୟବସାୟ ଯାହା କେବେ ଭାଙ୍ଗିବ ନାହିଁ ତାହା ହେଉଛି ଲୋକଙ୍କୁ ଶିଖାଇବା ଯେ ସେମାନେ କିପରି ଭାଙ୍ଗି ନ ପଡ଼ିବେ। ଏହା ମଜାକଥା ନୁହେଁ। ଉଦାହରଣ ହେଉଛି ଯେ ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକର ଲେଖକଙ୍କଠାରୁ ଆରମ୍ଭ କରି ୟୁଟ୍ୟୁବ୍ ଗୁରୁ ପର୍ଯ୍ୟନ୍ତ, ସମସ୍ତେ ଧନୀ ହେବାର ରହସ୍ୟ ଜାଣନ୍ତି। କିନ୍ତୁ ସେ ବହି କିଣୁଥିବା ଲୋକ କିମ୍ବା ଭିଡିଓକୁ ରାତି ଅନିଦ୍ରା ହୋଇ ଦେଖୁଥିବା ଲୋକ ଧନୀ ହେବାର ଫର୍ମୁଲା କେବେବି ଜାଣିପାରେନାହିଁ। ଏଇ ଯେମିତି ଜ୍ୟୋତିଷ ଆପ୍ସ। ପ୍ରତିଶ୍ରୁତି, ମିଳେ ଯେ ଶୁକ୍ର ଆସନ୍ତା ଚନ୍ଦ୍ର ଗ୍ରହଣ ପରେ ଆପଣଙ୍କୁ କୋଟିପତି କରିବ। ପରବର୍ତ୍ତୀ ସୂଚନା ଆସେ କି ଅଧିକ ପ୍ରିମିୟମ୍ ଭବିଷ୍ୟବାଣୀ ପ୍ୟାକ୍ ପାଇଁ ୯୯୯ ଟଙ୍କା ପୈଠ କରନ୍ତୁ। ତେଣୁ ଏଠାରେ ପରାମର୍ଶ ରହିବ ଯେ ଯଦି ଆପଣ ପ୍ରକୃତରେ ଧନୀ ହେବାକୁ ଚାହାନ୍ତି, ତେବେ କେବଳ ସୂତ୍ର ଅନୁସରଣ କରନ୍ତୁ ନାହିଁ। ଏହାକୁ ଲେଖନ୍ତୁ, ପ୍ରକାଶ କରନ୍ତୁ, ପ୍ରୟୋଗ କରନ୍ତୁ ଏବଂ ନିଜ ପ୍ରତିଭା ଓ ଦକ୍ଷତାକୁ ବିକ୍ରୟ କରନ୍ତୁ। କାରଣ ଏହି ସ୍ୱପ୍ନର ବଜାରରେ ବିକ୍ରେତାମାନେ ସର୍ବଦା କ୍ରେତାଙ୍କ ଅପେକ୍ଷା ଅଧିକ ଧନୀ ହୁଅନ୍ତି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ରୋଷେଇ ଘରର ସ୍ୱାସ୍ଥ୍ୟ ଚିନ୍ତା

ବିଚିତ୍ର ବିଶ୍ୱାଳ

'ଏଇଟି ଆମର ରୋଷେଇ ଘର, ଏ ଘର ଭିତର ସଫାସୁତର / ଏଇଠାରେ ମା' ପରିବା କାଟେ, ବେସର ବାଟେ, ଜାଇ ରଗଡ଼େ, ଶାଗ ଖରଡ଼େ / ଗଢ଼ଇ ପିଠା, ଆରିସା କାକରା ଆହା କି ମିଠା।' ରୋଷେଇ ଘର ବିଷୟରେ ଶୈଶବରେ ପଢ଼ିଥିବା ଏହି ଗୀତଟି ଏବେ ବି ଅନେକଙ୍କ ସ୍ମୃତିରେ ତାଜା ହୋଇ ଥିବ ନିଶ୍ଚୟ। ଇଞ୍ଜିନ୍ ଯେମିତି ଗାଡ଼ିଟିକୁ ଟାଣିଥାଏ, ସେମିତି ରୋଷେଇ ଘର ହିଁ ଘରର ଇଞ୍ଜିନ୍ ଭାବେ କାମ କରିଥାଏ। ଆମ ସଂସ୍କୃତିରେ ରୋଷେଇ ଘରକୁ ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଏ। ଅପରିଷ୍କାର ହାତ ଓ ଗୋଡ଼ ନେଇ ରୋଷଇ ଘରକୁ ଯିବା ମନା। ଯଦିଓ ଏହାର ବୈଜ୍ଞାନିକ କାରଣ ବି ରହିଛି, କିନ୍ତୁ ଏହାକୁ ସଂସ୍କୃତି ସହିତ ଯୋଡ଼ି ଦିଆଯାଇ ଚଳଣିର ଏକ ଅଭିନ୍ନ ଅଂଶରେ ପରିଣତ କରିଦିଆଯାଇଛି।

ଆଦିବାସୀ ସମାଜରେ ମଧ୍ୟ ରୋଷେଇ ଘରର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଚକୋଟିଆ- ଭୁଞ୍ଜିଆ ଆଦିବାସୀ ସଂପ୍ରଦାୟର ରୋଷେଇ ଘରକୁ 'ଲାଲ୍ ବଙ୍ଗଳା' କୁହାଯାଏ। ନିଜ ପରିବାର ଲୋକଙ୍କ ବ୍ୟତୀତ ବାହାର ଲୋକ ତାଙ୍କ ରୋଷେଇ ଘରକୁ ଛୁଇଁବା ମନା। ସେମାନଙ୍କ ବିଶ୍ୱାସ ଅନୁସାରେ 'ଲାଲ୍ ବଙ୍ଗଳା'ରେ ସେମାନଙ୍କ ଦେବାଦେବୀ ଅବସ୍ଥାନ କରିଥା'ନ୍ତି। ଆମ ଓଡ଼ିଆ ପରମ୍ପରା ଓ ବିଶ୍ୱାସ ଅନୁସାରେ ରୋଷେଇ ଘରେ ବା ଭିତର ଘରେ 'ଦେଇପିଣ୍ଡି' ଅବସ୍ଥାନ କରିଥା'ନ୍ତି, ଯାହାଙ୍କୁ ପୂଜା କରାଯାଏ। ଆମ ଦେଶରେ ରୋଷେଇ ଘରର ପବିତ୍ରତା ବିଷୟ ବଖାଣିଲେ ଅନେକ ହେବ। ଏତଦ୍‌ବ୍ୟତୀତ ଛୋଟରୁ ବଡ଼ ଯାଏଁ ସମସ୍ତଙ୍କ ମନ ଥାଏ ରୋଷେଇ ଘରେ। ଆଜି କ'ଣ ରୋଷେଇ ହେଉଛି ଓ କ'ଣ ଖାଇବାକୁ ମିଳିବ! ଏହି ଦୃଷ୍ଟିରୁ ରୋଷେଇ ଘରର ଗୁରୁତ୍ୱ ଯଥେଷ୍ଟ ଅଧିକ।

ଆଜିକାଲି ରୋଷେଇ ଘରର ପରିଚୟ ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆଜିକାଲି ଆମେ ଶରୀରରେ ବହନ କରୁଥିବା ପ୍ରାୟ ସମସ୍ତ ରୋଗର କାରଣ ଖାଦ୍ୟ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ସେହି ଖାଦ୍ୟ ପ୍ରସ୍ତୁତ ହେଉଛି ଆମ ରୋଷେଇ ଘରେ। ଆଜିକାଲି ଆମେ ବ୍ୟବହାର କରୁଥିବା ଖାଦ୍ୟ ସାମଗ୍ରୀ ସବୁ, ତାହା ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ ହେଉ କି ପନିପରିବା ହେଉ, ସବୁଥିରେ ପ୍ରଚୁର ପରିମାଣର କୀଟନାଶକର ଅବଶିଷ୍ଟାଂଶର ଉପସ୍ଥିତି ରହୁଛି, ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମ ରୋଷେଇ ଘରକୁ ଏହି ସବୁ ପନିପରିବା ଓ ଫଳ ଖାଦ୍ୟ ଭାବେ ତ ଆସୁଛି, କିନ୍ତୁ ଅସଲରେ ଏହା ବିଷ ଭାବେ ଆମର ଓ ଆମ ପିଲାମାନଙ୍କର ପେଟକୁ ଯାଉଛି।

ଆମ ଦେଶରେ ଏହିପରି ବିଷାକ୍ତ କୀଟନାଶକର ବ୍ୟବହାର ୧୯୭୦ ମସିହା ସବୁଜ ବିପ୍ଳବ ପରଠାରୁ ବହୁଳ ଭାବେ ବୃଦ୍ଧି ପାଇଛି। ୧୯୯୯-୨୦୦୦ରେ ଆମ ଦେଶରେ କୃଷିକ୍ଷେତ୍ରରେ ୪୬.୨୦ ହଜାର ଟନ୍ କୀଟନାଶକର ବ୍ୟବହାର ହେଉଥିବା ବେଳେ ୨୦୨୨-୨୩ରେ ଏହା ୫୨୪୬୬.୪୫ ଟନରେ ପହଞ୍ଚିଛି। ୨୦୨୪ରେ ଆମ ଦେଶରେ କୀଟନାଶକ ବଜାରର ପରିମାଣ ହେଉଛି ୨୬ ହଜାର କୋଟି ଟଙ୍କା। ଆମ ରୋଷେଇ ଘରକୁ ବଜାରରୁ ଆସୁଥିବା ସମସ୍ତ ପନିପରିବାରେ ଯଥେଷ୍ଟ ପରିମାଣର ବିଷ ଭରିରହିଛି। ଯାହାକୁ ଆମେ ପ୍ରତ୍ୟେକ ଦିନ ଖାଦ୍ୟ ଭାବେ ଖାଉଛନ୍ତି। ଏହିସବୁ ବିଷର ପ୍ରଭାବ ଯୋଗୁଁ ସଂପ୍ରତି କ୍ୟାନ୍ସର, ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ ଓ ସ୍ନାୟବିକ ରୋଗର ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି।

ଫସଲରେ ବ୍ୟବହାର ହେଉଥିବା କୀଟନାଶକର ସର୍ବାଧିକ ପ୍ରଭାବ ଶିଶୁ ଓ ଗର୍ଭବତୀଙ୍କ ଉପରେ ପଡ଼ିଥାଏ। ତେଣୁ ଏହି ସବୁ ବିଷ କେବଳ ଯେ ବର୍ତ୍ତମାନ ପିଢ଼ିକୁ ରୋଗଗ୍ରସ୍ତ କରୁଛି ତାହା ନୁହେଁ, ଭବିଷ୍ୟତ ପିଢ଼ିକୁ ମଧ୍ୟ ରୋଗୀଣା କରୁଛି। ଏହାସହିତ ଆଜିକାଲି ବଜାର ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିବା ଆମ ରୋଷେଇ ଶୈଳୀ ବି ଆମ ଶରୀରରେ ରୋଗ ସୃଷ୍ଟି କରିବାର ଅନ୍ୟ ଏକ କାରଣ ସାଜିଛି। ପୂର୍ବ ଲୋକମାନେ ଯେଉଁଭଳି ଭାବେ ରୋଷେଇ କରୁଥିଲେ, ସଂପ୍ରତି ସେଥିରେ ବହୁତ ପରିବର୍ତ୍ତନ ଆସିଛି। ଆଜିକାଲି ରୋଷେଇରେ ତେଲ, ଚିକ୍କଣ ମଇଦା, ପଲିସ୍ ଚାଉଳ ଆଦିର ପରିମାଣ ବହୁତ ବଢ଼ିଛି, ଯାହା ଆମ ଶରୀରରେ କୋଲେଷ୍ଟ୍ରଲ ଓ ଶର୍କରା ବଢ଼ିବାର ଅନ୍ୟତମ କାରଣ। ସଂପ୍ରତି ଏମିତି ପରିବାର ନ ଥିବ, ଯେଉଁଠି ଲୋକଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା କୋଲେଷ୍ଟ୍ରଲ ହୋଇନଥିବ। ଏହିସବୁ ରୋଗର ମୂଳ କାରଣ ହେଉଛି ଆମେ ଖାଉଥିବା ଖାଦ୍ୟ।

ସମୟ ଥିଲା, ଜନସଂଖ୍ୟାର ଅଧିକ ଭାଗ ଲୋକ ଭୂତାଣୁ ଜନିତ ରୋଗର ଶିକାର ହେଉଥିଲେ। ଆଜି ଜନସଂଖ୍ୟାର ଅଧାରୁ ଅଧିକ ଭାଗ ଲୋକ ଜୀବନଶୈଳୀ ଜନିତ ରୋଗରେ ଆକ୍ରାନ୍ତ। ଏହି ରୋଗ ମୁଖ୍ୟତଃ ଅନୁପଯୋଗୀ ବିଷାକ୍ତ ଖାଦ୍ୟ ଖାଇବା ଯୋଗୁଁ ହିଁ ହେଉଛି, ଯାହା ରୋଷେଇ ଘର ବାଟ ଦେଇ ଆମ ଶରୀରକୁ ଆସୁଛି। ତେଣୁ ସଂପ୍ରତି ସ୍ୱାସ୍ଥ୍ୟକର ଜୀବନ ବଞ୍ଚିବା ପାଇଁ ପ୍ରଥମେ ଆମ ରୋଷେଇ ଘରକୁ ବିଷାକ୍ତ ଖାଦ୍ୟ ଆଣିବା ବନ୍ଦ କରିବାକୁ ହେବ। ରୋଷେଇ ଘର ବିଷମୁକ୍ତ ରହିଲେ ଆମ ଶରୀର ବି ରୋଗମୁକ୍ତ ରହିବ। ଏଥିପାଇଁ ଆମ ଚାଷବାସ ବ୍ୟବସ୍ଥାକୁ ଜୈବିକ କରିବା ସହିତ ପ୍ରକ୍ରିୟାକୃତ ପ୍ୟାକେଟ୍ ଖାଦ୍ୟକୁ ଆମ ରୋଷେଇଘରୁ ବାହାର କରିବାକୁ ହେବ।

ତିରଣ(ଜଗତସିଂହପୁର),
ମୋ: ୯୪୩୮୪୬୮୪୭୪

# ରାଘବ ଦାସ ମଠ ଓ ଅନବସର ନୀତି

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ମହାରାଜା ଚୋଳଗଙ୍ଗ ଦେବ ଉତ୍କଳର ସିଂହାସନ ଆରୋହଣ କଲା ପରେ ତାଙ୍କର ହୃଦ୍‌ବୋଧ ହେଲା ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ଉତ୍କଳୀୟମାନଙ୍କର ପ୍ରାଣର ପ୍ରାଣ। ହିନ୍ଦୁ, ବୌଦ୍ଧ ଓ ଆଦିବାସୀ ନିର୍ବିଶେଷରେ ସମସ୍ତ ପ୍ରଜା ତାଙ୍କୁ ନିଜର ଇଷ୍ଟ ରୂପେ ଆରାଧନା କରୁଥିଲେ। ଶାସକ ଓ ଶାସିତଙ୍କ ଧର୍ମ ଭିତରେ ସମନ୍ୱୟ ଏକ ଜରୁରୀ ପ୍ରଶାସନିକ ଆବଶ୍ୟକତା ବୋଲି ରାଜାଙ୍କୁ ଜଣା ଥିଲା। ତେଣୁ ସେ ବିଷ୍ଣୁ ଜଗନ୍ନାଥଙ୍କୁ ନିଜର ଇଷ୍ଟରୂପେ ଗ୍ରହଣ କଲେ। ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଯାତ୍ରା କଲେ। ମନ୍ଦିର ଭିତରକୁ ତାଙ୍କର ପ୍ରଥମ ପ୍ରବେଶରେ ସେ ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ୩୮ ହାତ ମାପର ମନ୍ଦିରର ଭଗ୍ନାବସ୍ଥା ଦେଖି ମର୍ମାହତ ହେଲେ। ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟ ଅନୁରୂପ ଏକ ମନ୍ଦିର ନିର୍ମାଣ କରିବା ପାଇଁ ସଂକଳ୍ପ ନେଲେ।

ମନ୍ଦିର ନିର୍ମାଣର ଦାୟିତ୍ୱ ରାଜା ସେ ସମୟର ବିଖ୍ୟାତ ଶିଳ୍ପାଚାର୍ଯ୍ୟ ହଳଧର ବ୍ରହ୍ମାଙ୍କ ହାତରେ ନ୍ୟସ୍ତ କଲେ। ଓଡ଼ିଶାର ଅଭ୍ୟନ୍ତର ପ୍ରଦେଶରୁ ପଥରସବୁ ଚାପ-ଡଙ୍ଗାରେ ଲଦା ହୋଇ ମହାନଦୀ ଓ ତା'ର ଶାଖା ନଦୀ ଦେଇ ଶ୍ରୀକ୍ଷେତ୍ର ଆସିବା ପରେ ସ୍ୱତନ୍ତ୍ର ଶଗଡ଼ରେ ଲଦା ହୋଇ ନୀଳାଚଳ ପର୍ବତର ପାଦ ଦେଶରେ ପହଞ୍ଚିଲା। ଯୋଜନା ହେଲା ଯେ ପର୍ବତର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଚାର(କାଠ ଓ ଶକ୍ତ କାଠ ପଟାର ଗଡ଼ା) ବନ୍ଧା ଯିବ। କିନ୍ତୁ ମହାରଣାମାନେ ଯେତେ ଚେଷ୍ଟା କଲେ ମଧ୍ୟ ଚାର ଗଢ଼ାଯାଇ ପାରିଲା ନାହିଁ।

ଚାର ଗଣେଶଙ୍କ ମନ୍ଦିର ନିକଟରେ ଗୋପୀନାଥ ମନ୍ଦିର ଥିଲା। ମହାପ୍ରଭୁଙ୍କର ପରମ ଭକ୍ତ ପରମ ବୈଷ୍ଣବ ଗୁରୁ ରାଘବ ଦାସ ନିକଟସ୍ଥ ଏକ ଆଶ୍ରମରେ ଅବସ୍ଥାନ କରି ଗୋପୀନାଥଙ୍କୁ ଆରାଧନା କରୁଥିଲେ। କ୍ଷେତ୍ରବାସୀ ତାଙ୍କୁ ଗୁରୁ ମାନ୍ୟ କରୁଥିଲେ ଏବଂ ଯେକୌଣସି ସମସ୍ୟାର ସମାଧାନ ପାଇଁ ପରାମର୍ଶ ଲୋଡ଼ୁଥିଲେ। ଚାର ବାନ୍ଧିବାରେ ବାରମ୍ବାର ଅସଫଳ ହୋଇ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ରାଘବ ଦାସଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ। ରାଘବ ଦାସ କିଛିସମୟ ଧ୍ୟାନସ୍ଥ ହେଲେ ଏବଂ ମହାପ୍ରଭୁ ସହୁଥିବା ଯନ୍ତ୍ରଣା କଥା ଦେଖି ଶିଶୁପରି କାନ୍ଦିବାକୁ ଲାଗିଲେ। କିଛି ସମୟପରେ ସେ ପ୍ରକୃତିସ୍ଥ ହେଲେ ଏବଂ କହିଲେ, 'ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅନବସର ଘରେ ଚିକିତ୍ସିତ ହେଉଛନ୍ତି। ତୁମର ଚାର ନିର୍ମାଣ ସମୟର କଠୋର ଶବ୍ଦ ଓ ଶ୍ରମିକମାନଙ୍କର ଚିତ୍କାର ମହାପ୍ରଭୁଙ୍କ ରୋଗଯନ୍ତ୍ରଣାକୁ ବହୁଗୁଣିତ କରୁଛି। ତେଣୁ ପ୍ରତିଦିନ ଚନ୍ଦନ ଘୋରି ନେଇ ଅନବସର ଘରେ ଦେବା ପରେ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରୀ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରୁଛନ୍ତି। ମହାପ୍ରଭୁଙ୍କ ଅନବସର ଶେଷ ପର୍ଯ୍ୟନ୍ତ ତୁମର ଚାର ବନ୍ଧା କାମ ସ୍ଥଗିତ ରଖିବା ପାଇଁ ମୁଁ ପରାମର୍ଶ ଦେବି।'

ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଜ୍ୱରାକ୍ରାନ୍ତ ହେଉଥିବା କଥା ଶିଳ୍ପାଚାର୍ଯ୍ୟ ସହଜରେ ଗ୍ରହଣ କରିପାରିଲେ ନାହିଁ। ଏହି ସମୟରେ ରାଜଗୁରୁ ଶୈବ ବାସୁଦେବ ରଥ ସେଠାରେ ପହଞ୍ଚଲେ। ସେ ମଧ୍ୟ ରାଘବ ଦାସଙ୍କ କଥାରେ ବିଶ୍ୱାସ କରିପାରିଲେ ନାହିଁ। ତେଣୁ ପ୍ରମାଣ ଦେବା ପାଇଁ ରାଘବ ଦାସ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ଓ ରାଜଗୁରୁ ବାସୁଦେବଙ୍କୁ ନେଇ ମେରଦା ନୃସିଂହଙ୍କ ପାଖରେ ଥିବା ସେତେବେଳର ଅନବସର ଘର ପାଖରେ ପହଞ୍ଚିଲେ। ଧନ୍ୱନ୍ତରୀ ମହାପ୍ରଭୁଙ୍କ ଚିକିତ୍ସା ପରେ ମୁକ୍ତେଶ୍ୱର ମନ୍ଦିର ପଟୁ ବାହାରି ଆସିଲେ। ସେ ଶିଳ୍ପାଚାର୍ଯ୍ୟ ଓ ରାଜଗୁରୁଙ୍କ ସନ୍ଦେହ ଦୂର କରିବା ପାଇଁ କହିଲେ, 'ଆପଣମାନେ ପରମଭକ୍ତ ରାଘବ ଦାସଙ୍କୁ ପରୀକ୍ଷା କରିବା ପାଇଁ ଆସି ମହାପ୍ରଭୁଙ୍କୁ ପରୀକ୍ଷା କରିବାର ଅପରାଧ କରିଛନ୍ତି। ଚାର ଗଢ଼ାହେବା ଦିନଠାରୁ ନିର୍ମାଣର ଶବ୍ଦ ଯୋଗୁଁ ମହାପ୍ରଭୁଙ୍କର ରୋଗଯନ୍ତ୍ରଣା ବହୁଗୁଣିତ ହୋଇଯାଇଛି। ରାଘବ ଦାସଙ୍କ ପ୍ରଦତ୍ତ ଚନ୍ଦନ କିଛି ପରିମାଣରେ ଠାକୁରଙ୍କ ଯନ୍ତ୍ରଣା ଉପଶମ କରିବାରେ ସହାୟକ ହୋଇଛି। ଅନବସର ସମୟରେ କୌଣସି ଶବ୍ଦ ଶାସ୍ତ୍ରର ବିରୁଦ୍ଧାଚରଣ କରେ।' ଏତିକି କହି ସ୍ୱର୍ଗବୈଦ୍ୟ ଅନ୍ତର୍ଦ୍ଧାନ ହୋଇଗଲେ। ବ୍ରହ୍ମା ଓ ରଥ ରାଘବ ଦାସଙ୍କୁ କ୍ଷମା ପ୍ରାର୍ଥନା କଲେ। ଚାର ଗଢ଼ିବା କାମ ଅନବସର ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିଲା।

ରାଜାଙ୍କ ଅନୁରୋଧରେ ରାଘବ ଦାସ ଅନବସର ବେଳେ ପାଳନ କରାଯିବାକୁ ଥିବା ନିୟମ ପ୍ରଣୟନ କଲେ। ଅନବସର ଘରେ ବାର୍ତ୍ତାଳାପ, ବାଦ୍ୟ, ଘଣ୍ଟ, ଘଣ୍ଟା, ନୃତ୍ୟ, ସଙ୍ଗୀତ, ମନ୍ତ୍ର ଉଚ୍ଚାରଣ ଆଦି ହେବ ନାହିଁ। ରଙ୍ଗୀନ ଫୁଲ ଲାଗି କରାଯିବ ନାହିଁ କି ପୁରାଣଶାସ୍ତ୍ର ପଢ଼ାଯିବ ନାହିଁ। ଗନ୍ଧ ଦ୍ରବ୍ୟ ଓ ରନ୍ଧା ଦ୍ରବ୍ୟ ସମର୍ପଣ ହେବ ନାହିଁ। ରାଘବ ଦାସ ରହୁଥିବା ଆଶ୍ରମର ନାମ ପରବର୍ତ୍ତୀ କାଳରେ ରାଘବ ଦାସ ମଠ ନାମରେ ଖ୍ୟାତି ଲାଭ କଲା। ଏହି ମଠ ଆଜିପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି।

ମୋ: ୯୯୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାରିବାରିକ କଳହରୁ ସ୍ୱାମୀକୁ ହତ୍ୟା

କେନ୍ଦୁଝର,୯।୯(ସମିସ): ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀକୁ ଟାଙ୍ଗିଆରେ ହାଣି ନୃଶଂଶ ଭାବେ ହତ୍ୟା କରିଛି ସ୍ତ୍ରୀ। ସଦର ଥାନା ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ ଖୁଣ୍ଟାପଡା ଗାଁରେ ମମତା ନାଏକ ଗତ ବିଳମ୍ବିତ ରାତିରେ ସ୍ୱାମୀ ମୁନା ମୁଣ୍ଡା(୨୫)ଙ୍କୁ ଶୋଇଥିବାବେଳେ ବେକରେ ଟାଙ୍ଗିଆରେ ହାଣି ହତ୍ୟା କରିଛି। ସଦର ଥାନା ଏସ୍‌ଆଇ ପ୍ରବୋଧଚନ୍ଦ୍ର ମହାନ୍ତି ତଦନ୍ତକରିବାସହ ଏକହତ୍ୟାମାମଲା ରୁଜୁକରି ଅଭିଯୁକ୍ତ ମମତାକୁ କୋର୍ଟ ଚାଲାଣ କରିଛନ୍ତି।

## ଜାମିନ ପ୍ରଦାନରେ କଠିନ ସର୍ତ୍ତ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ସ୍ୱାଧିନତାରୁ ବଞ୍ଚିତ କରିଥାଏ : ହାଇକୋର୍ଟ

କଟକ,୯।୯(ସମିସ): ଜଣେ ଅଭିଯୁକ୍ତଙ୍କୁ ଜାମିନ ଦେବା ବେଳେ ତାଙ୍କର ପରିବାର ପରିଜନର ଜଣଙ୍କୁ ଜାମିନଦାର ଭାବେ ରଖିବା ଭଳି କଠିନ ସର୍ତ୍ତାରୋପ ଜାମିନ ପ୍ରଦାନର ଉଦ୍ଦେଶ୍ୟକୁ ବିଫଳ କରିଥାଏ ବୋଲି କହିଛନ୍ତି ହାଇକୋର୍ଟ। ନିମ୍ନ ଅଦାଲତଙ୍କ ଦ୍ୱାରା ଏଭଳି ଏକ ସର୍ତ୍ତକୁ ଚାଲେଞ୍ଜ କରି ରୁଜୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାମିନ ପାଇବା ସତ୍ତ୍ୱେ ଅଭିଯୁକ୍ତ ଜାମିନ ସର୍ତ୍ତ ପାଳନ କରି ହାଜତରୁ ମୁକୁଳିବା ଅସମ୍ଭବ ହୋଇଥାଏ। ଆଇନର ଅନୁମୋଦନ ବିନା ଏଭଳି ସର୍ତ୍ତ ରଖିବା ଅଭିଯୁକ୍ତଙ୍କୁ ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରିବ ବୋଲି ହାଇକୋର୍ଟ ଏହି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଜାମିନ ସର୍ତ୍ତକୁ କୋହଳ କରିଛନ୍ତି ଅଦାଲତ। କଳାହାଣ୍ଡି ଦୌରା ଅଦାଲତଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏକ କଠିନ ଜାମିନ ସର୍ତ୍ତକୁ ଆବେଦନକାରୀ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ଅଭିଯୁକ୍ତ-ଆବେଦନକାରୀଙ୍କୁ ଅଦାଲତ ଦୁଇଜଣ ସ୍ଥାୟୀ ଜାମିନଦାର ଦାଖଲ କରିବାକୁ କହିଥିଲେ, ଯେଉଁମାନଙ୍କ ମଧ୍ୟରୁ ଜଣେ ତାଙ୍କର ସମ୍ପର୍କୀୟ/ପରିଜନ ହେବା ଆବଶ୍ୟକ ବୋଲି ସର୍ତ୍ତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଏପରି ସର୍ତ୍ତ ପାଳନ କରିବା କଷ୍ଟକର ଏବଂ ଏହି କାରଣରୁ ଜାମିନ ମଞ୍ଜୁର ହେବା ପରେ ମଧ୍ୟ ତାଙ୍କୁ ହାଜତରୁ ମୁକ୍ତ ହୋଇପାରିବେ ନାହିଁ। ନିମ୍ନ ଅଦାଲତ ଦ୍ୱାରା ଲାଗୁ କରାଯାଇଥିବା ଏପରି ଅସାଧାରଣ ପ୍ରତିବନ୍ଧକକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ଜାମିନ ପାଇଁ ସର୍ତ୍ତାବଳୀ ଲଗାଇବାର ଉଦ୍ଦେଶ୍ୟ ହେଉଛି, ଅଭିଯୁକ୍ତଙ୍କ ଉପସ୍ଥିତି ସୁନିଶ୍ଚିତ କରିବା କିନ୍ତୁ ତାଙ୍କ ସ୍ୱାଧୀନତାକୁ ହ୍ରାସ କରିବା ନୁହେଁ। ତେଣୁ, ଯେତେବେଳେ ଦୁଇଜଣ ଜାମିନଦାରଙ୍କ ପ୍ରଦାନ କରିବାର ସର୍ତ୍ତାବଳୀ ପୂର୍ବରୁ ଲାଗୁ କରାଯାଇଥିଲା, ସେତେବେଳେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଜଣେ ଜାମିନଦାରଙ୍କ ପାଇଁ ସର୍ତ୍ତାରୋପର କୌଣସି ଆବଶ୍ୟକତା ନଥିଲା ବୋଲି ହାଇକୋର୍ଟ କହିଛନ୍ତି।

### କେନ୍ଦ୍ର ସରକାର ଓ ସୁପ୍ରିମକୋର୍ଟଙ୍କ କମିଟି ନିର୍ଦ୍ଦେଶକୁ ଅବମାନନା

## ଗୋଲଡେନ୍ ଆୱାର୍‌ରେ ହସ୍ପିଟାଲରେ ପହଞ୍ଚି ପାରୁନାହାନ୍ତି ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର, ୮।୯ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତାହତ ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଗୋଲ୍ଡେନ୍ ଆୱାର୍ (ଦୁର୍ଘଟଣାର ଘଣ୍ଟାକ ମଧ୍ୟରେ) ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଦୁଇ ବର୍ଷ ତଳେ କେନ୍ଦ୍ର ସରକାରଙ୍କ ଭୂ-ପୃଷ୍ଠ ପରିବହନ ମନ୍ତ୍ରଣାଳୟ ବିଭିନ୍ନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚତମ ନ୍ୟାୟାଳୟ ପକ୍ଷରୁ ଗଠନ କରାଯାଇଥିବା ସଡ଼କ ସୁରକ୍ଷା ଅନୁଧ୍ୟାନ କମିଟି ପକ୍ଷରୁ ମଧ୍ୟ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସତ୍ତ୍ୱେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ପଛଘୁଞ୍ଚା ଦେଉଛନ୍ତି। ଫଳରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଅନେକ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକାଯାଇପାରୁନାହିଁ।

ରାଜ୍ୟ ସଡ଼କ ସୁରକ୍ଷା ବିଶେଷଜ୍ଞ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏ ସଂପର୍କରେ ମୁଖ୍ୟ ଶାସନ ସଚିବ, ପରିବହନ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଏକ ପତ୍ର ଲେଖି ଏ ବିଷୟରେ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଚିଠିରେ ସେ ଦର୍ଶାଇଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଠିକ୍ ସମୟରେ ଡାକ୍ତରଖାନାକୁ ପଠା ଯାଇପାରୁନାହିଁ। ଭୁବନେଶ୍ୱର-କଟକ ଭଳି

> **ଗୋଟିଏ ପୋର୍ଟାଲରେ ସରକାରୀ ଓ ବେସରକାରୀ ଆମ୍ବୁଲାନ୍ସ ଯୋଡ଼ିବାକୁ ଦାବି**

ଜାଗାରେ ଦୁର୍ଘଟଣା ସଂଘଟିତ ହେବାର ଗୋଟିଏ ଦିନ ପରେ ମଧ୍ୟ ୧୦୮ ରେ ଏହି ସୁବିଧା ଉପଲବ୍ଧ ହୋଇପାରୁନାହିଁ। ମାନବିକତା ଦୃଷ୍ଟିକୋଣରୁ ରାଜ୍ୟ ସରକାର ତୁରନ୍ତ ଗୋଟିଏ ପୋର୍ଟାଲରେ ସରକାରୀ ସେବା ଓ ଘରୋଇ ଆମ୍ବୁଲାନସ୍ ସେବାକୁ ଯୋଡ଼ିବା ସହ ବେସରକାରୀ ଆମ୍ବୁଲାନସ୍ ସେବା ଗ୍ରହଣ କରୁଥିବା କ୍ଷତିଗ୍ରସ୍ତ ଲୋକଙ୍କୁ ଯାତାୟାତ ଖର୍ଚ୍ଚ ପ୍ରଦାନ କରିବାକୁ ଚିଠିରେ ଦର୍ଶାଯାଇଛି। ଗୋଲଡେନ୍ ଆୱାର୍‌ରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସରକାରୀ ଚିକିତ୍ସାଳୟ ସହ ଯେଉଁ ସବୁ ବେସରକାରୀ ଚିକିତ୍ସାଳୟ ୪୮ ଘଣ୍ଟା ପାଇଁ ନିଃଶୁଳ୍କ ସେବା ପ୍ରଦାନ କରିବା ପାଇଁ ଅନୁମୋଦିତ ହୋଇଛନ୍ତି, ସେହି ବେସରକାରୀ ସଂସ୍ଥାକୁ ମଧ୍ୟ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ପଠାଇବାର ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଛନ୍ତି। ରାଜ୍ୟରେ ନିଃଶୁଳ୍କ ସେବା ଯୋଗାଉଥିବା ସମସ୍ତ ବେସରକାରୀ ହସ୍‌ପିଟାଲର ନମ୍ବର ସାଧାରଣରେ ପ୍ରକାଶ କରିବା ଓ ସମସ୍ତ ସରକାରୀ ହସ୍‌ପିଟାଲ, ବେସରକାରୀ ହସ୍‌ପିଟାଲ ଓ ଥାନା ସମ୍ମୁଖରେ ଆବଶ୍ୟକ ବୋର୍ଡ ମାରି ଏହାର ପ୍ରଚାରପ୍ରସାର କରିବାକୁ ଆଇନଜୀବୀ ଶ୍ରୀ ନନ୍ଦ ଅନୁରୋଧ କରିଛନ୍ତି। ଏହି ବ୍ୟବସ୍ଥା ପ୍ରଚଳନ ହେଲେ ରାଜ୍ୟରେ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଲୋକଙ୍କ ସଂଖ୍ୟା ୩୦ପ୍ରତିଶତ କମିଯିବ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହିଂସା, ଅରାଜକତା...

ମନ୍ତ୍ରୀମାନଙ୍କ ଘର ଉପରେ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ। ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୁର ଦେଓବାଙ୍କୁ ସେମାନେ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆଉ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘରେ ଆନ୍ଦୋଳନକାରୀ ନିଆଁ ଲଗାଇଦେବାରୁ ତାଙ୍କ ପତ୍ନୀ ପୋଡ଼ି ଯାଇ ପ୍ରାଣ ହରାଇଛନ୍ତି। ଆନ୍ଦୋଳନକାରୀ ଜ।।ଣେ ମନ୍ତ୍ରୀଙ୍କୁ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବାର ଦୃଶ୍ୟ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋବରେ ଲାଗିଛି।

ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ରାଷ୍ଟ୍ରପତି ରାମଚନ୍ଦ୍ର ପୋଡ଼େଲ ଏବଂ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆଜି ସନ୍ଧ୍ୟାରେ ସେମାନଙ୍କ ପଦରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ଏହାପୂର୍ବରୁ ଅନେକ ମନ୍ତ୍ରୀ ଇସ୍ତଫା ଦେଇ ସାରିଥିଲେ। ଖବର ମିଳିଛି ଯେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବାକୁ ରାଜି ନଥିଲେ। ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ସେ ସେନା ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସେନା ଅଧ୍ୟକ୍ଷ ଏଥିରେ ରାଜି ହୋଇନଥିଲେ ଏବଂ ଓଲିଙ୍କୁ ଗାଦି ଛାଡ଼ିବା ଲାଗି ପରାମର୍ଶ ଦେଇଥିଲେ। ଏହାପରେ ଓଲି ଇସ୍ତଫା ଘୋଷଣା କରିଥିଲେ।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ପରେ କିଛି ଆନ୍ଦୋଳନକାରୀ ଆନନ୍ଦ ପ୍ରକାଶ କରୁଥିବା ବେଳେ ଅନେକ ଆନ୍ଦୋଳନକାରୀ ସଂସଦ ଭିତରେ ପଶି ନିଆଁ ଲଗାଇବା ସହିତ ଭଙ୍ଗାରୁଜା କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଘରୋଇ ବାସଭବନ ଉପରେ ମଧ୍ୟ ସେମାନେ ଆକ୍ରମଣ କରିଛନ୍ତି।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଆଗେଇ ଆସିଛି ସେନା। ଅନେକ ସାରମିକ ହେଲିକପଟର ମନ୍ତ୍ରୀ ଓ ଅଫିସରମାନଙ୍କୁ ନେଇ ତ୍ରିଭୂବନ ଆନ୍ତର୍ଜାତିକ ବିମାନଘାଟୀକୁ ନେଉଥିବାର ଦେଖାଯାଇଛି। ଏହାର କିଛି ସମୟ ପରେ ବିମାନଘାଟୀରେ ବିମାନ ସେବାକୁ ବାତିଲ କରାଯାଇଛି।

ଇତିମଧ୍ୟରେ ସେନାବାହିନୀ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଶାନ୍ତି ବଜାୟ ରଖିବା ଲାଗି ନିବେଦନ କରାଯାଇଛି। ସେନା ପକ୍ଷରୁ କୁହାଯାଇଛି ଯେ ନେପାଳ ଓ ନେପାଳବାସୀଙ୍କର ସ୍ୱାଧୀନତା ଓ ସାର୍ବଭୌମତ୍ୱ ର ସୁରକ୍ଷା ଲାଗି ସେନା ସାମ୍ବିଧାନିକ ଦାୟିତ୍ୱ ତୁଲାଇବାକୁ ସଂକଳ୍ପବଦ୍ଧ। ଶାନ୍ତି, ସାମାଜିକ ସଦଭାବ ଏବଂ ଜାତୀୟ ଏକତା ବଜାୟ ରଖିବାରେ ସେନାକୁ ସହଯୋଗ କରିବା ଲାଗି ସେନା ଯୁବ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଜଣାଇଛି।

ସୂଚନାଯୋଗ୍ୟ ଯେ ୨୦୦୮ ରେ ୨୩୯ ବର୍ଷ ପୁରୁଣା ରାଜତନ୍ତ୍ର ସମାପ୍ତ ହେବାପରେ ନେପାଳରେ ରାଜନୈତିକ ଅସ୍ଥିରତା ଲାଗି ରହିଛି। ଗତ ୧୭ ବର୍ଷ ଭିତରେ ନେପାଳରେ ୧୪ଟି ସରକାର ଗଠିତ ହେଲାଣି ଏବଂ କୌଣସି ଗୋଟିଏ ସରକାର ବି ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନାହିଁ। ୭୩ ବର୍ଷୀୟ ଓଲି ଗତବର୍ଷ ଚତୁର୍ଥ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ।

### ସି ପି ରାଧାକ୍ରିଷ୍ଣନ୍...

ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଧନଖଡ଼ ୫୨୮ଟି ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ମାର୍ଗାରେଟ୍ ଆଲଭା ପାଇଥିଲେ ମାତ୍ର ୧୮୨ଟି ଭୋଟ୍। ୩୪୬ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ଧନଖଡ଼।

ଗତ ଜୁଲାଇ ମାସରେ ଜଗଦୀପ ଧନଖଡ଼ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ନିର୍ବାଚନ ଜରୁରି ହୋଇପଡ଼ିଥିଲା। ଏହି ପଦଲାଗି ଏନ୍‌ଡିଏ ପକ୍ଷରୁ ବିଜେପି ନେତା ତଥା ମହାରାଷ୍ଟ୍ର ଗଭର୍ଣ୍ଣର ସିପି ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିରୋଧୀ ମେଣ୍ଟ ପକ୍ଷରୁ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବି ସୁଦର୍ଶନ ।।ରେଡୀଙ୍କୁ ପ୍ରାର୍ଥୀ କରାଯାଇଥିଲା।

ନବନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପନୁସାମୀ ରାଧାକ୍ରିଷ୍ଣନ ୨୦ ଅକଟୋବର ୧୯୫୭ରେ ତାମିଲନାଡୁର ତିରିପୁରରେ ଜନ୍ମ ଗ୍ରହଣ କରିଥିଲେ। ଜଣେ ଆରଏସଏସ୍ କର୍ମୀ ଭାବେ ସାମାଜିକ ଜୀବନ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ୧୯୮୦ରେ ବିଜେପି ଗଠନ ହେବା ଦିନଠାରୁ ଦଳ ସହିତ ରହିଛନ୍ତି। ୧୯୯୮ ଏବଂ ୧୯୯୯ରେ ସେ ଦୁଇ ଥର କୋଏମ୍ବାଟୁରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ତାମିଲନାଡୁର ବିଜେପି ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୨୩ ଫେବୃଆରିରେ ରାଧାକ୍ରିଷ୍ଣନଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ଏହି ସମୟରେ ସେ ତେଲେଙ୍ଗାନା ଓ ଗୋଆର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ୨୦୨୪ ଜୁଲାଇରେ ତାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା।

### ୩୪୯ ପୃଷ୍ଠାର...

ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନ ସହଦେବଖୁଣ୍ଟା ପୁଲିସ ବିଭାଗୀୟ ଏଚ୍‌ଓଡି ସମୀର ସାହୁ ପରେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷକୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଜଣେ ଛାତ୍ର ଓ ଅଣଛାତ୍ରକୁ ଗିରଫ କରିଥିଲା।

### ବିଭାଗ ଧାର୍ଯ୍ୟ କଲା...

ରାଇଟ୍ ଅଫ ୱେ(ରୋ) ଅନୁମୋଦନ ପାଇଁ ଆବେଦନ କରିବାକୁ ପଡ଼ିବ। ଏହି ଆବେଦନ ପରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏହାର ଯାଞ୍ଚ କରାଯିବା ପରେ ଆବେଦନର ନୀରିକ୍ଷଣ ପାଇଁ ଧାର୍ଯ୍ୟ ଅଧିକାରୀଙ୍କ ନିକଟକୁ ପଠାଯିବ। ବିଭାଗୀୟ ଅଧିକାରୀ ପ୍ରସ୍ତାବଟି ଯାଞ୍ଚ କରିବେ, ଆବେଦନକାରୀ ପ୍ରତିନିଧିଙ୍କ ସହିତ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରିବେ, ପ୍ରସ୍ତାବିତ ଆଲାଇନ୍ମେଣ୍ଟ ଏବଂ ରାସ୍ତାରେ ଡିଓଡବ୍ଲ୍ୟୁଆର୍ ସମ୍ପତ୍ତି ସମେତ ସମସ୍ତ ଜଳଭଣ୍ଡାର କ୍ରସିଂ ଯାଞ୍ଚ କରିବେ। ଆଲାଇନ୍ମେଣ୍ଟ ଡିଓଡବ୍ଲ୍ୟୁଆର୍ ଜମିର ଶେଷ ଭାଗରେ ହେବ ଓ ଭବିଷ୍ୟତରେ ବନ୍ଧ ସେକ୍ସନର ପ୍ରଶସ୍ତୀକରଣ/ପରିବର୍ତ୍ତନ ଇତ୍ୟାଦିର ଯତ୍ନ ନେବେ। ଏହାପରେ ବିଭିନ୍ନ ସ୍ତରରେ ଏହା ଯାଞ୍ଚ ହେବା ପରେ ଯଦି ଆବେଦନ ଯୋଗ୍ୟ ବିବେଚିତ ହୁଏ ତାହେଲେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏହାକୁ ଅନୁମୋଦନ ଦେବେ। ଏହି ଅନୁମୋଦନ ପ୍ରକ୍ରିୟା ୪୫ ଦିନ ମଧ୍ୟରେ ଶେଷ କରାଯିବ।

### କେନ୍ଦ୍ର ଓ ରାଜ୍ୟକୁ...

ଅଧିକ ଗଛ କଟାଯାଇଛି। ୪୭୧.୪୦୧ ହେକ୍ଟର୍ ପରିମିତ ଅଞ୍ଚଳରେ ହେବାକୁ ଥିବା ଏହି ବିମାନବନ୍ଦର ସ୍ଥାନରେ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଏବଂ ଏହା ସିଆରଜେଡ୍-୩ ମଧ୍ୟରେ ଅବସ୍ଥିତ। ଏହି ଅଞ୍ଚଳ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ରହିଛି, ଯାହା କୃଷ୍ଣସାର ମୃଗଙ୍କ ବାସସ୍ଥାନ ଏବଂ ଅଲିଭ୍ ରିଡଲେ କଇଁଛଙ୍କ ବସାଘର ଭାବେ ପରିଚିତ। ଏଣୁ ସିପସରୁବାଲି ମୌଜା ପ୍ରକଳ୍ପ ସ୍ଥାନରେ ଆପ୍ରୋଚ୍ ରୋଡ୍, ସୀମା ପ୍ରାଚୀର ଏବଂ ସାମଗ୍ରୀ ଷ୍ଟକ୍‌ୟାର୍ଡ ସମେତ ଚାଲିଥିବା ନିର୍ମାଣ କାର୍ଯ୍ୟ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ପାଇଁ ପ୍ରାର୍ଥନା କରାଯାଇଛି।

### ଶୀତଳ ଭଣ୍ଡାରରେ...

୧୦୦ ହେକ୍ଟର ଅଞ୍ଚଳ ପ୍ରଦର୍ଶନୀ କ୍ଷେତ୍ର ପାଇଁ ଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ପଶୁ ଚିକିତ୍ସା ସେବା ସୁବିଧା, କର୍ମଚାରୀ ଭିତ୍ତିଭୂମି, ପରିଦର୍ଶକ ସୁବିଧା ଏବଂ ଏକ ଉଦ୍ଧାର କେନ୍ଦ୍ରର ବିକାଶ ପାଇଁ ବ୍ୟବହାର କରାଯିବାର ପ୍ରସ୍ତାବ ଥିଲା। ଏହି ସଫାରୀ କଳାବାଘ ଭଳି ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ଅନନ୍ୟ ଜୈବ ବିବିଧତାର ସଂରକ୍ଷଣ ଏବଂ ପ୍ରଦର୍ଶନ ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥାନ୍ତା ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ।

ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ପରେ ଏହି ବିରଳ କଳାବାଘଙ୍କୁ ନେଇ ଶିମିଳିପାଳରେ ପ୍ରସ୍ତାବିତ ବ୍ୟାଘ୍ର ସଫାରୀ କାର୍ଯ୍ୟ ଆଗେଇ ପାରୁନାହିଁ। ଇତି ମଧ୍ୟରେ କଳାବାଘ ସଫାରୀ ଘୋଷଣାକୁ ଦେଢ଼ବର୍ଷ ପୂରିଗଲାଣି। ପୂର୍ବ ସରକାରଙ୍କ ଘୋଷଣା ଅନୁଯାୟୀ ଅକ୍ଟୋବର ୨୦୨୫ରେ ଏହି କଳାବାଘ ସଫାରୀ ପ୍ରଦର୍ଶନୀ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥାନ୍ତା। ଅମଲାତାନ୍ତ୍ରିକ ଅବହେଳା ଓ ବିଭାଗୀୟ ଉଦାସୀନତା ଯୋଗୁଁ ଏହି ପ୍ରକଳ୍ପ ଆଗେଇ ପାରୁନଥିବା ଅଭିଯୋଗ ଏବେ ଅଭିଯୋଗ ହୋଇଛି ହେଉଛି। ଯାହାଫଳରେ ଏହି ବିରଳ କଳାବାଘ ସଫାରୀ ପ୍ରସ୍ତାବ ଶୀତଳଭଣ୍ଡାରେ ରହିଯାଇଛି। ସୂଚନା ଥାଉ କି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ୨୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ। ଏଠାରେ ୫୦ ରୁ ଅଧିକ ସ୍ତନ୍ୟପାୟୀ ପ୍ରଜାତି, ୩୦୦ରୁ ଅଧିକ ପକ୍ଷୀ ପ୍ରଜାତି ଏବଂ ୬୦ ରୁ ଅଧିକ ସରୀସୃପ ପ୍ରଜାତିର ବାସସ୍ଥାନ କରୁଛନ୍ତି। ରାଜ୍ୟର ସର୍ବାଧିକ ବାଘ ଏଠାରେ ରହିଥିବା ବେଳେ ଦେଶରେ ଏକମାତ୍ର ସ୍ଥାନ ଭାବେ ଏଠାରେ ବିରଳ କଳାବାଘ ଦେଖାଯାଇଥାନ୍ତି।


**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 09.09.2025, I, Nabina Barik resident At- Khajuria,Ps- Kamakshya Nagar, Dist: Dhenkanal, PIN- 759018, Odisha, , declare that I have changed the name of my Son from Prenes Barik to Prince Barik. Henceforth He shall be known as **PRINCE BARIK** for all future purposes.

**Notice (Above 18 years of age)**

By virtue of an Affidavit sworn before the Notary Public, Udala, Mayurbhnaj, dated 09-09-2025 I, Thibu Murmu, Address At- Dahanibuda, Po- Silaghati, Ps- Khunta, Dist- Mayurbhanj, Pin- 757019 declare that I have changed my name Thiburam Murmu to Thibu Murmu . Henceforth I shall be known as Thibu Murmu for all purposes.
**Thibu Murmu**

**AFFIDAVIT**

I, Puspanjali Nayak, W/o- Shri Sridhar Nayak, resident of Village - Ostia, Po- Rasanga, PS Gania, Dist - Nayagarh, Pin - 752085, Odisha, declare by this affidavit No - 43932, dated - 09.09.2025, that now on wards I shall be known as Mrs.**PUSPANJALI NAIK** for all future purposes.

**NOTICE**

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Balipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.
(Sd- **MANASI BEHERA**)

**AFFIDAVIT**

By virtue of an affidavit sl No.- 705/25, dtd. 01.09.2025 before the Notary Public, Bhubaneswar, I, Jitan Sahoo,, At/Po- Talabasta, Ps- Banki, Dist.- Cuttack-754007 have changed my name from Jitrndra Kumar Sahoo to Jitan Sahoo. Henceforth I shall be known as Jitan Sahoo for all purposes.
**Sd/- Jitan Sahoo**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/09/2025 I, Sri Abhimanyu Patra, S/o- Late Madhab Patra, Vill.- M Luhaba, Po.- Subai, Ps.- Nandapur, District- Koraput declare that I have changed my son's name from **Badant Patra** to **Bedant Patra**. Henceforth, my son shall be known as **Bedanta Patra** for all purposes.
Sd/-
Abhimanyu Patra

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No. 1522, on dated 22/08/2025, I **SUMANTA PRADHAN**, S/o Banambar Pradhan resident of Village At- Rench, Po- Berboi, Ps - Delanga, Via- Berboi, Dist- Puri, State- Odisha, Pin- 752016 declare that I have changed my minor son's name from **ISWARAJITI PRADHAN** to **SURYANSHU PRADHAN.** Henceforth, he shall be known as **SURYANSHU PRADHAN** for all future purposes.
Sd- **SUMANTA PRADHAN**

**LOST**

By virtue of an affidavit before the notary, Govt. of India, Titilagarh on 7/9/25 and a complain lodged in Titilagarh police station on 3/9/25, I, **Hifzul Rahman,** S/o Hafiji Habibula Rahman resident of At- Neherunagar Ward No.7, PO/PS- Titilagarh, Dist- Balangir, Odisha do hereby declare that, my original ROR of Mouza Titilagarh KHA PS. Titilagarh, PS. No.84 purchased holding No. 463/460 (Plot No. 475/2862/4153 & Plot No. 475/2862) has been lost some where in Titilagarh market on 03/09/2025, If any person finds the same, may please contact My Advocate Mr. Manoj Kumar Hati mobile no. 8598911191.

**ପୂର୍ବ ତଟ ରେଳପଥ**

**ପାର୍ସଲ ସ୍ଥାନ ଲିଜ୍‌ରେ ଦେବା ପାଇଁ ଇ-ନିଲାମ**

**08 SLRs ଏବଂ 04 VPs ର ଲିଜ୍ ଦେବା ନିମନ୍ତେ**

| କ୍ର. | ଟ୍ରେନ୍ ନଂ. ଏବଂ CC ଟନ୍ ରେ | ଠାରୁ - ପର୍ଯ୍ୟନ୍ତ | SLR ଆଗ/ପଛ | ଆବୃତ୍ତି | ଲଟ୍ ସମାପ୍ତି ସମୟ |
|---|---|---|---|---|---|
| 1 | 22974-73 | ପୁରୀ-ଗାନ୍ଧୀଧାମ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1130 ଘଟିକା |
| 2 | 20851-52 | ଭୁବନେଶ୍ୱର-ପୁଡୁଚେରୀ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1140 ଘଟିକା |
| 3 | 22805-06 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1150 ଘଟିକା |
| 4 | 12146-45 | ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1200 ଘଟିକା |
| 5 | 12074 | ଭୁବନେଶ୍ୱର - ହାଓଡ଼ା | F-1 | 7 ଦିନ | 17.09.2025,1130 ଘଟିକା |
| 6 | 12281 | ଭୁବନେଶ୍ୱର-ନୂଆଦିଲ୍ଲୀ | F-1 | 1 ଦିନ | 17.09.2025,1140 ଘଟିକା |
| 7 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | F-1 | 1 ଦିନ | 17.09.2025,1150 ଘଟିକା |
| 8 | 18425 | ପୁରୀ-ଦୁର୍ଗ | R-1 | 7 ଦିନ | 17.09.2025,1200 ଘଟିକା |
| 9 | 20472 | ପୁରୀ-ଶ୍ରୀ ଗଙ୍ଗାନଗର | R-1 | 1 ଦିନ | 17.09.2025,1210 ଘଟିକା |
| 10 | 22890 | ପୁରୀ - ଦୀଘା | R-1 | 1 ଦିନ | 17.09.2025,1220 ଘଟିକା |
| 11 | 12278 | ପୁରୀ - ହାଓଡ଼ା | R-1 | 7 ଦିନ | 17.09.2025,1230 ଘଟିକା |
| 12 | 22974 | ପୁରୀ-ଗାନ୍ଧୀଧାମ | R-1 | 1 ଦିନ | 17.09.2025,1240 ଘଟିକା |

ଲଟ୍ ଆରମ୍ଭ ହେବା ତାରିଖ ଓ ସମୟ : **16.09.2025, 1100 ଘଟିକା** (କ୍ରମ ସଂ. 1 ରୁ 4 ପାଇଁ), **17.09.2025, 1100 ଘଟିକା** (କ୍ରମ ସଂ. 5 ରୁ 12 ପାଇଁ), ସର୍ବନିମ୍ନ ବୃଦ୍ଧି : **0.20%** (ସମସ୍ତ କ୍ରମ ସଂ. ପାଇଁ), ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗ୍‌ରେ ନୂଆ (ସମସ୍ତ କ୍ରମ ସଂ. ପାଇଁ)।
କ୍ରମ ସଂ. 1 ରୁ 4 : ନିଲାମ କ୍ୟାଟାଲଗ୍ ସଂ. **KUR-VP-Sept-25**, କ୍ରମ ସଂ. 5 ରୁ 12 : ନିଲାମ କ୍ୟାଟାଲଗ୍ ସଂ. **KUR-SLR-Sept-02** ଏବଂ ତା.**01.09.2025**ରିଖ ରେ ପ୍ରକାଶ ପାଇବ **(VPs & SLRs)**।
ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ।
**PR-569/Q/25-26** ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

CAD-1702

ଟି.ଡି.ସି.ସି
**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828. Email: admin@tdccorissa.org,
website: www.tdccodisha.org

No.2462/TPCCOL Date- 08.09.2025

**Detail Tender Call Notice for Supply of a complete set up for Mustard Oil Expelling Machine along with seeds cleaning machine, Oil filter machine, bottling & labeling machine.**

Sealed Tender(s) are invited from only registered dealers/ manufacturers/ authorized suppliers for supply, installation, testing and commissioning of one **Cold Pressed Mustard Oil Expelling Machine along with seeds cleaning machine, Oil filter machine, bottling & labeling machine with crushing capacity up to 100Kg-120kg/Hr.,** with electrical and tools on turnkey basis to be installed at the following place:

| Sl | Machine to be installed | District | TDCCOL Branch |
|---|---|---|---|
| 1 | Oil Expelling Machine (with cleaning and bottling unit) | KANDHAMAL | BALLIGUDA |

The bidder(s) must submit Demand Draft for Rs. 50, 000/- (Rupees Fifty Thousand) only, drawn in favor of "Managing Director", TDCCOL, payable at Bhubaneswar" towards Earnest Money Deposit (EMD) for the machine. The Tender must be accompanied with brochure containing technical specifications of the machine. The details of the Tender call notice can be downloaded from www.tdccorissa.org.

The bidder(s) should quote their basic rate, taxes, installation charges, freight FOR destination, packing/ forwarding charges, training charges (maximum for 2 days) at site and other charges if any. The supply of the Machines including installation, testing and commissioning is to be completed within 20 days from receipt of the order. The last date for acceptance of Tender is up to **2:00 pm on dated-10.10.2025**

The undersigned reserves the right to accept or reject any or all Tenders without assigning any reason thereof.

OIPR-26005/11/0009/2526 **Managing Director**

**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist.: Khordha, **I, Fakir Charan Panda,** aged about 68 years, S/o: Bhramarbar Panda of Village: Balarampur, PO.: Rameswar, PS: Nirakarpur, Dist.: Khordha declare by this Affidavit No.: 1166, Dated: 29.07.2025 that now onwards my wife's name will be known as **Susama Rani Panda** for all future purposes.
**Fakir Charan Panda**

**AFFIDAVIT**

By virtue of an affidavit C.F No.-22, dtd. 01.09.2025 in the court of the Executive Magistrate, Bhubaneswar, I , Pratap Kumar Dash have changed my name from Swadhin Kumar Das to Pratap Kumar Dash. Henceforth I shall be known as Pratap Kumar Dash for all purposes.
**Sd/-Pratap Kumar Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Suruja Hembram**, aged about 60 years, W/o.: Rupae Hembram resident of Village: M.V-03, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1253/ 25, Dated: 02.09.2025 that I have changed my & my husband surname from Suraj Mardi, W/o.: Rupae Mardi to **Suruja Hembram, W/o.: Rupae Hembram.** Henceforth I shall be known as **Suruja Hembram, W/o.: Rupae Hembram** for all future purposes.

**AFFIDAVIT**

By virtue of an affidavit C.F No.-23, dtd. 01.09.2025 in the court of the Executive Magistrate, Bhubaneswar, I , Manguli Charan Dash have changed my name from Manguli Bhoi to Manguli Charan Dash. Henceforth I shall be known as Manguli Charan Dash for all purposes.
**Sd/-Manguli Charan Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Lachmi Padiami**, aged about 25 years, W/o.: Ram Padiami, D/o.: Muka Madkami, resident of Village/PO.: Tamasa, P.S./ Dist.: Malkangiri, Odisha, declare by this Affidavit No.: 1540/2025, Dated: 08.09.2025 that I have changed my name from Lachmi Madkami to **Lachmi Padiami**. Henceforth I shall be known as **Lachmi Padiami**, for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Rairangpur, Mayurbhanj dated- 30/07/2025. I, Paresh Hembram, S/o Late Lalmohan Hembram, Address: Village- Kalimati, PO- Sanpurunapani, PS- Bisoi, Dist- Mayurbhanj, Odisha, PIN- 757033 declare that I have changed my daughter's name from Dangi Hembram (old name) to Basanti Hembram (new name). Henceforth, she shall be known as **Basanti Hembram** (new name) for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 03.09.2025 I, **Kiran Das,** W/o Abhaya Kumar Panda, resident of At/Po- Kalarahanga, PS- Mancheswar, Bhubaneswar, Dist- Khordha, Odisha, PIN- 751024 declare that I have changed my minor daughter's name from **Adyasha Das** to **Adyasha Panda.** Henceforth she shall be known as **Adyasha Panda** (new name) for all purposes.
**Kiran Das**

**AFFIDAVIT**

I, Monoranjan Parida, S/o- Udyanath Parida, resident of At- Bhikapada, Ps- Khalikote, Dist- Ganjam, Pin- 761029, Odisha declared by this affidavit No. 730, dtd- 08/09/2025 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Akhila Kumar Sahoo,** S/o- Bhikari Charan Sahoo, resident of New Forest park, Ashok Nagar, PS.- Capital, Bhubaneswar, Dist.- Khordha, Odisha, 751009 declare that I have changed my minor daughter's name from **Sai Anwesha Sahoo** to **Saianwesaa Sahoo.** Henceforth she shall be known as **Saianwesaa Sahoo** (new name) for all purposes.
**Akhila Kumar Sahoo**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 03.09.2025 I, **Muralidhar Sasmal,** S/o Budhiram Sasamal, resident of At- Pendurapalli, PO- Bheteswar, PS- Banapur, Dist- Khorda, Odisha, PIN- 752031 declare that I have changed my name from **Murali Sasamal** to **Muralidhar Sasmal.** Henceforth I shall be known as **Muralidhar Sasmal** (new name) for all purposes.
**Muralidhar Sasmal**

**AFFIDAVIT**

By virtue of an affidavit sworn before The Executive Magistrate, Dhenkanal dated- 22/04/2025. I, **Avanti Samal,** D/o- Trinath Samal, Address: Village- Krushnakumarpur, PO- Kaimati, PS- Sadar, Dist- Dhenkanal, PIN- 759027, Odisha declare that I have changed my name from **Abanti Samal** to **Avanti Samal.** Henceforth, I shall be known as **Avanti Samal** (new name) for all purposes.
**Avanti Samal**

**AFFIDAVIT**

By virtue of an affidavit No- 5384 sworn before the Executive Magistrate Champua on dated- 06/09/2025. I Rebati Naik, W/O- Netrananda Naik, Resident of Vill/PO- Asanpat, PS- Baria, Dist- Keonjhar, Odisha, Pin- 758044 declare that I have changed my minor daughter's name from **CHANPI NAIK** (old name ) to **CHAMPI NAIK** (new name) Henceforth she shall be known as **CHAMPI NAIK** all future purposes .
**REBATI NAIK**

**AFFIDAVIT**

By virtue of an affidavit (CF No. 83, dtd- 07/10/2024) before The Exeutive Magistrate, Bhubaneswar. I, **Sourajit Acharya**, S/o Sashikanta Acharya, resident of At- Sariabarpatna, PO- Debidol, Dist- Jagatsinghpur, Odisha (Aadhar Card No: 8408 2004 2789) declares that, Sourajit Acharya and Sourjit Acharya is one and same person who is myself and Sashikanta Acharya and Sasikanta Acharya is one and same person who is my father.

**AFFIDAVIT**

I, Sudhanshu Sekhar Samal, aged about 46 years, S/o-Dhaneswar Samal, resident of At- Haladibasanta, Po- Sahupada, Ps- Bariramachandrapur, Dist- Jajpur, Pin- 755003, Odisha, do hereby declare by this affidavit No.1838, dtd- 08/09/2025, that now onwards I shall be known as **SUDHANSU SEKHAR SAMAL** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Sudarsan Jena,** S/o Ratha Jena, resident of At/Po- Chanarpur, PS- Balikuda, Dist- Jagatsinghpur, Odisha, PIN- 754107 declare that I have changed my minor daughter's name from **Sonakshi Nayak** to **Sonakshi Jena.** Henceforth she shall be known as **Sonakshi Jena** (new name) for all purposes.
**Sudarsan Jena**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Susanta Khatua,** S/o Sudhira Chandra Khuntia, resident of At- Chakeisiani, PO- Rasulgarh, PS- Mancheswar, Bhubaneswar, Dist- Khordha, Odisha, PIN- 751010 declare that I have changed my name from **Susanta Kumar Khuntia** to **Susanta Khatua.** Henceforth I shall be known as **Susanta Khatua** (new name) for all purposes.
**Susanta Khatua**

### ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

# ୬୪ ମାମଲା ବିଚାରାଧୀନ; ଖାଉଟି ହନ୍ତସନ୍ତ

ବାରିପଦା, ୯।୯ (ସମିସ): ଆସନ୍ତା ୨୨ତାରିଖରୁ ନୂତନ ଜିସଟି ସ୍ଲାବ କାର୍ଯ୍ୟକାରୀ ହେବାକୁ ଥିବାବେଳେ ପ୍ରତ୍ୟେକ ସାମଗ୍ରୀର ଦରଦାମ ହ୍ରାସ ପାଇବ। ଏହି ସମୟରେ ଖାଉଟିଙ୍କ ଅଭିଯୋଗ ଅଧିକ ଆସିବାକୁ ଥିବା ବେଳେ ଖାଉଟି ବିବାଦ ସମାଧାନ ଆୟୋଗ କାର୍ଯ୍ୟାଳୟର ଅଧିକାରୀ/ କର୍ମଚାରୀ ଅଭାବ ଓ ଅଜଡା ଭିତ୍ତିଭୂମି ଯୋଗୁଁ

**■ ରାଜ୍ୟରେ ୩୧ ସଭାପତିଙ୍କ ସ୍ଥାନରେ ଅଛନ୍ତି ୧୮**

ମାମଲାର ସମାଧାନ ହେବାରେ ବିଳମ୍ବ ଘଟୁଛି। ଏଭଳି ପରିସ୍ଥିତି ରାଜ୍ୟସାରା ଲାଗିରହିଛି। ରାଜ୍ୟର ୩୦ଟି ଜିଲ୍ଲା ମୁଖ୍ୟାଳୟ ସମେତ ରାଉରକେଲା କାର୍ଯ୍ୟାଳୟକୁ ମିଶାଇ ୩୧ଟି ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ପାଇଁ ୩୧ଜଣ ସଭାପତିଙ୍କ ସ୍ଥାନରେ ଏବେ ୧୮ ଜଣ ରହିଥିବାବେଳେ ୬୨ଜଣ ସଦସ୍ୟଙ୍କ ସ୍ଥାନରେ ୧୭ ଜଣ କାର୍ଯ୍ୟ କରୁଛନ୍ତି। ଫଳରେ ଖାଉଟି ବିବାଦ ସମାଧାନ ବିଳମ୍ବିତ ହେଉଛି। ଜିଲ୍ଲାରେ ୧୯୯୦ରୁ ପ୍ରତିଷ୍ଠା ହୋଇଥିବା କାର୍ଯ୍ୟାଳୟର



ଏଭଳି ଦୂରାବସ୍ଥା ପାଇଁ ଖାଉଟି ନ୍ୟାୟ ପାଇଁ ହନ୍ତସନ୍ତ ହେଉଛନ୍ତି। ଗତ ୨୦୦୬ରେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ୧୯ ବର୍ଷ ପରେ ବି ଉପର ମହଲା ଶେଷ ହୋଇନି। କେବଳ ତଳମହଲାର ସୀମିତ କୋଠରୀରେ ଆୟୋଗ, ସଦସ୍ୟ ଓ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସଦସ୍ୟ ଓ ଷ୍ଟେନୋଗ୍ରାଫରଙ୍କ ସ୍ୱତନ୍ତ୍ର କୋଠରୀ ନଥିବା ବେଳେ ଲାଇବ୍ରେରୀ ଓ ମେଡିଟିଏସନ ସେଲ୍‌ଫ ଗୃହ ନାହିଁ। ସେହିପରି କାର୍ଯ୍ୟାଳୟରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନ ଥିବାରୁ ଖରାଦିନେ କାମ କରିବା ବହୁ କଷ୍ଟକର ହେଉଛି। ୧୯୯୦ମସିହାରୁ ଏପର୍ଯ୍ୟନ୍ତ ଏହି କାର୍ଯ୍ୟାଳରେ ୩ ହଜାର ୧୩୭ଟି ମାମଲାର ଶୁଣାଣି ହୋଇ ଆବେଦନକାରୀ ଖାଉଟି ଉପକୃତ ହୋଇଛନ୍ତି। ତେବେ ଅଧିକାରୀ ଓ କର୍ମଚାରୀ ଅଭାବ ପାଇଁ ଶତପ୍ରତିଶତ ସଫଳତା ପାଉନାହାନ୍ତି ଖାଉଟି। ଏବେ ମଧ୍ୟ ୬୪ଟି ମାମଲା ବିଚାରାଧୀନ ରହିଛି। ତେବେ ଗତ ୫ବର୍ଷକୁ ତର୍ଜମା କଲେ ୨୦୨୦ରେ ୪୦ଟି ମାମଲାର ଶୁଣାଣି ହୋଇଥିବା ବେଳେ ୨୦୨୧ରେ ୨୭, ୨୦୨୨ରେ ୩୮, ୨୦୨୩ରେ ୬୧ ଓ ୨୦୨୪ରେ ୭୮ଟି ମାମଲାର ଶୁଣାଣି ହୋଇଛି। ସେହିପରି ୨୦୨୫ ମସିହାର ଆଜି ସୁଦ୍ଧା ୨୧ଟି ମାମଲାର ଶୁଣାଣି ହୋଇଛି ବୋଲି ଜଣାପଡ଼ିଛି। ସଭାପତି ପଦବୀ ଖାଲି ଥିବାବେଳେ କେନ୍ଦୁଝର କାର୍ଯ୍ୟାଳୟର ସଭାପତି ବିରଞ୍ଚି ନାରାୟଣ ପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ସେ ସପ୍ତାହକୁ ୩ଦିନ ପାଳିକରି କାର୍ଯ୍ୟାଳୟ ଆସୁଛନ୍ତି। ସେହିପରି ୨ଟି ସଦସ୍ୟ ପଦବୀରୁ ଜୀବନ ଶଙ୍କର ବେହେରା ଏକ ମାତ୍ର ସଦସ୍ୟ ଥିବାବେଳେ ତାଙ୍କୁ ବାଲେଶ୍ୱର ଓ କେନ୍ଦୁଝରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଜଣେ ବରିଷ୍ଠ ସହାୟକ, ଜଣେ କନିଷ୍ଠ ସହାୟକ, ଜଣେ କନିଷ୍ଠ ଷ୍ଟେନୋଗ୍ରାଫର, ୨ଜଣ ପିଅନ ପଦ ମଧ୍ୟ ଖାଲି ରହିଛି।

## ୩ ଦିନ ମଧ୍ୟରେ ଋଣ ନ ମିଳିଲେ ରାସ୍ତାରୋକ



କପ୍ତିପଦା, ୯।୯ (ସମିସ): ନୂଆସାହି ଶାଳଚୁଆ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ)ରେ ଶରତ ଅଞ୍ଚଳରୁ କିଛି ଚାଷୀ ଋଣ ପାଇଁ ଆବେଦନ କରିଥିଲେ। ତେବେ ଆଜିକାଲି କହି ଗତ ମେ ମାସଠାରୁ ଏ ପର୍ଯ୍ୟନ୍ତ ଋଣ ମିଳିଲାନି। ଋଣ ପାଇଁ ଚାଷୀମାନେ ବାରମ୍ବାର ଦୌଡ଼ି ଦୌଡ଼ି ଚପଲ ଛିଣ୍ଡିବା ସାର ହୋଇଛି। ଚାଷ କରିବା ପାଇଁ ଚାଷୀଙ୍କୁ ସ୍ୱଳ୍ପ ସୁଧରେ ଚାଷଋଣ ଯୋଗାଇ ଦେବାକୁ ସରକାର ଡିଡିମ୍ବି ପିଟୁ ଥିବାବେଳେ ଚାଷୀ ଦୌଡି ଦୌଡି ନୟାନ୍ତ ହେବାସହ ଗାଁ ମହାଜନଠାରୁ ଅଧିକ ସୁଧରେ ଟଙ୍କା କରଜ କରିବାକୁ ବାଧ୍ୟ ହେଉଛି। କିଛି ମୁନାଫା ଖୋର କର୍ମଚାରୀ ନିଜ ଫାଇଦାରେ ରହିଥିବା ବେଳେ ଅଧିକାଂଶ ଚାଷୀ ଆତ୍ମହତ୍ୟା ଭଳି ଅପରାଧ କରିବାକୁ ବାଧ୍ୟ ହେଉଛନ୍ତି। ଶରତ, ଦେବାନବାହାଲି ଲାବଣ୍ୟଦେଇପୁରର ଚାଷୀ ଏକ ଲିଖିତ ଅଭିଯୋଗ କରି ଏମ୍‌ଡିଙ୍କୁ ଚେତାବନୀ ଦେଇଛନ୍ତି। ଆଗାମୀ ୩ଦିନ ଭିତରେ ଯଦି ଚାଷୀଙ୍କୁ ଋଣ ନ ମିଳେ ତେବେ ଶରତ-କପ୍ତିପଦା ରାସ୍ତା ଅବରୋଧ କରିବେ ବୋଲି ଚାଷୀ ଜଗଦୀଶ ମୁର୍ମୁ, ମଦନ ମାରାଣ୍ଡି, ସୁନାରାମ ମୁର୍ମୁ, ଶ୍ୟାମସୁନ୍ଦର ମାରାଣ୍ଡି, ଯଶିକେଶ ମାରଣ୍ଡି, ବାଜିରାମ ଟିୟୁ, ଶାନ୍ଦିର ସିଂ, କାହ୍ନୁ ମୁର୍ମୁ, ଶାନ୍ତନୁ ଟିୟୁ ଲୁଥୁ ମାରଣ୍ଡି ପ୍ରମୁଖ ଚେତାବନୀ ଦେଇଛନ୍ତି।

## କଂଗ୍ରେସ ପକ୍ଷରୁ କୃଷକ ସମାବେଶ




ସାନକେରକୋ, ୯।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କିଷାନ ମୋର୍ଚ୍ଚା ସଭାପତି ଦୀପକ ଦାଶଙ୍କ ନେତୃତ୍ୱରେ ବଡସାହି ବ୍ଲକ ସାନକେରକୋ କଳାମନ୍ଦିର ପ୍ଲାଜାଠାରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଡବଲ ଇଂଜିନ ସରକାରଙ୍କ କୃଷକ ବିରୋଧୀ ନୀତିକୁ ତୀବ୍ର ବିରୋଧ କରିଥିଲେ। ଏହି ସମାବେଶରେ ଜିଲ୍ଲା କଂଗ୍ରେସର ସଂଯୋଜକ ଅରବିନ୍ଦ ଦାସ ଯୋଗଦେଇ ଜିଲ୍ଲା କୃଷକଙ୍କ ପାଇଁ ଦଳ ଲଢ଼େଇ କରିବ ବୋଲି କହିଥିଲେ। ସେହିପରି ସଂଗଠନ ସୃଜନ କାର୍ଯ୍ୟକ୍ରମର ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ତଥା ଅଖିଳ ଭାରତୀୟ କୃଷକ ସେଲର ଉପସଭାପତି ଅଖିଳେଶ ଶୁକ୍ଲା ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କୃଷକଙ୍କ ସ୍ୱାର୍ଥ ପାଇଁ ଦଳ ଲଢେଇ କରିବ ବୋଲି ବକ୍ତବ୍ୟ ରଖିଥିଲେ। ଏହି ସମାବେଶରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଓଡ଼ିଶା ରାଜ୍ୟ କିଷାନ ମୋର୍ଚ୍ଚା ସଭାପତି ଅଭୟ ସାହୁ, ପୂର୍ବତନ ସାଂସଦ ସୁଶୀଳା ତିରିଆ, ରାଜ୍ୟ ବାଣିଜ୍ୟ ସେଲ ସଭାପତି ଯୋଗେଶ ଅଗ୍ରୱାଲ, ପ୍ରଭାରୀ ନଳିନୀ କାନ୍ତ ମହାନ୍ତି ଯୋଗ ଦେଇ ବିଭିନ୍ନ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ନିରୋଜ ଲୋଚନ ଦାସ, ପ୍ରଭାସକର ମହାପାତ୍ର, ଦୁର୍ଗା ଟୁଡୁ, ମୁରଲୀ ଧର, ପ୍ରମୋଦ ହେମ୍ବ୍ରମ, ପୂର୍ଣ୍ଣ ବିଶ୍ୱାଳ, ଜ୍ୟୋତି ପ୍ରକାଶ ରଥ, ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ।

## ବିଜିପୁରରେ ଯୋଗ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର




ମାଣତ୍ରୀ/ବଡ଼ସାହି, ୯।୯ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ପଞ୍ଚାୟତ ବିଜିପୁର ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ତ୍ରୈମାସିକ କାର୍ଯ୍ୟକ୍ରମ ନିମନ୍ତେ ରବିବାର ଏକ ଯୋଗ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୬ଟାରେ ଯୋଗ ଶିକ୍ଷୟିତ୍ରୀ ସୁଜିତା ମହାନ୍ତି ଓ ଯୋଗ ଶିକ୍ଷକ ଦୀପକ କୁମାର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୩ରୁ ଅଧିକ ଯୋଗ ପ୍ରେମୀ ଅଂଶଗ୍ରହଣ କରିଥିଲେ। ଏହାପରେ ମାତୃ ମଣ୍ଡପ ତଥା ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ଫୁଲ ଚନ୍ଦନ ଓ ଧୂପ ଦେଇ ସୁସଜିତ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଦିବା ଅଧିବେଶନ ଆରମ୍ଭ ହୋଇଥିଲା। ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମାତୃବନ୍ଦନା କରାଯାଇଥିଲା। ଏହାପରେ ମା'ଙ୍କର ବୀଣାବାଦରୁ ଧ୍ୟାନ ପ୍ରାର୍ଥନା, ଦୁର୍ଗା ସ୍ତୋତ୍ର ଆବୃତ୍ତି, ସାମୂହିକ ସଙ୍ଗୀତ ଗାନ ଓ ମା' ପୁସ୍ତକର ଷଷ୍ଠ ଅଧ୍ୟାୟ ପାଠ କରାଯାଇଥିଲା। ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀପ ଭାଇ ଓ ପଲ୍ଲବତରୁ ଭାଇଙ୍କ ପକ୍ଷରୁ ମାର୍ଗଦର୍ଶନ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୫ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ବାରିପଦା, ବାଲେଶ୍ୱର, ବୈଶିଙ୍ଗା, କପ୍ତିପଦା, ଶିଙ୍ଗିଟିଆ, ପଟୁଆ ପାଠଚକ୍ର କେନ୍ଦ୍ରରୁ ଦିବ୍ୟ ପ୍ରେମୀମାନେ ଉପସ୍ଥିତ ଥିଲେ। ସେହିପରି ମାନଗୋବିନ୍ଦପୁର, ବିଜିପୁର, ଶାଆଁଳପୁର, ମେର୍ଦା ନୂଆଗାଁ, ମିରିଗିଦାରୀ ଓ ଆଡିଆସାହିରୁ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ପ୍ରସାଦ ସେବନ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

## ପୂଜ୍ୟପୂଜା ସଂସଦ ପକ୍ଷରୁ ନିରଞ୍ଜନ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି



ରାଇରଙ୍ଗପୁର, ୯।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣିଙ୍କ ପିତା ନିରଞ୍ଜନ ପାଣିଙ୍କ ଗ୍ରାମ ବାଲିକୁଦା ବ୍ଲକ ବାହାରଣା ଗ୍ରାମରେ ପରଲୋକ ହୋଇଯାଇଛି। ତାଙ୍କୁ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ସଂସଦର ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗୋପାଳ ଚନ୍ଦ୍ର ରାଉତ ସ୍ୱର୍ଗତ ପାଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଏକ ମେଳାପୀ, ପରୋପକାରୀ, ସଂସ୍କୃତିପ୍ରେମୀ ଭାବେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର କୋଷାଧ୍ୟକ୍ଷ ରଞ୍ଜନ ମହାନ୍ତି, ଉପସଭାପତି ପବିତ୍ର ମୋହନ ସାହୁ, ବାମନ ଚାରଣ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ରମାକାନ୍ତ ବାରିକ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଓ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ସମାଜସେବୀ ଶିବବ୍ରତ ଦାସ, ସରପଞ୍ଚ ମାନସ ରଞ୍ଜନ ପରିଡ଼ା, ସମିତି ସଭ୍ୟ ରାଜଶ୍ରୀ ମହାନ୍ତି, ସମାଜସେବୀ ସତ୍ୟସାରଥି ମହାନ୍ତି, ସମରେନ୍ଦ୍ର ମହାପାତ୍ର, ବାଲିକୁଦା ସରପଞ୍ଚ ରାଜ କିଶୋର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ଶେଷରେ ପାଣି ପରିବାର ପକ୍ଷରୁ ପୂଜ୍ୟ ପୂଜା ସଂସଦର କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ସ୍ମୃତିସଭା



ବଡସାହି, ୯।୯ (ସମିସ): ବଡସାହି ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଗୁଣନିଧି ମହାନ୍ତି କିଛି ଦିନ ତଳେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ବିୟୋଗରେ ଦଳ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ପୂର୍ବତନ ସଭାପତି ତଥା ବରିଷ୍ଠ ନେତା ପ୍ରକାଶ କର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ପର୍ଯ୍ୟବେକ୍ଷକ ଅଖିଳେଶ ଶୁକ୍ଲା, ଜିଲ୍ଲା ପର୍ଯ୍ୟବେକ୍ଷକ ଅରବିନ୍ଦ ଦାସ, ବିଧାୟକ ପ୍ରାର୍ଥୀ କ୍ଷିରୋଦ ଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା, ଶଶାଙ୍କଶେଖର କର, ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦିପ୍ତିଭାନୁ ସେନାପତି, ପୂର୍ବତନ ବ୍ଲକ ଅଧକ୍ଷ୍ୟ ମନୋରଞ୍ଜନ ବଳା, ସୁମନ୍ତ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସେ ଜଣେ ଦୃଢ ସଂଗଠକ ଥିଲେ।

## ଆନ୍ତର୍ଜାତିକ ଅଲିମ୍ପିଆଡ଼ଙ୍କୁ ପୁରସ୍କାର ପ୍ରଦାନ

ମୋରଡ଼ା, ୯।୯ (ସମିସ): ମୋରଡ଼ା ବ୍ଲକ ଚିତ୍ରଡା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ଆନ୍ତର୍ଜାତିକ ଅଲିମ୍ପିଆଡ଼ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ପୁରସ୍କାର ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଡ଼ାଇରେକ୍ଟର ସଞ୍ଜୟ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହିଦ ମେମୋରିଆଲ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଭୋଇ, ମୁଖ୍ୟବକ୍ତା ଭାବେ ୟୁ.ବି.ଏସ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ଜ୍ୟୋତିର୍ମୟୀ ପାତ୍ର ଯୋଗ ଦେଇଥିଲେ। ଆଇ.ଟି ଓ ଟି.ଟି.ଓ ପରୀକ୍ଷାରେ ସଫଳତା ସହ କୃତିତ୍ୱ ଅର୍ଜନ କରିଥିବା ଦ୍ୱିତୀୟ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ ବେହେରାଙ୍କୁ ସ୍ୱର୍ଣ୍ଣପଦକ ସହିତ ୧୨ଶହ ଟଙ୍କାର ଏକ ଚେକ ପ୍ରଦାନ କରାଯାଇଥିଲା। ପରୀକ୍ଷାରେ ୬୩ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ହିନ୍ଦୀ ଦିବସ ସମାରୋହ ଉଦ୍‌ଘାଟିତ

## ଏକଲବ୍ୟ ମଡେଲ ସ୍କୁଲ, ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବିବିଧ କାର୍ଯ୍ୟକ୍ରମ

ବାରିପଦା, ୯।୯ (ସମିସ): ହିନ୍ଦୀ ଦିବସ ପକ୍ଷ ପାଳନ ଅବସରରେ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତି ବାରିପଦା ପକ୍ଷରୁ ହିନ୍ଦୀ ଦିବସ ସମାରୋହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଟିକରପଡ଼ା ଏକଲବ୍ୟ ମଡେଲ ସ୍କୁଲ ପରିସରରେ ବୃକ୍ଷ ରୋପଣ ସହିତ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ସମ୍ପାଦିକା ପ୍ରଭାତ ମଞ୍ଜରୀ ଦାସ ଶର୍ମାଙ୍କ ନେତୃତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବକୁ ଏକଲବ୍ୟ ମଡେଲ ସ୍କୁଲର ଅଧ୍ୟକ୍ଷ ଅମିତ କୁମାର ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ଶ୍ୟାମସୁନ୍ଦର ଦାସ, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଶିକ୍ଷାବିତ୍ ଲକ୍ଷ୍ମୀଧର ଜେନା, ମଞ୍ଜୁଲୀ ଦେ, ପ୍ରେମଲତା ବାରିକ୍, ସମାଜସେବୀ ତାରାମଣି ମହାପାତ୍ର ଓ ମୋତିଲାଲ ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ଅବଗତ କରିବା ସହିତ ଶିମିଳିପାଳର ଜୈବବିଧତା ଓ ପ୍ରାକୃତିକ ସମ୍ଭାର କିଭଳି ଜନଜୀବନକୁ ପରିପୁଷ୍ଟ କରିଛି ସେ ନେଇ ଆଲୋଚନା କରିଥିଲେ। ସେହିପରି ମୁର୍ଗାବାଡି ସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତି ଆନୁକୂଲ୍ୟରେ 'ଶିମିଳିପାଳ ହାମାରୀ ଜୀବନ ରେଖା' ଶୀର୍ଷକରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ କମଳ ଲୋଚନ ମହାକୁଡ, ଶମ୍ଭୁନାଥ ପାଣି, ଯୋଗେନ୍ଦ୍ର ନାଥ ଶତପଥୀ, ଜ୍ୟୋତ୍ସ୍ନା ଜେନା, ପୂର୍ଣ୍ଣିମା ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୦ଜଣ ଅଂଶଗ୍ରହଣ କରିଥିଲେ। ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ, ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀ, ସୂର୍ଯ୍ୟେନ୍ଦୁ ଦାଶ, ସଞ୍ଜୀବ କୁମାର ପାତ୍ର, ଦିଲ୍ଲୀପ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସମିତି ପକ୍ଷରୁ ବର୍ତ୍ତମାନ ପ୍ରତିଦିନ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଏହି ପକ୍ଷ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆସନ୍ତା ୧୬ ତାରିଖରେ ଉଦ୍‌ଯାପିତ ହେବ।




## ଉସୁ ଅସ୍ମିତା ଖେଲୋ ଇଣ୍ଡିଆ ଉମେନ ସିଟି ଲିଗ୍ ଉଦ୍‌ଯାପିତ

ବାରିପଦା, ୯।୯ (ସମିସ): ବାରିପଦା ଡିଗ୍ରୀ କଲେଜ ଆନୁକୂଲ୍ୟରେ ଚାଲିଥିବା ଉସୁ ଅସ୍ମିତା ଖେଲୋ ଇଣ୍ଡିଆ ଉମେନ ସିଟି ଲିଗ-୨୦୨୫ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥିଭାବେ ଭଞ୍ଜପୁର ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରବୋଧ କୁମାର ଦେଓ, ଉସୁ ଓଡ଼ିଶା ସଂଘର ଚେୟାର୍‌ୟାମନ ସୁଧାଂଶୁ ଶେଖର ହରିଚନ୍ଦନ, ସିଇଓ ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ଉସୁ ସଂଘର ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ। କେଉଁଝର ଜିଲ୍ଲାର ଖେଳାଳି ୧୫ଟି ସ୍ୱର୍ଣ୍ଣ ପଦକ ସହିତ ୨ଟି ରୌପ୍ୟ ପଦକ ହାସଲ କରି ଦଳଗତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ଖେଳାଳି ୮ଟି ସ୍ୱର୍ଣ୍ଣ ସହ ୩ଟି ରୌପ୍ୟ ପଦକ ହାସଲ କରି ଦ୍ୱିତୀୟ ସ୍ଥାନ ଓ ମୟୂରଭଞ୍ଜ ଜିଲ୍ଲା ୩ଟି ସ୍ୱର୍ଣ୍ଣ ୮ଟି ରୋପ୍ୟ ଏବଂ ୧୨ଟି କାଂସ୍ୟ ପଦକ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଗକୁ ଆହୁରି ଭଲ ପ୍ରଦର୍ଶନ ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ଥାନ ଅଧିକାର ପାଇଁ ମୁଖ୍ୟଅତିଥି କରିବାକୁ ଉତ୍ସାହିତ କରିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସୋମବାର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ଉସୁ ସଂଘର ଚେୟାରମ୍ୟାନ ସୁଧାଂଶୁଶେଖର ହରିଚନ୍ଦନ ମୁଖ୍ୟଅତିଥି ଏବଂ ଉସୁ ଓଡ଼ିଶା ସଂଘର ସିଇଓ ପ୍ରଦ୍ୟୁମ୍ନୟନ ବେହେରା ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଉଦ୍‌ଘାଟନ ଦିବସରେ ୧୫୦ ଜଣ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ।




# ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ




ରାସଗୋବିନ୍ଦପୁର, ୯।୯ (ସମିସ): ରାସଗୋବିନ୍ଦପୁର ତହସିଲ ଅଧୀନ ବାଁଶୁଳି ମୌଜାର ଏକ ଉଗେର ସମ୍ପତ୍ତିର ଭାଗବଣ୍ଟା କରିବାକୁ ଜଣେ ଓକିଲ ମିଛ ମକଦ୍ଦମା ଲଗାଇ ହଇରାଣ ହରକତ କରୁଥିବା ପ୍ରତିବାଦ ଜଣାଇ ଗ୍ରାମର ସଞ୍ଜୀବ କୁମାର ବାରିକ ଆମରଣ ଅନଶନରେ ବସିଥିଲେ। ଗତ ୨୦୦୦ ମସିହାରେ ବାଲେଶ୍ୱର କୋର୍ଟରେ ଉମାଶଙ୍କର ବାରିକ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଥିଲେ। ତେବେ ବାଁଶୁଳି ମୌଜାର ଖାତା ନଂ ୩୦ରେ ଥିବା ୧୨ଏକର ଜମି, ଯାହା ୫ ଭାଇର ସମସ୍ତ ଓଗେର ସମ୍ପତ୍ତିକୁ ସମାନ ଭାଗ ବଣ୍ଟନ କରିଦେବା କହି ସମସ୍ତ ଅଂଶୀଦାରଙ୍କୁ ଠକି ନିଜ ନାମରେ ୪ ଏକରରୁ ଅଧିକ ଜମି ହଡ଼ପ କରିଥିଲେ। ଓକିଲ ଜଣକ ବସ୍ତା ତହସିଲ ଅଧୀନ ସୁନ୍ଦୁରକୁଲି ମୌଜାର ଖାତ ଖାତା ନଂ ୮୭ରେ ଥିବା ୫ ଜଣଙ୍କ ୩୦ ଡେସିମିଲି ଘରବାଡ଼ି ଜାଗାରୁ ୨୪ ଡେସିମିଲ ନିଜ ନାମରେ କରିଛନ୍ତି। ମିଛ କମିଶନର ସଜାଇ ଜମି ପାଖକୁ ତଦନ୍ତ ପାଇଁ ଆସିଥିଲେ। ତେବେ ସମ୍ପତ୍ତିର ଭାଗବଣ୍ଟା ହେବ ଭାବି ଅଂଶୀଦାରମାନେ ଜମି ପାଖରେ ହାଜର ହୋଇଥିଲେ। ପରଦିନ ଉପସ୍ଥିତ ଥିବା ଅଂଶୀଦାରଙ୍କ ନାମରେ ମିଛ ଫୌଜଦାରୀ ମକଦ୍ଦମା ଲଗାଇଥିଲେ। ତେବେ ପୁଲିସ ସହ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ମିଛ ମକଦ୍ଦମା ବୋଲି ରିପୋର୍ଟ ଦେବାରୁ ରାସଗୋବିନ୍ଦପୁର ଜେଏମ୍‌ଏଫ୍‌ସି ଅଦାଲତ ମାମଲାକୁ ଖାରଜ କରିଦେଇଛନ୍ତି। ଏ ନେଇ ଅଂଶୀଦରମାନେ ବିଭିନ୍ନ ମହଲରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଫଳ ମିଳୁନାହିଁ। ଫଳରେ ଅଂଶୀଦାରଙ୍କ ତରଫରୁ ଗତମାସ ୨୩ ତାରିଖରେ ଠକେଇ, ସମ୍ପତ୍ତି ହଡ଼ପ ଏବଂ ମିଛ ମକଦ୍ଦମା କରୁଥିବା ନେଇ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ ନ ପାଇଲେ ସେପ୍ଟେମ୍ବର ୯ ତାରିଖରେ ରାସଗୋବିନ୍ଦପୁର ଥାନା ସାମ୍ନାରେ ଆମରଣ ଅନଶନରେ ବସିବେ ବୋଲି ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ ସଞ୍ଜୀବ। ଏଣୁ ଶ୍ରୀ ବାରିକ ସମେତ ଉଗେର ଅଂଶୀଦାର ମୃତ୍ୟୁଞ୍ଜୟ ବାରିକ, ଭବାନୀ ଶଙ୍କର ବାରିକ, ତରୁଣ ବାରିକ, ଦୁଃଖିମନି ବାରିକ, ପ୍ରତିମା ବାରିକ, ସୁଗନ୍ଧା ବାରିକ, ବାସୁଦେବ ବାରିକ, ବଳରାମ ବାରିକ, ଜୟନ୍ତ ବାରିକ, ମନୋଜ ବାରିକ ପ୍ରମୁଖ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାୟକ, ଗାଁ ଅମରଦା ସରପଞ୍ଚ ଦୁଲାରୀ ହାଁସଦା ଓ ସମିତିସଭ୍ୟା ପ୍ରଭାସିନୀ ବେହେରା, ମାନବ ମହାନ୍ତିଙ୍କ ଉପସ୍ଥିତିରେ ଥାନାରେ ବୁଝାମଣା ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ

## ଅକ୍ଟୋବରରେ ଦୁଇ ଦିନିଆ କର୍ମଶାଳା କରିବ ଭଞ୍ଜସେନା

ବାରିପଦା, ୯।୯ (ସମିସ): ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆସନ୍ତା ଅକ୍ଟୋବର ମାସରେ ଭଞ୍ଜସେନା ପକ୍ଷରୁ ବାରିପଦାରେ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହେବ। ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟର ସମ୍ପୂର୍ଣ୍ଣ ସୁରକ୍ଷା ଓ ପରିବେଶ ସୁରକ୍ଷା ସହିତ ଜଙ୍ଗଲ, ପାହାଡ଼ ପର୍ବତକୁ କୌଣସି ପ୍ରକାରର କ୍ଷତି ନ ପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର (ବାଉଁଶ, ସବାଇ ଘାସ, ଶାଳ ପତ୍ର ଏବଂ ଅନ୍ୟାନ୍ୟ) ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା କ୍ରମେ ଜନସଚେତନତା ଉଦ୍ଦେଶ୍ୟରେ ନିର୍ମିତ ହୋଇଛି 'ଆନ୍ଦୋଳନ' ଚଳଚ୍ଚିତ୍ର। ଆଉ ଏହି ନିଶୁଳ୍କ ଚଳଚ୍ଚିତ୍ରରେ ଥିବା ବାର୍ତ୍ତାକୁ ଜିଲ୍ଲାବାସୀଙ୍କ ପାଖରେ ପହଞ୍ଚିବା ପାଇଁ ଭଞ୍ଜସେନା ପକ୍ଷରୁ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଦୁଇଟି ଏଲଇଡି ଗାଡି ମାଧ୍ୟମରେ ଗତ ୫ତାରିଖ ଗୁରୁଦିବସରୁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଓ ବାଙ୍ଗିରିପୋଷି ବ୍ଲକରୁ ଆରମ୍ଭ ହୋଇ ଆଜି ସୁଦ୍ଧା କରଞ୍ଜିଆ, ଶୁକୃଳି, ରରୁଆଁ, ସାରସକଣା, କୁଳିଅଣା, ବାରିପଦା ବ୍ଲକ ସମେତ କରଞ୍ଜିଆ ପୌରାଞ୍ଚଳ ପରିକ୍ରମା ଶେଷ ହୋଇଛି। ଆଗାମୀ ଦିନରେ ବାକିଥିବା ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ/ଏନ୍‌ଏସି/ମ୍ୟୁନିସିପାଲଟିରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ କରାଯିବ। ଏହି ପ୍ରକ୍ରିୟା ଆସନ୍ତା ୨୫ ତାରିଖରେ ଶେଷ ହେବ। ଆଗାମୀ ଅକ୍ଟୋବର ମାସ




ମଧ୍ୟ ଭାଗରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ/ଏନ୍‌ଏସି/ମ୍ୟୁନିସିପାଲଟିରୁ ୨୫ ଜଣ ଯୁବକ/ଯୁବତୀଙ୍କୁ ନେଇ ଏକ ଦୁଇ ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳା ବାରିପଦାଠାରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଯୁବବର୍ଗ କିଭଳି ନିଜ ଯୋଗ୍ୟତା ଅନୁଯାୟୀ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ବିଭିନ୍ନ ତଥ୍ୟ ପ୍ରଦାନ କରିବେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି।

## ଗୁଟଖା ଦୋକାନରେ ଚଢ଼ଉ

ବେଲବାହାଲି, ୯।୯ (ସମିସ): ଘସିପୁରା ପୁଲିସ ପକ୍ଷରୁ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ବଜାରରେ ଥିବା ବିଭିନ୍ନ ଦୋକାନରେ ଚଢ଼ଉ କରାଯାଇ ବହୁମାତ୍ରାରେ ଗୁଟଖା ଓ ନିଶା ଦ୍ରବ୍ୟକୁ ଜବତ କରାଯାଇଛି। ବେଲବାହାଲି ବଜାରରେ ଥିବା ପାନ ଦୋକାନଠାରୁ ଆରମ୍ଭ କରି ବଡ ବଡ ଦୋକାନଗୁଡିକରେ ବ୍ୟାପକ ମାଦକ ଦ୍ରବ୍ୟ ସହ ବିଭିନ୍ନ ପ୍ରକାରର ଗୁଟଖା ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏନେଇ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ଏଣିକି ନିୟମିତ ଭାବରେ ଆନନ୍ଦପୁର ଅଞ୍ଚଳର ବିଭିନ୍ନ ବଜାର ଅଞ୍ଚଳରେ ଥିବା ଦୋକାନଗୁଡିକରେ ପୁଲିସ ଚଢ଼ଉ ଜାରି ରଖିବ। ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ଜବତ କରିବା ସହିତ ଆବଶ୍ୟକ ପଡିଲେ ଆଇନ ଅନୁଯାୟୀ, ବ୍ୟବସାୟୀଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ଉମାକାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ହାଟଡ଼ିହୀ, ୯।୯ (ସମିସ): ହାଟଡ଼ିହୀ ବ୍ଲକ୍ ଇଞ୍ଚୋଳ ଗ୍ରାମର ଅଦୈତଚନ୍ଦ୍ର ପଣ୍ଡାଙ୍କ ପୁତ୍ର ଉମାକାନ୍ତ ପଣ୍ଡା ବୌଦ୍ଧ ଜିଲ୍ଲାରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବରେ କାର୍ଯ୍ୟରତ ଥିବାବେଳେ ଚଳିତ ବର୍ଷ ୨୦୨୫ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ବୌଦ୍ଧ ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ସମାରୋହରେ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଶିକ୍ଷକ ଶ୍ରୀ ପଣ୍ଡା ବୌଦ୍ଧ ଜିଲ୍ଲାରେ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ କୁଣ୍ଡାମାଳରେ ଶିକ୍ଷକତା କରୁଛନ୍ତି। ତାଙ୍କର ଏପରି ସଫଳତାରେ ଗୋଷ୍ଠୀ ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳଭଦ୍ର ବିଶ୍ୱାଳ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ଚାରା ବଣ୍ଟନ ଗାଡ଼ିର ଶୁଭାରମ୍ଭ



ତୁରୁମୁଙ୍ଗା/ଚମ୍ପୁଆ, ୯।୯ (ସମିସ): ପାଟଣା ରେଞ୍ଜରେ ମଙ୍ଗଳବାର ଏକ ପେଡ ମା' କି ନାମ କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକ୍ ଅଧକ୍ଷା ବୀଣାପାଣି ନାୟକ ପତାକା ଦେଖାଇ ଚାରା ବଣ୍ଟନ ଅଭିଯାନ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ଗାଡ଼ିର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ବଡପାଟଣା, ଟାଙ୍ଗରପଡ଼ା ଓ ସରାସ କୋଲା ପଞ୍ଚାୟତକୁ ୫ ଶହ ଲେଖାଏଁ ଚାରା ଗଛ ପ୍ରଦାନ କରାଯାଇଛି। ବଡପାଟଣା ସରପଞ୍ଚ ବିନତୀ ବାନରା, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ବିଡିଓ ମାନସ ଦଣ୍ଡପାଟ, ରେଞ୍ଜର ବନବିହାରି ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ, ସହକାରୀ ବନପାଳ ହୃଦାନନ୍ଦ ମହାନ୍ତି, ଦେବଯାନୀ ମହାନ୍ତ, ରାଜେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।
ସେହିପରି ଚମ୍ପୁଆ ବନାଞ୍ଚଳରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁ, ଅନ୍ୟତମ ଅତିଥି ଭାବେ ବିଡିଓ ସ୍ମୃତିରଂଜନ ସାହୁ, ତହସିଲଦାର ସଜତ ମାର୍କେ, ରେଞ୍ଜର ତଥା ଏସିଏଫ ଅକ୍ଷୟ ଛତ୍ରିୟା ପ୍ରମୁଖ ଯୋଗ ଦେଇଥିଲେ। ଏହି ସଚେତନତା ରଥ ଚମ୍ପୁଆ ବନାଞ୍ଚଳ ଅଧୀନସ୍ଥ ୫ଟି ସେକ୍ସନରେ ପରିଭ୍ରମଣ କରିବା ସହିତ ଲୋକଙ୍କୁ ବୃକ୍ଷରୋପଣ ପାଇଁ ସଚେତନ କରିବ। ପ୍ରତ୍ୟେକ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ୫-୫୦ଟି ବୃକ୍ଷରୋପଣ କରାଯିବାକୁ ଥିବା ବେଳେ ଚମ୍ପୁଆ ବନାଞ୍ଚଳରେ ୫ ହଜାର ଗଛ ରୋପଣ କରାଯିବ। ଏହି ଚାରା ବନ ବିଭାଗ ପକ୍ଷରୁ ମାଗଣା ଯୋଗାଇ ଦିଆଯିବ ବୋଲି ଶ୍ରୀ ଛତ୍ରିୟା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ଜ୍ୟୋତିରୂପା ପାଣି ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବରାଙ୍ଗ ଜଙ୍ଗଲରେ ଶିକାରୀ ସକ୍ରିୟ, ହରିଣ ଫାସରେ କୁକୁର

ରାମଚନ୍ଦ୍ରପୁର, ୯।୯ (ସମିସ): ଆନନ୍ଦପୁର ବନଖଣ୍ଡ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପୁରୁଣାବାନ୍ଧଗୋଡା ଗାଁ ନିକଟରେ ଗତକାଲି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଙ୍ଗଲ ମଧ୍ୟରେ ହରିଣ ଧରିବାକୁ ଫାସ ବସାଇଥିବା ଶିକାରୀ ଜାଲରେ ଗୋଟିଏ ବୁଲା କୁକୁର ପଡି ଯାଇଥିଲା। ଯେତେ ଝଟପଟ ହେଲେ ମଧ୍ୟ ସେଥିରୁ ମୁକୁଳି ପାରି ନଥିଲା। ଭୋକରେ ଆଉଟ ପାଉଟୁ ହୋଇ ଦୁଇଦିନ ଧରି ନିସ୍ତେଜ ଅବସ୍ଥାରେ ପଡି ରହିବା ପରେ କୁକୁରର ଚିତ୍କାର ଶୁଣି ଗ୍ରାମର ସ୍ୱରୂପ ମହାନ୍ତି ଏବଂ ଗୋବିନ୍ଦ ମଲ୍ଲିକ ଜଙ୍ଗଲ ଭିତରେ ଫାସରେ କୁକୁରଟି ପଡିଥିବା ଦେଖିଥିଲେ। ବହୁ କଷ୍ଟରେ ଫାସରୁ କୁକୁରଟିକୁ ଉଦ୍ଧାର କରିଥିଲେ। ଲୋକଙ୍କ ଅଭିଯୋଗ ଅନୁସାରେ,




ବରାଙ୍ଗ ଜଙ୍ଗଲରୁ ଅନେକ ସମୟରେ ଅବାଧରେ ହରିଣ ଶିକାର କରି ପଡୋଶୀ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାଂସ ବିକ୍ରି କରୁଥିବା ଅଭିଯୋଗ କରୁଛନ୍ତି। ଟିପା ହରିଣ ପାଇଁ କେନ୍ଦୁଝର ଜିଲ୍ଲାରେ ବରାଙ୍ଗ ଜଙ୍ଗଲ ପ୍ରସିଦ୍ଧି ଲାଭ କରିଥିବା ବେଳେ ବନାଞ୍ଚଳରେ କର୍ମଚାରୀ ଅଭାବ ସାଙ୍ଗକୁ ଜଙ୍ଗଲ ଚତୁପାର୍ଶ୍ୱରେ ମୁକୁଳା ବ୍ୟବସ୍ଥା ଶିକାରୀଙ୍କ ପାଇଁ ବରଦାନ ସଦୃଶ ହୋଇଛି। ବନ ବିଭାଗ ଉଚ୍ଚ ପଦାଧିକାରୀ ତୁରନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଅବସ୍ଥା ଦୟନୀୟ

# ଶଯ୍ୟା ନପାଇ ରୋଗୀ ଗଡୁଛନ୍ତି ବାରଣ୍ଡାରେ

ଆନନ୍ଦପୁର, ୯।୯ (ସମିସ)

ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଦୟନୀୟ ପରିସ୍ଥିତିରେ ଚାଲିଥିବା ବେଳେ ରୋଗୀ ଶୋଚନୀୟ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଶଯ୍ୟା ଅଭାବରୁ ରୋଗୀ ବାରଣ୍ଡାରେ ଗଡୁଥିବା ଦେଖାଯାଉଛି। ଏଥିରେ ସୁଧାର ଆସିପାରୁ ନଥିବାରୁ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଅକ୍ଷମତା ପ୍ରକାଶ କରି ହାତ ଟେକିଦେବା ଅବସ୍ଥା ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପାଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି। ଉପଖଣ୍ଡ ଚିକିତ୍ସାଳୟର ମା' ଓ ଶିଶୁ ବିଭାଗରେ ରୋଗୀମାନେ




ଶଯ୍ୟା ଅଭାବରୁ ତଳେ ରହି ଚିକିତ୍ସିତ ହେଉଥିବା ଦେଖି ଚିକିତ୍ସାଳୟ ଦାୟିତ୍ୱରେ ଥିବା ମୁଖ୍ୟ ଅଧିକାରୀଙ୍କୁ ରୋଗୀମାନଙ୍କ ପାଇଁ ଶଯ୍ୟା ସୁବିଧା ନିମନ୍ତେ ପରାମର୍ଶ ଦେଇଥିଲେ। ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ନିୟମିତ ସଫାସୁତୁରା ରଖିବା ଓ ଉନ୍ନତମାନର ଚିକିତ୍ସା ନିମନ୍ତେ ପରାମର୍ଶ ଦେଇଥିଲେ। କେନ୍ଦୁଝର ଜିଲ୍ଲା ସମେତ ପଡୋଶୀ ଭଦ୍ରକ ଯାଜପୁର ମୟୂରଭଞ୍ଜ ଜିଲ୍ଲା ଜନସାଧାରଣ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ୫ଶହରୁ ଅଧିକ ରୋଗୀ ଚିକିତ୍ସିତ ହେବାକୁ ଆସୁଥିବା ବେଳେ ଉପଯୁକ୍ତ ଚିକିତ୍ସା ମିଳୁ ନଥିବା ଗୁରୁତର ଅଭିଯୋଗ ହେଉଛି। ଜିଲ୍ଲା ଖଣିଜ ପାଣ୍ଠିର ଅନୁଦାନରେ ଅଧିକ ୫୦ ଶଯ୍ୟାର ବ୍ୟବସ୍ଥା ସହ ଆବଶ୍ୟକ ଡାକ୍ତର ଯୋଗାଇ ନଦେଲେ ପରିସ୍ଥିତି ଆହୁରି ସଂକଟାପନ୍ନ ହେବ ବୋଲି କୁହାଯାଉଛି।

## ଅମାନିଆ ସିଆର୍‌ସିସିଙ୍କୁ ନୋଟିସ୍ ଜାରି

ହାଟଡ଼ିହୀ, ୯।୯ (ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳର କିଛି ବିଦାୟୀ ସିଆରସିସି ଏଯାବତ୍ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କିଛି ସିଆରସିସି କାହିଁକି ନିର୍ଦ୍ଦେଶକୁ ମାନୁନାହାନ୍ତି ? ସେନେଇ କାହା ପାଖରେ ଉତ୍ତର ନାହିଁ। ହାଟଡ଼ିହୀ ବ୍ଲକ୍‌ରେ ୨୧ଜଣ ସିଆର୍‌ସିସିଙ୍କ ମଧ୍ୟରୁ ନୂତନ ଭାବେ ୧୧ଜଣ ସିଆର୍‌ସିସି ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପରଦିନଠାରୁ ନୂତନ ସିଆର୍‌ସିସିମାନେ କାର୍ଯ୍ୟଭାର ତୁଲାଇ ଆସୁଛନ୍ତି। କିନ୍ତୁ ପୁରୁଣା ସିଆରସିସିମାନେ କାର୍ଯ୍ୟରୁ ଅନ୍ତର ହୋଇଥିଲେ ବି ସେମାନେ କ୍ଲଷ୍ଟର ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ରେକର୍ଡପତ୍ର, କ୍ଲଷ୍ଟର ରୁମ୍‌ର ଚାବିକାଠି ମଧ୍ୟ ଦେଉନାହାନ୍ତି। ଫଳରେ ନୂତନ ସିଆରସିସିମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସିଆରସିସି ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇବା ପରେ ଗତ ୧୪ତାରିଖ ସମସ୍ତ ସିଆରସିସିଙ୍କୁ ଚିଠି ନଂ ୨୮୬୯ ତା ୧୪/୮/୨୦୨୫ରେ ଜଣାଇ ୨୦ତାରିଖ ଭିତରେ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ହୋଇଥିଲା। ଦାୟିତ୍ୱ ହସ୍ତାନ୍ତର ନକଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଥିଲା। ଏବେ ସୁଦ୍ଧା ସେମାନେ ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ବେଳେ ସରକାରୀ କମ୍ପ୍ୟୁଟରକୁ ନେଇ ଘରେ ରଖିଥିବା ଭଳି ଅଭିଯୋଗ ହେଉଛି। ସଂପୃକ୍ତ ସିଆର୍‌ସିସିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ କହିଛନ୍ତି।

## ଅନଭିଜ୍ଞ ସିଆର୍‌ସିସିଙ୍କ ହାତରେ କ୍ଲଷ୍ଟର୍ ଦାୟିତ୍ୱ

ରାମଚନ୍ଦ୍ରପୁର, ୯।୯ (ସମିସ): ଗଣଶିକ୍ଷା ବିଭାଗରେ ଅନେକ ଅନଭିଜ୍ଞ ଶିକ୍ଷକଙ୍କୁ ସିଆରସିସି ଭାବେ ଜିଲ୍ଲା ଶିକ୍ଷା ବିଭାଗ ଦାୟିତ୍ୱ ନ୍ୟସ୍ତ କରିଛି। ଛୋଟମୋଟ ସମସ୍ୟା ସମାଧାନ ତ ଦୂରର କଥା କେତେକ ସ୍ଥାନରେ ଶିକ୍ଷା ବିଭାଗର ଭିତିରି କଥା ଦାଣ୍ଡରେ ପଡି ହାଟରେ ଗଡୁଛି। ଘସିପୁରା ବ୍ଲକ ରାମଚନ୍ଦ୍ରପୁର ସର୍କଲ ସିଆରସିସି ହିମାଂଶୁ ଭୂଷଣ ଜେନା ଭିଜନ ଟେଷ୍ଟରେ ଉତ୍ତୀର୍ଣ୍ଣ ନହୋଇ ମଧ୍ୟ ସିଆରସିସି ପଦରେ ଦୀର୍ଘ ଦିନ ହେଲା ରହିଛନ୍ତି। ଗାଇଡଲାଇନ ଅନୁସାରେ ଯେଉଁ ଶିକ୍ଷକମାନେ ସିଆରସିସି ପଦ ପାଇଁ ଆବଶ୍ୟକ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ ସେମାନେ ସେହି ପଦରେ ରହିପାରିବେ ନାହିଁ। ଜିଲ୍ଲାର ବିଭିନ୍ନ ବ୍ଲକରେ ଭିଜନ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ନଥିବା ଶିକ୍ଷକଙ୍କୁ ସିଆରସିସି ପଦରୁ ହଟାଇ ଦିଆଯାଇ ଥିବାବେଳେ ଘସିପୁରା ବ୍ଲକ ଶିକ୍ଷାଧିକାରୀ ଏପର୍ଯ୍ୟନ୍ତ ରାମଚନ୍ଦ୍ରପୁର ସିଆରସିସି ପଦରେ ଥିବା ଜଣେ ଅନଭିଜ୍ଞ ଶିକ୍ଷକଙ୍କୁ ନହଟାଇ କାହିଁକି ଏତେଦିନ ନରି ଦାୟିତ୍ୱସମ୍ପନ୍ନ ପଦରେ ରଖିଛନ୍ତି ? ତାହା ଆଲୋଚନାର ବିଷୟ ପାଲଟିଛି। ସେପଟେ ଖୁବଶୀଘ୍ର ଶ୍ରୀଜେନାଙ୍କୁ ହଟାଇ ନୂତନ ସିଆରସିସି ନିଯୁକ୍ତି ଦିଆଯିବ ବୋଲି ଘସିପୁରା ବ୍ଲକ ଶିକ୍ଷାଧିକାରୀ ସଦ୍ୟସ୍ମିତା ପଣ୍ଡା କହିଛନ୍ତି।

### ଏମ୍‌ଡିଏମ୍ ଅନିୟମିତତା

## ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଆନନ୍ଦପୁର, ୯।୯ (ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ଦାନ୍ତିଆ ଆଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଓ ଆଶ୍ରମ ଖାଦ୍ୟପେୟ ଅନିୟମିତତା ଅଭିଯୋଗ ନେଇ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବିଦ୍ୟାଳୟରେ ପ୍ରତିଦିନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଖାଦ୍ୟ ମିଳୁ ନଥିବା ବେଳେ ସ୍ୱଚ୍ଛତା ଓ ପରିଚ୍ଛନ୍ନତାର ଅଭାବ ରହିଥିବା ଜଣାପଡିଛି। ପିଲାଙ୍କ ସଂଖ୍ୟାରେ ଜାଲିଆତି କରାଯାଉଛି। ଅନେକ ସମୟରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାଠାରୁ ଅଧିକ ୫୦/୭୦ ସଂଖ୍ୟା ଦର୍ଶାଯାଇ ଅଧିକ ଖାଦ୍ୟ ସାମଗ୍ରୀ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ଜେନା ହଡପ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଆଶ୍ରମରେ ଖାଇବା ପିଇବା ଠିକ ଭାବରେ ଦିଆଯାଇ ନଥିବାବେଳେ ଦିନବେଳା ୧୧୦ ଛାତ୍ରୀଙ୍କୁ ୨ କିଲୋ ଡିଲି ରାତିରେ ୧.୫ କିଲୋ ଡାଲି ଖାଦ୍ୟରେ ଦିଆଯାଉଛି। ଗତମାସ ୨୦ ତାରିଖ ବିଇଓଙ୍କ ନିକଟରେ ଅଭିଯୋଗ କରିବା ପରେ ସିଆରସିସି ତଦନ୍ତ କରିଥିଲେ। ସ୍କୁଲରେ ୧୬୭ ପିଲା ଉପସ୍ଥିତ ଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ୨୧୧ ପିଏମ ପୋଷଣ ଆପରେ ଦର୍ଶାଯାଇଥିବା ସୂଚନା ଦେଇଛନ୍ତି। ଦ୍ୱିତୀୟ ଥର ଅଗଷ୍ଟ ୨୫ରେ ଡବ୍ଲୁଇଓ, ଏଡିଡବ୍ଲୁଓ ଘସିପୁରା ତଦନ୍ତ ପାଇଁ ଆସିଥିବାବେଳେ ତଥ୍ୟ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ଜେନାଙ୍କ ବିପକ୍ଷରେ ଯାଇଛି। ମାତ୍ର ଆଜକୁ ୨୦ ଦିନ ବିତିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅଗଷ୍ଟ ୮ରେ ଛାତ୍ରଛାତ୍ରୀଙ୍କୁ ସଠିକ୍ ଭାବେ ମଧ୍ୟାହ୍ନଭୋଜନ ନଦେବା ଓ ଚାଉଳ ହେରଫେର୍ କରୁଥିବା ନେଇ ହରିଚନ୍ଦନପୁର ଯାଉଁଳିପୋଖରୀ ଉପ୍ରା ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ରାଉତଙ୍କ ବିରୋଧରେ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ହରିଚନ୍ଦନପୁର ବିଇଓ ଚିନ୍ମୟ ରାଉତ ତାଙ୍କୁ ନିଲମ୍ବନ କରିଥିଲେ। ସେହିପରି ଗତ ୧୨ ତାରିଖରେ ପାଟଣା ବ୍ଲକ କେନ୍ଦେଇପୋଶି ପଞ୍ଚାୟତ ଖୁଣ୍ଟାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୌଜିରାମ ମଧ୍ୟାହ୍ନ ଭୋଜନରେ ଜାଲିଆତି କରି ଦୁଇ ଜଣ ପିଲା ଅଧିକ ପକାଇବାର ଜିଲ୍ଲାପାଳ ଦେଖୁଥିଲେ। ପାଟଣା ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୧୨/୨୫ରେ ପ୍ରଧାନ ଶିକ୍ଷକପାତ୍ରଙ୍କୁ ନିଲମ୍ବିତ କରାଯାଇଥିଲା। ଦାନ୍ତିଆ ଆଶ୍ରମ ସ୍କୁଲ୍‌ରେ ପ୍ରତିଦିନ ୫୦-୬୦ ପିଲା ଅଧିକ ପକାଯାଉଛି। ହେଲେ ଏଯାଏ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶାନ୍ତନୁ ସ୍ୱାଇଁ, ପ୍ରଣବ ଦାସ, ରମାକାନ୍ତ ଜେନା, ମାଜର ସ୍ୱାଇଁ, ଚଗଲୁ ମଲ୍ଲିକ, ଅଗସ୍ତି ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ମଳୟ ମଲିକ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ନହେଲେ ଗ୍ରାମବାସୀ ଉକ୍ତ ସ୍କୁଲକୁ ପିଲାଙ୍କୁ ଛାଡ଼ିବେ ନାହିଁ ବୋଲି ମଧ୍ୟ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଯାନ୍ତ୍ରିକ ମହାବିଦ୍ୟାଳୟରେ ଆଇନ ସଚେତନତା

କେନ୍ଦୁଝର, ୯।୯ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଡିଟୋରିୟମ ହଲଠାରେ ସାଇବର ଅପରାଧ, ପୋସ୍, ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟାବଳୀ, ପୋକ୍ସୋ ତଥା ରାଗିଙ୍ଗ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଇ. ବିଘ୍ନେଶ୍ୱର ରାଓ ଏନେଇ ମତ ରଖିଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସାଇବର ଅପରାଧ, ପୋସ, କର୍ମକ୍ଷେତ୍ରରେ ମହିଳା ଯୌନ ଅପରାଧ ଓ ପ୍ରତିରୋଧ, ଶିଶୁ ଯୌନ ଅପରାଧ ଓ ସୁରକ୍ଷା ତଥା ପ୍ରାଧିକରଣର ଭୂମିକା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସାଇବର ଅପରାଧ ଓ ଆର୍ଥିକ ଠକେଇ ସଂପର୍କରେ ଉପଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ରାକେଶ ରଞ୍ଜନ ଶୁକ୍ଳା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସରୋଜ ଷଡ଼ଙ୍ଗୀ, ପାନେଲ ଅଧିବକ୍ତା ସୁନୀଲ ମହାନ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ମିଳିତ ଚଢ଼ଉ; ବିପୁଳ ମଦ ସହ ପୋଚ ଜବତ



ଚମ୍ପୁଆ, ୯।୯ (ସମିସ): ଅବକାରୀ ଅଧକ୍ଷକ ସୀତାରାଣୀ ପଟ୍ଟାୟତଙ୍କ ନିର୍ଦ୍ଦେଶକ୍ରମେ ତଥା ଚମ୍ପୁଆ ଅବକାରୀ ନିରୀକ୍ଷକ ଏଚ୍ ଜଗାରାଉଙ୍କ ତତ୍ତ୍ୱାବଧାନରେ ବାରିଆ ଥାନା ଅଧୀନସ୍ଥ ବର୍ଦ୍ଧନା ଓ ଚମ୍ପୁଆ ଥାନା ଅନ୍ତର୍ଗତ ତଡୁଆବାହାଳଠାରେ ଚୋରା ମଦ କାରବାର ଓ ମଦ ପ୍ରସ୍ତୁତି ଉପରେ ଚଢଉ କରାଯାଇଛି। ମାଜିଷ୍ଟ୍ରେଟ ସୁଜିତ ସ୍ୱାଇଁଙ୍କ ଉପସ୍ଥିତିରେ ଯୋଡା, ବଡବିଲ, ଝୁମ୍ପୁରା, ଜିଲ୍ଲା ମୋବାଇଲସ୍କ୍ୱାଡ ଓ ପୁଲିସ ସହାୟତାରେ ଏହି ଚଢଉ କରାଯାଇଥିଲା। ଚଢଉବେଳେ ୧୯ ହଜାର କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୧୭୫୦ ଲିଟର ମହୁଲି ମଦ ସହ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ମାଫିଆ ଫେରାର ହୋଇଯାଇଥିବା କୁହାଯାଉଛି।

## 'ଗୁରୁ ଦିବସରେ ମଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ ଅଭିଯୋଗ ମିଛ'

ରାମଚନ୍ଦ୍ରପୁର, ୯।୯ (ସମିସ): ଘସିପୁରା ବ୍ଲକ୍ ଅଳତି ପଞ୍ଚାୟତ ଅନ୍ତର୍ଗତ ଜେନାପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ନଦେଇ ଏଥିପାଇଁ ରହିଥିବା ଟଙ୍କା ପ୍ରଧାନ ଶିକ୍ଷକ ମନ୍ମଥ ଘଡେଇ ହଡ଼ପ କରିଥିବା ରାମଚନ୍ଦ୍ରପୁର ସିଆରସିସି ହିମାଂଶୁ ଭୂଷଣ ଜେନା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହାଡିବନ୍ଧୁ ସାହୁ ମଙ୍ଗଳବାର ଜେନାପଦା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନର ସ୍ଥିତି ଯାଞ୍ଚ କରିବା ସହ ଛାତ୍ରଛାତ୍ରୀ ସମେତ ପାଚିକାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସେଦିନ ଜଣେ ପାଚିକାଙ୍କ ଦେହ ଅସୁସ୍ଥ ଥିଲା। ସେପଟେ ଗୁରୁ ଦିବସ ଥିବାରୁ ଛାତ୍ରଛାତ୍ରୀ ଗୁରୁ ପୂଜନ ପରେ ପରେ ଘରକୁ ପଳାଇ ଯାଇଥିଲେ। ପ୍ରଧାନଶିକ୍ଷକ ନିଜ ପକେଟରୁ ଶିଶୁଙ୍କୁ ଚକଲେଟ ଦେଇଥିଲେ ବୋଲି



ସଫେଇ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କ ଘୋଷଣା ମୁତାବକ ସମସ୍ତ ଛାତ୍ରଛାତ୍ରୀଙ୍କୁ ବକେୟା ଦିନର ଚାଉଳ ଏବଂ ଅର୍ଥ ବଣ୍ଟନ କରାଯାଇଥିବା ଜଣାପଡିଛି। ତଦନ୍ତ ପରେ ମଧ୍ୟାହ୍ନ ଭୋଜନ ହଡପ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ତଦନ୍ତ କରୁଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହାଡିବନ୍ଧୁ ସାହୁ କହିଥିଲେ।

## ଲଗାଣ ବର୍ଷାରେ ନଷ୍ଟହେଲା ୮ ଲକ୍ଷର କଂକ୍ରିଟ୍ କାର୍ଯ୍ୟ

ଆନନ୍ଦପୁର, ୯।୯ (ସମିସ): ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କଂକ୍ରିଟ କାର୍ଯ୍ୟ ମାସେ ନହେଉଣୁ ଉଠିଯାଇ ନଷ୍ଟ ହୋଇଯିବା ଘଟଣା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତାଗିଦ କରିବା ସତ୍ତ୍ୱେ ଏପରି ସରକାରୀ ଅର୍ଥକୁ ନଷ୍ଟ କରିଥିବାରୁ ଯନ୍ତ୍ରୀଙ୍କଠାରୁ ଏହି ଅର୍ଥ ଭରଣା କରିବାକୁ ବିଜେପି ଯୁବନେତା ସନ୍ତୋଷ କୁମାର ଜେନା ଦାବି ଜଣାଇଛନ୍ତି। ଗତ ଅଗଷ୍ଟରେ ଲଗାଣ ବର୍ଷା ଚାଲିଥିବା ବେଳେ ଘସିପୁରା କୃଷିବିଭାଗ କାର୍ଯ୍ୟାଳୟରେ ଚାଲିଥିଲା କଂକ୍ରିଟ ନିର୍ମାଣ କାର୍ଯ୍ୟ। କେନ୍ଦୁଝର ସାଂସଦଙ୍କ ଘସିପୁରା ବ୍ଲକ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଲେ ଠିକାଦାର ବର୍ଷାରେ କଂକ୍ରିଟ



କାର୍ଯ୍ୟ ବନ୍ଦ କରିବା ପରିବର୍ତ୍ତେ ଅତ୍ୟନ୍ତ ତରବରିଆ ଭାବେ କାର୍ଯ୍ୟକୁ ଶେଷ କରିଦେଇଥିଲେ। ଝୋ ଝୋ ବର୍ଷାରେ ଘସିପୁରା କୃଷିବିଭାଗ କାର୍ଯ୍ୟାଳୟ ଚତୁପାର୍ଶ୍ୱକୁ ତରବରିଆ ଭାବେ କଂକ୍ରିଟ କରାଯାଉଥିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ କୌଣସି ଅସୁବିଧା ହେବନାହିଁ ବୋଲି କହି ଏହି ପ୍ରସଙ୍ଗକୁ ଏଡାଇଦେଇଥିଲେ। ତେବେ ଏପରି କାର୍ଯ୍ୟର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି।

# ୟୁରିଆ ସାରର ଅଭାବ ବଢ଼ାଇଲା ଚାଷୀଙ୍କ ଚିନ୍ତା

ଚମ୍ପୁଆ, ୯।୯ (ସମିସ)

ମିଳୁନି ୟୁରିଆ ସାର, ହନ୍ତସନ୍ତ ହେଉଛନ୍ତି ଚାଷୀ। ବାଧ୍ୟ ହୋଇ ଅଧିକ ମୂଲ୍ୟ ଦେଇ ଝାଡ଼ଖଣ୍ଡରୁ ସାର କିଣୁଥିବା ଚାଷୀମାନେ ସୂଚନା ଦେଇଛନ୍ତି। ଚମ୍ପୁଆ ଲ୍ୟାମ୍ପ ଅଧୀନରେ ଥିବା ଚାଷୀମାନେ ମୁଠା ମୁଠା ଟଙ୍କା ଖର୍ଚ୍ଚ କରି ଧାନ ଚାଷ କରୁଥିବା ବେଳେ ଚାଷ ପାଇଁ ଆବଶ୍ୟକ ସାର ଲ୍ୟାମ୍ପ ପକ୍ଷରୁ ଯୋଗାଇ ଦିଆଯାଉ ନାହିଁ। ବର୍ତ୍ତମାନ ଧାନ ଚାଷ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଥିବା ବେଳେ ଚାଷୀ ଲ୍ୟାମ୍ପକୁ ଦୌଡି ଦୌଡି ହୀନସ୍ତା ହେଉଛନ୍ତି ଚାଷୀ। ଚଳିତବର୍ଷ ଚମ୍ପୁଆ ଲ୍ୟାମ୍ପ ପକ୍ଷରୁ ୨ ହଜାର କୁଇଣ୍ଟାଲ ୟୁରିଆ ସାର ଚମ୍ପୁଆ ପାଇଁ ମଗାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୨୩୭ କୁଇଣ୍ଟାଲ ୟୁରିଆ ସାର ଲ୍ୟାମ୍ପକୁ ମିଳିଛି। ପର୍ଯ୍ୟାପ୍ତ ଭାବେ ୟୁରିଆ ସାର ଆସୁ




ନଥିବା ଲ୍ୟାମ୍ପ ଏମଡି ରଜତ କୁମାର ଗିରି ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ରିମୁଳି, ଜାମୁଦଳକ, କଦଗାଡିଆ ଓ ଚମ୍ପୁଆର ଚାଷୀମାନେ ସାର ପାଇଁ ଲ୍ୟାମ୍ପ ଆସି ଫେରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଲ୍ୟାମ୍ପ ଅଧୀନରେ ୫୬୩୧ ପଞ୍ଜିକୃତ ଚାଷୀ ରହିଥିଲା ବେଳେ ଆବଶ୍ୟକ ପରିମାଣରେ ସାର ପାଇବାରୁ ବଞ୍ଚିତ ଚାଷୀକୁ ନିଜ ଫସଲ ଅମଳର ଚିନ୍ତା ଘାରିଲାଣି। ଆଗାମୀ ୨-୩ ଦିନ ମଧ୍ୟରେ ୟୁରିଆ ସାର ନ ମିଳିଲେ ଚାଷୀ ନିଶ୍ଚିତ ଭାବରେ କ୍ଷତିରେ ପଡିବେ ବୋଲି ଚାଷୀମାନେ ମତ ଦେଇଥିବା ବେଳେ ଖୁବଶୀଘ୍ର ୟୁରିଆ ସାର ପାଇଁ ଚେଷ୍ଟା ଚାଲିଛି ବୋଲି ଲ୍ୟାମ୍ପ ଏମ୍.ଡି ଶ୍ରୀ ଗିରି ସୂଚନା ଦେଇଛନ୍ତି।

# ରାଜ୍ୟ ପୁଲିସ ହ୍ୟାଣ୍ଡବଲ୍ ଓ କବାଡ଼ି ପ୍ରତିଯୋଗିତା

କେନ୍ଦୁଝର, ୯।୯ (ସମିସ): କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ଫ୍ଲଡଲାଇଟ ଏବଂ ସିନ୍‌ଥେଟିକ ଗ୍ରାଉଣ୍ଡରେ କେନ୍ଦୁଝର ପୁଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୬୮ତମ ରାଜ୍ୟ ପୁଲିସ କବାଡ଼ି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସର



ଖେଳ ଅନୁଷ୍ଠିତ ହୋଇଥିଲା। କବାଡି ଗ୍ରୁପ ଏରେ ଓଏସଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ ୧ ପଏଣ୍ଟରେ ପଞ୍ଚମ ଆଇଆର ବାଟାଲିୟନ ବୌଦ୍ଧକୁ ହରାଇ ପୁରା ପଏଣ୍ଟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗ୍ରୁପ ବିରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ାକୁ ଗଜପତି ୯ ପଏଣ୍ଟରେ ହରାଇ ପୁରା ପଏଣ୍ଟ ହାସଲ କରିଥିଲା। ଗ୍ରୁପସିରେ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ୫ ପଏଣ୍ଟରେ ପୁରୀକୁ ଏବଂ ଗ୍ରୁପ ଡିରେ ରାଉରକେଲା ଢେଙ୍କାନାଳକୁ ୪ପଏଣ୍ଟରେ ହରାଇଥିଲା।
ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହ୍ୟାଣ୍ଡବଲ ଖେଳର ଗ୍ରୁପ ବି ମ୍ୟାଚରେ ଷଷ୍ଠ ବାଟାଲିୟନ କଟକ ପଞ୍ଚମ ବାଟାଲିୟନ ବାରିପଦା ବିପକ୍ଷରେ ୨୧-୯ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଗ୍ରୁପ ଏରେ ପ୍ରଥମ ବାଟାଲିୟନ ଢେଙ୍କାନାଳ ଭଦ୍ରକ ବିପକ୍ଷରେ ୨୨-୧୦ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ଆକର୍ଷଣ ଅନ୍ତର୍ଜାତୀୟ କବାଡି ଖେଳାଳି ସମ୍ବଲପୁର ଭୀମ ବରଦା ଯିଏକି ୨୦୦୪ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ତାଙ୍କ ସହ କବାଡି ଖେଳାଳିଙ୍କ ପରିଚିତ କରାଇ ଦିଆଯାଇଥିଲା। କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଥିଲେ।

# ମୌଳିକ ସୁବିଧା ଦାବିରେ କେ. ବାଲିପାଳ ପଞ୍ଚାୟତବାସୀଙ୍କ ବିକ୍ଷୋଭ

କେନ୍ଦୁଝର/ହାଟଡିହୀ, ୯।୯(ସମିସ):



କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ କେ. ବାଲିପାଳ ଗ୍ରାମ ପଞ୍ଚାୟତର ଆଦିମ ଅଧିବାସୀ ତଥା ଜନଜାତି ମୌଳିକ ସୁବିଧା ଦାବିରେ ମଙ୍ଗଳବାର ଓଡିଶା ବିଧାନସଭା ଘେରଉ କରିବା ସହିତ ଗଣଧାରଣା ଦେଇଛନ୍ତି। ପରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ.ଏନ ଗିରୀଶଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଆସନ୍ତା ୧୦ ଦିନ ଭିତରେ ସମସ୍ତ ବିସ୍ଥାପିତଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବା ନିମନ୍ତେ ଆନ୍ଦୋଳନକାରୀଙ୍କୁ ଆଶ୍ୱସନା ମିଳିଥିବା ମଞ୍ଚ ପକ୍ଷରୁ ପ୍ରକାଶ। ଦାବି ମଧ୍ୟରେ ଉକ୍ତ ପଞ୍ଚାୟତବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଜମି ପଟ୍ଟା ପ୍ରଦାନ କରାଯିବା ସହିତ ସମସ୍ତ ବିସ୍ଥାପିତଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ, ବିଦ୍ୟୁତ ସଂଯୋଗ କରାଯାଇ ନ ଥିବା ଗ୍ରାମକୁ ତୁରନ୍ତ ସଂଯୋଗ, ପାଲବଣି ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା, ବିଦ୍ୟୁତ ସେବା ଏବଂ ମୋବାଇଲ ନେଟୱର୍କ ଭଳି ଗୁରୁତ୍ୱପୂର୍ଣ୍ଣ ସେବାରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ଏକ ମୋବାଇଲ ନେଟୱର୍କ ମଧ୍ୟ ସ୍ଥାପନ କରିବା ନିମନ୍ତେ ଦାବିପତ୍ରରେ ଦର୍ଶାଯାଇଛି। ସେହିପରି ହାଟଡିହିକୁ ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ, କେନ୍ଦୁଝର ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ମାନ୍ୟତା, ଛତ୍ରାଘାଟିଠାରୁ କେ. ବାଲିପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ମଧ୍ୟ ଦାବି ରହିଛି। ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଶରତ ବିକାଶ ମଞ୍ଚ ଏବଂ କେ. ବାଲିପାଳ ଗ୍ରାମ ପଞ୍ଚାୟତବାସୀଙ୍କ ସହଯୋଗରେ ଅନୁଷ୍ଠିତ ଗଣଧାରଣାରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ବୁଦ୍ଧିରାମ ପୂର୍ତ୍ତି, ଜିରୁଙ୍ଗ ବଦରା, ଜୁରେ ପୂର୍ତ୍ତି, ସୁନାରାମ ପୂର୍ତ୍ତି , ରାମଚନ୍ଦ୍ର ଟୁଡୁ, ପାର୍ବତୀ ସାମାଡ, ଲକ୍ଷ୍ମୀ ମାଝୀ , ରାଜ ପୂର୍ତ୍ତି, ଲମ୍ବୋଦର ଗୋଇପାଇ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆସନ୍ତା ୨ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ନୂଆଦିଲ୍ଲୀସ୍ଥିତ ସାଂସଦ ଭବନ ଘେରଉ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ଶ୍ରୀ ଗୋଇପାଇ ସୂଚନା ଦେଇଛନ୍ତି।

# ସମସ୍ୟା ସମାଧାନ ହେଲାନି; ସ୍କୁଲକୁ ପିଲାଙ୍କୁ ପଠାଇଲେନି ଅଭିଭାବକ



ରାଇରଙ୍ଗପୁର, ୯।୯(ସମିସ): ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକ ସୋମବାର ସ୍କୁଲ ଫାଟକରେ ତାଲା ପକାଇଦେଇଥିଲେ। ହେଲେ ପ୍ରଶାସନ ଗ୍ରାମବାସୀଙ୍କ ଦାବି ନ ଶୁଣିବାରୁ ମଙ୍ଗଳବାର ବି ବିଦ୍ୟାଳୟ ଫାଟକରେ ତାଲା ପଡିବା ସହିତ ଛାତ୍ରଛାତ୍ରୀ ଗାଁଦାଣ୍ଡରେ ଖେଳୁଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି କୁସୁମୀ ଗୋଷ୍ଠୀଶିକ୍ଷା ବିଭାଗ ଅଧୀନରେ ଥିବା ପଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ପିଙ୍ଗୁଆଙ୍କୁ ଏଠାରୁ ବଦଳି କରାଯାଇଛି। ଫଳରେ ତାଙ୍କ ବଦଳିକୁ ବିରୋଧ କରି ଗତକାଲି ବିଦ୍ୟାଳୟ ଫାଟକରେ ତାଲା ପକାଇଦେଇଥିଲେ ଅଭିଭାବକ। ପୁଲିସ ବୁଝାସୁଝା କରିବା ସହିତ ସମସ୍ୟାର ସମାଧାନ କରାଯିବ ବୋଲି କୁସୁମୀ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିବା ପରେ ବିଦ୍ୟାଳୟ ଖୋଲିଥିଲେ; କିନ୍ତୁ ମଙ୍ଗଳବାର କୌଣସି ସମାଧାନ ହୋଇନଥିବାରୁ ସମସ୍ତ ଅଭିଭାବକ ନିଜ ପିଲାଙ୍କୁ ବିଦ୍ୟାଳୟ ପଠାଇ ନାହାଁନ୍ତି। ଫଳରେ ବିଦ୍ୟାଳୟ ପରିସର ସମ୍ପୂର୍ଣ୍ଣ ଫାଙ୍କା ପଡିଥିବା ଅଭିଭାବକ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି। ଯେ ପର୍ଯ୍ୟନ୍ତ ସମସ୍ୟା ସମାଧାନ ହୋଇନି ସେ ଯାଏ ପିଲାଙ୍କୁ ବିଦ୍ୟାଳୟ ପଠାଇବେ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି।

# ଧକୋଠା ଅଞ୍ଚଳରେ ହାତୀ ଆତଙ୍କ

ଆନନ୍ଦପୁର, ୯।୯ (ସମିସ): ଟମକା ଜଙ୍ଗଲରୁ ଖସିଆସିଥିବା ଦୁଇଟି ହାତୀ ଦେଓଗାଁ ଅଞ୍ଚଳରୁ ଅତିକ୍ରମ କରି ଅପରାହ୍ନରେ ବୈତରଣୀ ନଦୀକୂଳରେ



ରହିଥିବାରୁ ଧକୋଠା ଓ ଏହାର ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସ୍ଥାନୀୟ ବାସିନ୍ଦା ଧନଜୀବନ ହାନି ନେଇ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। କୁସେଇ ନଦୀକୂଳେ କୂଳେ ବୁଲୁଥିବା ଏହି ଦୁଇ ଦନ୍ତା ହାତୀ ଫସଲ ଅନ୍ୱେଷଣରେ ବୁଲୁଥିବା ବେଳେ ଜଙ୍ଗଇବିଭାଗର ଉଦ୍ୟମରେ ଏବେ ହାତୀ ନଙ୍ଗର ଆଡକୁ ମୁହାଁଇଛି। ଆନନ୍ଦପୁର, ଦେଓଗାଁ ଓ ବ୍ରାହ୍ମଣିପାଳ ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ ପଣ୍ଡା ଘଟଣାସ୍ଥଳରେ ପରିସ୍ଥିତି ଅନୁଧ୍ୟାନ କରିବା ପରେ ହାତୀକୁ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡ଼ିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଚକ୍ଷୁ ଶିବିର




କେନ୍ଦୁଝର, ୯।୯(ସମିସ): କେନ୍ଦୁଝର ସଦର ବ୍ଲକ ମଇଦାନକେଲ ପଞ୍ଚାୟତ ପ୍ରଗତି ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କେନ୍ଦୁଝର ଡେଭଲଫେଟ ଟ୍ରଷ୍ଟ ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ଭୂମିକା ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ଚକ୍ଷୁ ପରୀକ୍ଷା ଓ ଚଷମା ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ନନ୍ଦିନୀ ନାଏକ ଏହାକୁ ଉଦଘାଟନ କରିଥିଲେ। ମୋଟ ୭୨ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି। ଟ୍ରଷ୍ଟ ସମ୍ପାଦକ ତଥା କେନ୍ଦୁଝର ନାଗରିକ ମଞ୍ଚର ସଦସ୍ୟ ଭକ୍ତବତ୍ସଳ ମହାନ୍ତି ପରିଚାଳନା କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟ ପ୍ରବନ୍ଧକ ରଞ୍ଜିତ ପଣ୍ଡା, ଭିଜନଟେକନିସିଆନ ନୀଲିମା ଜେନା, ସୁଶ୍ରୀ ଲକ୍ଷ୍ମୀପ୍ରିୟା ବେହେରା ସହଯୋଗ କରିଥିଲେ। ଟ୍ରଷ୍ଟ ସଭାପତି ମନୋଜ ମହାନ୍ତ କେନ୍ଦୁଝର ଜିଲ୍ଲାରେ ଚାଲିଥିବା ଅନ୍ଧତ୍ୱ ମୁକ୍ତ ଅଭିଯାନରେ ସର୍ବସାଧାରଣ ସହଯୋଗ କରିବାକୁ ନିବେଦନ କରିଛନ୍ତି। ଟ୍ରଷ୍ଟର ଯୁବ ସ୍ୱେଚ୍ଛାସେବୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଭ୍ରାମ୍ୟମାଣା ସେବା ଜାରି ରହିବ ବୋଲି ଟ୍ରଷ୍ଟର ଅଧକ୍ଷା ଅଧିବକ୍ତା ଜଗଜିତା ଦାସ ଜଣାଇଛନ୍ତି।

# ବ୍ଲକ୍ ଉପାଧ୍ୟକ୍ଷଙ୍କ ମାତୃ ବିୟୋଗ



ବଡସାହି, ୯।୯(ସମିସ): ବଡସାହି ବ୍ଲକ୍ ସୁହାଗପୁର ପଞ୍ଚାୟତ କଡଡିଖଣୀ ଗ୍ରାମନିବାସୀ ସାମ୍ବାଦିକ ତଥା ବଡସାହି ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନଙ୍କ ମାଆ ଶଙ୍କରୀମଣି ରାଉତ (୮୩)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ କିଡନୀଜନିତ ରୋଗରେ ପୀଡିତ ଚିକିତ୍ସାଧୀନ ଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ବୟସାଧିକ କାରଣରୁ ସେ ଗତ କିଛି ଦିନ ଧରି ଘରେ ରହି ଚିକିତ୍ସାଧୀ ଥିଲେ। ସେ ଜଣେ ମେଳାପି, ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଏସଡିସିର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ୍ ଅଧ୍ୟକ୍ଷା ମିନତୀ ସିଂ, ବିଜେଡି ସଭାପତି ତପନ କୁମାର ପତି, ଯୁବ ସଭାପତି ନିହାର ରଂଜନ ମହାପାତ୍ର, ଅନନ୍ତ ପଶା, ପ୍ରକାଶ ବେହେରା, ଲଲାଟେନ୍ଦୁ ବେହେରା, ସୁରଥ ଦାସ, ଅଜିତ ସେନାପତି ଓ ପ୍ରଶାନ୍ତ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ରାଜସ୍ଥାନୀ ଦେଶୀ ମଦ ବେପାରୀ ଗିରଫ

ମହୁଲଡିହା, ୯।୯(ସମିସ): ଠାକୁରମୁଣ୍ଡା ଅବକାରୀ ବିଭାଗ ଦେଶୀ ମହୁଲି ମଦ ବ୍ୟବସାୟ କରିଥିବା ଜଣେ ରାଜସ୍ଥାନୀ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ଜଣକ ରାଜସ୍ଥାନ ଭରତପୁର ଜିଲ୍ଲା ଦିଘ ଥାନା ସ୍ୱରୋୱାଲୀ ଗ୍ରାମର ଯୁବକ ନିହାଲ ସିଂ ବୋଲି ଜଣାପଡିଛି। ସେ ୪ ବର୍ଷ ହେଲା ଠାକୁରମୁଣ୍ଡା ଥାନା ସିମଡିହା ଗ୍ରାମରେ ରହି ଆସୁଛନ୍ତି। ସେ ଏଠାରେ ପ୍ରେମ ବିବାହ କରି ରହିବା ସହିତ ମଦ ବ୍ୟବସାୟ କରି ଆସୁଥିଲେ। ଅଭିଯୋଗ ପାଇ ଅବକାରୀ ବିଭାଗ ଚଢ଼ଉ କରି ୯ ତାରିଖରେ ତା ଘରୁ ୧୯ ଲିଟର ମହୁଲି ମଦ ଜବତ କରିଥିଲା। ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉଦଯାପିତ

# ଫୁଟବଲରେ ବାରିପଦା, ଖୋ-ଖୋରେ ବଡ଼ସାହି ଓ କବାଡ଼ିରେ ମୋରଡ଼ା ଚାମ୍ପିଅନ




ବିଶୋଇ, ୯।୯(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ସରକାରୀ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୪ଦିନ ଧରି ଚାଲିଥିବା ବିଦ୍ୟାଳୟ ସମୂହ ଫୁଟବଲ, ଖୋ-ଖୋ ଏବଂ କବାଡି ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ କ୍ରୀଡା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୂଚାରୁ ବଳ ମୁଖ୍ୟଅତିଥି ଏବଂ ମୁଖ୍ୟବ୍ୟକ୍ତା ଭାବରେ ବିଶୋଇ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ଯୋଗଦେଇ କ୍ରୀଡ଼ାବିତଙ୍କୁ କ୍ରୀଡା କ୍ଷେତ୍ରରେ ପାରଙ୍ଗମ ହୋଇ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବରେ ତହସିଲଦାର ସତ୍ୟବାନ ନାୟକ, ବିଶୋଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ୨୬ ଗୋଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୭ଶହ ୬୮ ଜଣ କ୍ରୀଡ଼ାବିତ ଜୋନ ସ୍ତରରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫୁଟବଲ ପ୍ରତିଯୋଗିତାରେ ବାରିପଦା ବ୍ଲକ ଚାମ୍ପିଅନ ଏବଂ କୁସୁମୀ ବ୍ଲକ ରନର୍ସଅପ୍ ହୋଇଛି। ସେହିପରି ଖୋ-ଖୋ ପ୍ରତିଯୋଗିତାରେ ବଡ଼ସାହି ବ୍ଲକ ଚାମ୍ପିୟନ ଏବଂ ବହଳଦା ବ୍ଲକ ରନର୍ସଅପ ହୋଇଥିବାବେଳେ କବାଡ଼ିରେ ମୋରଡ଼ା ବ୍ଲକ ଚମ୍ପିୟାନ ହୋଇଛି। ସମସ୍ତ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ପିଇଟି ରାହୁଲ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ତେଲକୋଇ, ୯।୯(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ ଶୁଭାରମ୍ଭ କରିଛନ୍ତି। ଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସାଂସଦଙ୍କ ପ୍ରତିନିଧି ହରିହର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ଛେଳିବାଲା ନାୟକ, ପ୍ରୋବେସନ ଆଇପିଏସ ପ୍ରତୀକ ଇନ୍ଦ୍ର କର, ବିଡିଓ ପୂର୍ଣ୍ଣଚନ୍ଦ୍ର ନାୟକ, ଥାନାଧିକାରୀ ଅଞ୍ଜନ ପାତ୍ର, ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକ, ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ ପ୍ରମୁଖ ଏକ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ବ୍ଲକର ୨୨ଟି ଯାକ ପଞ୍ଚାୟତରେ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ମଙ୍ଗଳବାର ଛାମୁଣ୍ଡା, ବିଞ୍ଚିବାହାଳ, ଜଗମୋହନପୁର, ବିମଳା, ବଳଭଦ୍ରପୁର ଓ କରମଙ୍ଗୀ ପଞ୍ଚାୟତକୁ ୫୫୦ ଲେଖାଏଁ ଚାରା ପ୍ରଦାନ କରାଯାଇଛି।

# କଂଗ୍ରେସର ଜିଲ୍ଲା (ପଶ୍ଚିମାଞ୍ଚଳ)ର ନିର୍ବାଚନ ପ୍ରକ୍ରିୟା ଶେଷ

କରଞ୍ଜିଆ, ୯।୯(ସମିସ): କଂଗ୍ରେସର ମୟୂରଭଞ୍ଜ ଜିଲ୍ଲା ପଶ୍ଚିମାଞ୍ଚଳର ୪ଟି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପକ୍ରିୟା ମଙ୍ଗଳବାର ଶେଷ ହୋଇଛି। କମିଟିର ଜଏଣ୍ଟ ସେକ୍ରେଟାରୀ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ନିତିନ କୁମ୍ଭଲକର କରଞ୍ଜିଆ ସମେତ ବିଭିନ୍ନ ବ୍ଲକ ଗସ୍ତ କରି ଲୋକଙ୍କ ମତାମତ ସଂଗ୍ରହ କରିଛନ୍ତି। ତୃଣମୂଳ ସ୍ତରରୁ କଂଗ୍ରେସକୁ ମଜଭୁତ, ଦକ୍ଷ ଅଭିଜ୍ଞ ନେତା ଚୟନ କରିବା ଲକ୍ଷ୍ୟରେ ଶ୍ରୀ କୁମ୍ଭଲକର ଦଳୀୟ କର୍ମୀ, ନେତା, ତଥା ବିଭିନ୍ନ ବର୍ଗର ଲୋକଙ୍କ ସହିତ ଆଲୋଚନା କରି ଯୋଗ୍ୟ ବ୍ୟକ୍ତଙ୍କୁ ଚୟନ କରିବାପାଇଁ ଉଦ୍ୟମ କରିଛନ୍ତି। କରଞ୍ଜିଆରେ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ଉଦ୍ୟମରେ କରଞ୍ଜିଆ, ଯଶିପୁର, ରାଇରଙ୍ଗପୁର ଓ ସାରସକଣା ନିର୍ବାଚନ ମଣ୍ଡଳୀର କର୍ମୀ ଓ ପଦାଧିକାରୀ ଶ୍ରୀ କୁମ୍ଭଲକରଙ୍କୁ ସାକ୍ଷାତ କରିଛନ୍ତି। କୁମ୍ଭଲକରଙ୍କ ସହିତ ପିସିସି ପର୍ଯ୍ୟବେକ୍ଷକ ବନମାଳୀ ଦାସ, ଅମିତ କୁମାର, ଓଡିଶା ପ୍ରଭାରୀ ଅଜୟ ଲୁଲ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ଦକ୍ଷତା ବୃଦ୍ଧି ସହିତ ଲୋକଙ୍କ ଭିତରେ କଂଗ୍ରେସ ପ୍ରତି ଜାଗୃତି ମନୋଭାବ ବୃଦ୍ଧିକରିବା ଓ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନକୁ ଶ୍ରୀ କୁମ୍ଭଲକର ଗୁରୁତ୍ୱ ଦେଇଛନ୍ତି। ଏହି ସଂଗଠନ ଶ୍ରୀଜନ ଅଭିଯାନରେ ସ୍ଥାନୀୟ କର୍ମୀ ମଧ୍ୟରେ ସମ୍ପାଦକ ଲକ୍ଷ୍ମୀଧର ସିଂ, ଜବାମନି ଟୁଡୁ, ସେକ ଜାକିର ହୁସେନ, ଧରଣୀ ମହାନ୍ତ, ରବୀନ୍ଦ୍ର ତ୍ରିପାଠୀ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଲେଖକ ସମବାୟ ସମିତିର ସ୍ୱନକ୍ଷତ୍ର ଦିବସ




ଆନନ୍ଦପୁର, ୯।୯ (ସମିସ): ଆନନ୍ଦପୁର ଉପଜିଲ୍ଲାପାଳ ତଥା ଲେଖକ ସମବାୟ ସମିତିର ସଭାପତି ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ସମିତିର ତ୍ରୟୋଦଶତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଆନନ୍ଦପୁର ଆନନ୍ଦଭବନଠାରେ ଅନୁଷ୍ଠିତ ଏ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ପ୍ରାବନ୍ଧିକ ରମାକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଅନୁଷ୍ଠାନର ଦୀର୍ଘ ୧୪ ବର୍ଷର ସଫଳତା ବଖାଣିଥିଲେ। ସମିତିର ସଂପାଦକ ରତ୍ନାକର ଦାସ ଅନୁଷ୍ଠାନର ଆବଶ୍ୟକତାକୁ ଉପସ୍ଥିତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମିତିର କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ପ୍ରଦୀପ ମହାନ୍ତି, ଡ. ଅଶୋକ ପୁହାଣ, ବୈଲୋଚନ ସାହୁ, ଚତୁର୍ଭୁଜ ଜେନା, ସରୋଜ ସାହୁ, ନୀଳମଣି ବାରିକ, ନିତ୍ୟାନନ୍ଦ ବେହେରା ନିଜ ନିଜର ଅନୁଭବକୁ ବାଣ୍ଟିଥିଲେ। କବି କୀର୍ତ୍ତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ: ଦୁଇ ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା, ୯।୯(ସମିସ):

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ଦୁଇ ଶ୍ରମିକ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଦଲାଲ ହେଲେ ସଦର ଥାନା ହର୍ଷପୁର ଗ୍ରାମର ଜ୍ୟୋତିରଞ୍ଜନ ସାହୁ (୨୬)ଏବଂ ଯୋଗୀମଠ ଗ୍ରାମର ଦୁଲାରାଣୀ ସାଣ୍ଡିଲ (୩୬)। ଅଭିଯୋଗ ଅନୁସାରେ ଉଭୟ ବୁଢୀକାପୁଡି ପଞ୍ଚାୟତ ଲକ୍ଷ୍ମୀପଶି ଗ୍ରାମର ରତ୍ନାକର ମହାନ୍ତ, କଳାକାର ମହାନ୍ତ ଏବଂ ବିଦେଶୀ ମହାନ୍ତଙ୍କୁ କେନ୍ଦୁଝରରେ ଅଧିକ ଟଙ୍କା ମଜୁରୀରେ ରାଜମିସ୍ତ୍ରି କାମ କରିବାକୁ କହି ଗତ ଅଗଷ୍ଟ ୨୦ ତାରିଖରେ ନେବା ପରେ ସେଠାରୁ ଭୁବନେଶ୍ୱରକୁ ନେଇ ଏକ ଦଲାଲ ନିକଟରେ ପହଞ୍ଚାଇବା ସହ ବିଶାଖାପାଟଣାକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ କାମରେ ଲଗାଇଥିଲା। ଯେପରି କେହି କାହା ସହ ଯୋଗାଯୋଗ ରେ ରହି ପାରିବେନି ସେଭଳି ସ୍ଥାନରେ କାମରେ ଲଗାଇ ୩ ଜଣଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ଖାଇବାକୁ ନଦେଇ ଦୈନିକ ୧୨ ଘଣ୍ଟାରୁ ଅଧିକ କାମ କରାଇବା ଅଭିଯୋଗ ହୋଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣ କୌଶଳକ୍ରମେ ଖସି ଆସିଥିଲା ବେଳେ ରତ୍ନାକର ମହାନ୍ତ ଏବେ ସୁଦ୍ଧା ନିଖୋଜ ଅଛନ୍ତି। ପରେ ୩ ଜଣଙ୍କ ପରିବାର ଲୋକେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଭାରପ୍ରାପ୍ତ ଥାନାଧିକାରୀ ସୁରେଶ ସାହୁ ସୋମବାର ରାତିରେ ରାଇସୁଆଁ ଥାନା ହର୍ଷପୁର ଗ୍ରାମରେ ଚଢ଼ଉ କରି ଅଭିଯୁକ୍ତ ଜ୍ୟୋତିରଞ୍ଜନ ସାହୁଙ୍କୁ ଉଠାଇଥିବା ବେଳେ ମଙ୍ଗଳବାର ସକାଳୁ ଯୋଗୀମଠ ଗ୍ରାମର ମହିଳା ଦୁଲାରାଣୀ ସାଣ୍ଡିଲକୁ ଉଠାଇ ଆଣି ତଦନ୍ତ କରିବା ପରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଦୁଲାରାଣୀ ସାଣ୍ଡିଲଙ୍କ ନାମରେ ସଦର ଥାନାରେ ସମାନ ମାମଲା ଥିବା ବେଳେ ଶ୍ରମ ବିଭାଗ ପାଖରେ ମଧ୍ୟ ଚୁକ୍ତିନାମା ଲେଖିଥିଲେ। ଜ୍ୟୋତିରଞ୍ଜନ ଦୁଲାରାଣୀଙ୍କ ଗାଡି ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ଚୋରି ପରେ ମଦ ଦୋକାନ ଜାଳିଦେଲେ ଦୁର୍ବୃତ୍ତ



ଯୋଡ଼ା, ୯।୯(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରର ମୁଖ୍ୟ ବଜାର ସିନେମା ହଲ ନିକଟରେ ଥିବା ଏକ ମଦ ଦୋକାନରେ କେହି ଦୁର୍ବୃତ୍ତ ଚୋରି କରି ଦୋକାନରେ ନିଆଁ ଲଗାଇଥିବା ଜଣାପଡିଛି। ଦୋକାନର ଗୋଦାମ ଘରେ ଥିବା ମଦ ପେଟିଗୁଡିକ ପ୍ରାୟ ୮୦ ଭାଗ ଜଳିଯାଇଛି। ଗତ ସୋମବାର ରାତିରେ ଏହି ଘଟଣାରେ ଦମକଳ ବିଭାଗ ନିଆଁକୁ ଆୟତ୍ତ କରିଥିଲା। ଦୋକାନ ସଂଲଗ୍ନ ଗୋଦାମ ଘର ପଛ ପଟ ଝରକା ଗ୍ରିଲ କାଟି କେହି ମଦ ବୋତଲ ଚୋରି କରିବା ପରେ ଜମା ହୋଇଥିବା ଖାଲି ପେଟିଗୁଡିକରେ ନିଆଁ ଲଗାଇ ଦୁର୍ବୃତ୍ତ ଚାଲି ଯାଇଥିଲେ। ଦୋକାନ କର୍ମଚାରୀ ଜାଣି ନପାରି ସମସ୍ତ ସାମଗ୍ରୀ ଦୋକାନ ବାହାରକୁ ଆଣିବା ସହ ସ୍ଥାନୀୟ ଲୋକ ଆସି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା ଚଳାଇଥିଲେ। ଦୋକାନରେ ଲାଗିଥିବା ହାର୍ଡଡିସ୍କ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। କିଛି ମଦ ପେଟିରେ ନିଆଁ ଲାଗି ମଦ ପେଟିଗୁଡିକ ପୋଡି ଯାଇ ନଷ୍ଟ ହୋଇଥିବା ବେଳେ ମଦ ଭର୍ତ୍ତି ଖାଲି ବୋତଲଗୁଡିକ କେବଳ ଘଟଣାସ୍ଥଳରେ ଦେଖାଯାଇଛି। ଏନେଇ ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ମ୍ୟାନେଜରଙ୍କୁ ପଚାରିବାରୁ ସେ କେତେ କଣ ଚୋରି ହୋଇଛି କିମ୍ବା ପୋଡି ହୋଇଛି ଷ୍ଟକ ଚେକ କଲା ପରେ ଜଣାପଡିବ ବୋଲି କହିଛନ୍ତି। କିଛି ସ୍ଥାନୀୟ ଲୋକ ଦୋକାନରେ ପ୍ରବଳ ମାତ୍ରାରେ ନକଲି ମଦ ବିକ୍ରି ହେଉଥିବା ବେଳେ ସ୍ପିରିଟ ମାତ୍ରା ଅଧିକ ରହୁଥିବା ନେଇ ନିଆଁ ଶୀଘ୍ର ଧରିବାରେ ସହାୟକ ହୋଇଥିବ ବୋଲି ଆଲୋଚନା ହେଉଛି।

# ଦୁଇ କର୍ମଚାରୀଙ୍କ ବଦଳି ଦାବିରେ ଡାକ୍ତରଖାନାରେ ତାଲା

କୁଆମରା, ୯।୯(ସମିସ):



ଗୋପବନ୍ଧୁନଗର ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା କୁଶଳଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଦୁଇ କର୍ମଚାରୀଙ୍କୁ ବଦଳି ଦାବିକରି ଗ୍ରାମବାସୀ ମଙ୍ଗଳବାର ସକାଳେ ତାଲା ପକାଇ ଦେଇଛନ୍ତି। ଫଳରେ ଦିନତମାମ ରୋଗୀସେବା ବନ୍ଦ ରହିଥିଲା। ଅଭିଯୋଗ ମୁତାବକ ଡାକ୍ତରଖାନାରେ ଦୁଇ କର୍ମଚାରୀ ସିଏଚ୍ଓ ନିବେଦିତା ମିଶ୍ର ଓଏଲ୍‌ଟି ସାନଶିଷ ବେକମ ସ ରୋଗୀଙ୍କୁ ଦୁର୍ବ୍ୟବହାର, ଅଣଦେଖା, ରୋଗର ପରୀକ୍ଷା ନ କରି ବାରମ୍ବାର ହଇରାଣ ହରକତ କରିବା ଯୋଗୁ ଅସନ୍ତୋଷ ବୃଦ୍ଧି ପାଇଛି। ଦୀର୍ଘ ଦିନ ଧରି ଏହି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଆଜି ଅଞ୍ଚଳବାସୀ ତାତିଥିଲେ। ସକାଳେ ଗ୍ରାମବାସୀ ଏକାଠି ହୋଇ ଡାକ୍ତରଖାନାରେ ତାଲା ପକାଇ ଦେଇଥିଲେ। ତେବେ କର୍ମଚାରୀଙ୍କ ବ୍ୟବହାର ନେଇ ସଂପୃକ୍ତ ଡାକ୍ତରଖାନାର ଡାକ୍ତରଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ସେ ଶୁଣୁ ନ ଥିଲେ। ଡାକ୍ତରଙ୍କ କ୍ୱାର୍ଟର୍ସ ଥାଇ ମଧ୍ୟ ସେ ଏଠାରେ ନ ରହି ଯିବା ଆସିବା କରୁଛନ୍ତି। ଫଳରେ ଦୈନିକ ଠିକ୍ ସମୟରେ ନ ପହଞ୍ଚି ପାରିବା ଯୋଗୁଁ ଲୋକେ ସେବା ପାଉନାହାନ୍ତି। ଏହି ଡାକ୍ତରଖାନା ଉପରେ ପ୍ରାୟ ୧୫ ହଜାର ଲୋକ ନିର୍ଭରଶୀଳ। ଏଠାରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଷ୍ଟାଫ ନର୍ସ, ଏଲ୍‌ଟି, ଆୟୁଷ ଡାକ୍ତର, ସିଏଚଓ, ଚତୁର୍ଥ କର୍ମଚାରୀ ଥିଲେ ମଧ୍ୟ ଲୋକେ ସେବା ନ ପାଇ ଖୁଣ୍ଟା, କୁଆମରା, ବରଡିହି ଡାକ୍ତରଖାନାକୁ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ନିର୍ମଳ ଚନ୍ଦ୍ର ଦାସଙ୍କୁ ଯୋଗାଯୋଗ କରିବାରୁ ଦୁଇ କର୍ମଚାରୀଙ୍କ ବିରୋଧରେ ଆଜି ଯେଉଁ ଆନ୍ଦୋଳନ ହୋଇଛି ସେ ନେଇ ଖୁଣ୍ଟା ଇନଚାର୍ଜ ଡ଼ଃ ସାକିଲା ମୁର୍ମୁଙ୍କୁ ଜଣାଇଛନ୍ତି। ସପ୍ତାହ ମଧ୍ୟରେ ଉଭୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ସପ୍ତାହ ମଧ୍ୟରେ ଉଭୟଙ୍କୁ ଯଦି ବଦଳି କରା ନ ଯାଏ ତାହାହେଲେ ପୁଣି ଡାକ୍ତରଖାନାରେ ତାଲା ପଡିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# ଦୁଇ ପରିବାର ମଧ୍ୟରେ ସଂଘର୍ଷ; ୩ ଗୁରୁତର

ତୁରୁମୁଙ୍ଗା, ୯।୯(ସମିସ): କୋବି ବାଡ଼ିରେ ବିଷ ପକାଇବା ପରେ ବିଷ ଖାଇ କୁକୁଡ଼ା ମୃତ୍ୟୁ ପରେ ଦୁଇ ପରିବାର ମଧ୍ୟରେ ବଚସା ପରେ ଉଭୟ ପକ୍ଷରୁ ମାରଣାସ୍ତ୍ରରେ ଆକ୍ରମଣ ହୋଇ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ପାଟଣା ଥାନା ମଲ୍ଲିପୋଷି ଗ୍ରାମରେ ସୋମବାର ରାତିରେ ଏହି ଘଟଣା ଘଟିଛି। ଗ୍ରାମର ଅନାମ ମହାନ୍ତଙ୍କ ସ୍ତ୍ରୀ କେଶବତୀ ଏବଂ ଭଦ୍ରୁ ମହାନ୍ତ, ତାଙ୍କ ସ୍ତ୍ରୀ ତିଲୋତ୍ତମାଙ୍କ ମଧ୍ୟରେ ଏହି ମାର୍‌ପିଟ ହୋଇଛି। ଅନାମ ବାଡ଼ିରେ କୋବି ଚାରା ଗଛରେ ବିଷ ପକାଇଥିବାରୁ ବିଷ ଖାଇ ଭଦ୍ରୁଙ୍କ କୁକୁଡ଼ା ମରିଥିବା ସନ୍ଦେହ କରି ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ଭଦ୍ରୁ ଉତକ୍ଷିପ୍ତ ହୋଇ ଏକ ଠେଙ୍ଗା ଓ ଟାଙ୍ଗିଆରେ ଅନାମଙ୍କ ସ୍ତ୍ରୀ କେଶବତୀଙ୍କ ଉପରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଓ ବେକରେ କ୍ଷତ ହେବା ସହ ଅନାମଙ୍କ ଠେଙ୍ଗା ମାଡ଼ରେ ଭାଇ ଭଦ୍ରୁ ଓ ଭାଉଜ ତିଲୋତ୍ତମାଙ୍କ ମୁଣ୍ଡ ଫାଟିଛି। ପାଟଣା ପୁଲିସ ଘଟଣାର ତଦନ୍ତ କରୁଛି।



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଆଶା କରିଥିବା ଦିଗରୁ ଫଳ ମିଳିବ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାର ସହିତ ହସଖୁସିର ସମୟ ଅତିବାହିତ କରିବେ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଜମି କ୍ରୟ କରିପାରନ୍ତି।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେବ। ଭାଇ ଭାଇ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ


- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାର ଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୨୦୨୦- ଫ୍ରାନ୍ସ ଦ୍ୱାରା ନିର୍ମିତ ପାଞ୍ଚୋଟି ରାଫେଲ ଯୁଦ୍ଧ ବିମାନ ଭାରତୀୟ ବାୟୁସେନାରେ ସାମିଲ ହେଲା।

## କମଳା ରଙ୍ଗର ସାର୍କ



ସାମାଜିକ ଗଣମାଧ୍ୟମରେ ଏକ କମଳା ରଙ୍ଗ ସାର୍କର ଫଟୋ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହାର ରଙ୍ଗ କମଳା ହୋଇଥିବାରୁ ଏହାକୁ ଦୁର୍ଲଭ ସାର୍କ ବୋଲି କୁହାଯାଉଛି। ଏହାର ରଙ୍ଗକୁ ଦେଖି କେବଳ ସାଧାରଣ ଲୋକ ନୁହନ୍ତି, ବୈଜ୍ଞାନିକମାନେ ବି ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଏହାବାଦ୍ ଏହାର ଏଭଳି ରଙ୍ଗ ଯୋଗୁଁ ଲୋକେ ଏହାକୁ ଗୋଲଡେନ୍ ଫିସ୍ ସାର୍କ ବୋଲି କହୁଛନ୍ତି। ବିଜ୍ଞାନଭିତ୍ତିକ ପତ୍ରିକା 'ମରିନ୍ ବାୟୋଲୋଜି ଜର୍ଣ୍ଣାଲ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ସାର୍କଟିକୁ ୨୦୨୪ ଅଗଷ୍ଟରେ କୋଷ୍ଟାରିକାର ଟୋର୍ଟୁଗୁଏରୋ ଜାତୀୟ ଉଦ୍ୟାନରେ ଦେଖାଯାଇଥିଲା। ସେତେବେଳେ କିଛି ମତ୍ସ୍ୟଜୀବୀ ସମୁଦ୍ରର ୩୭ ମିଟର ଗଭୀରରେ ଏହି କମଳା ରଙ୍ଗର ସାର୍କଟିକୁ ଦେଖିଥିଲେ। ଏହାର ଆଖି ଧଳା ଏବଂ ଶରୀର କମଳା ରଙ୍ଗର ଥିଲା। ମତ୍ସ୍ୟଜୀବୀମାନେ ସାର୍କର ଫଟୋ ଉଠାଇ ଏହାକୁ ପୁଣି ପାଣିରେ ଛାଡ଼ିଦେଇଥିଲେ। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହି ସାର୍କର ବିଶେଷ ରଙ୍ଗ ଦୁଇଟି ଅତ୍ୟନ୍ତ ବିରଳ ଜେନେଟିକ୍ ସ୍ଥିତି ଯୋଗୁଁ ହୋଇଛି। ପ୍ରଥମଟି ହେଉଛି ଆଲବିନିଜମ୍, ଯେଉଁଥିରେ ପ୍ରାଣୀର ଚର୍ମ ଏବଂ ଆଖିର ରଙ୍ଗ ଫିକା ହୋଇଯାଏ। ଦ୍ୱିତୀୟଟି ହେଉଛି ଜାନ୍ଥିଜିମ୍, ଯାହା ଯୋଗୁଁ ପ୍ରାଣୀର ଚର୍ମ କିମ୍ବା ଆବରଣ ହଳଦିଆ-କମଳା ଦେଖାଯାଏ। ଗବେଷକଙ୍କ ଅନୁସାରେ, ଏହି ଦୁଇଟି ଜେନେଟିକ୍ ଅବସ୍ଥା ଯୋଗୁଁ ସାର୍କର ଶରୀର ଠିକ୍ ଭାବରେ ମେଲାନିନ୍ ଉତ୍ପାଦନ କରିପାରିନଥିଲା, ଯାହା ଫଳରେ ଏହାର ଶରୀରର ରଙ୍ଗ ମାଟିଆ କିମ୍ବା ନୀଳ ପରିବର୍ତ୍ତେ କମଳା ରଙ୍ଗର ହୋଇଗଲା। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହା ଏକ ସାଧାରଣ ନର୍ସ ସାର୍କ ଥିଲା, କେବଳ ଏହାର ରଙ୍ଗ ଭିନ୍ନ ଥିଲା। ଅବଶ୍ୟ ଏହି ରଙ୍ଗ ଏହା ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। କାରଣ ସମୁଦ୍ରର ଗଭୀର ଜଳରେ ସାର୍କର ଏହି ଉଜ୍ଜ୍ୱଳ ରଙ୍ଗ ଶିକାରୀଙ୍କୁ ସହଜରେ ଆକର୍ଷିତ କରିବ।

## ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ



କଥାରେ ଅଛି ଆତ୍ମହତ୍ୟା ମହାପାପ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ପ୍ରତି ସମଗ୍ର ବିଶ୍ୱରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଭାବରେ ପାଳନ କରାଯାଏ। ୨୦୦୩ ମସିହାରୁ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଦ ଇଣ୍ଟରନ୍ୟାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ୍' (ଆଇଏଏସ୍‌ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥା ଡବ୍ଲ୍ୟୁଏମ୍ଏଚ୍ ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ଆରମ୍ଭ କରାଯାଇଛି। ୨୦୧୧ ମସିହାରେ ବିଶ୍ୱର ୪୦ଟି ଦେଶ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆତ୍ମହତ୍ୟା ବର୍ତ୍ତମାନ ପୃଥିବୀପୃଷ୍ଠରେ ଅନ୍ୟତମ ବଡ଼ ସମସ୍ୟା। ପ୍ରତିଦିନ ଅନେକ ସଂଖ୍ୟକ ଲୋକ ଆତ୍ମହତ୍ୟା କରୁଛନ୍ତି। ଖବରକାଗଜ ଏବଂ ଟେଲିଭିଜନ ଖୋଲିବାମାତ୍ରେ ପ୍ରଥମେ ଆତ୍ମହତ୍ୟା ଖବର ନଜରକୁ ଆସୁଛି। ଗତ କିଛି ବର୍ଷଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉକି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ସେହିପରି ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନର ବାଟ ନୁହେଁ ବୋଲି ଏହି ଦିବସ ଅବସରରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ମାଧ୍ୟମରେ ସଚେତନ କରାଯାଏ।

## 'କିଙ୍ଗ୍' ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ଲିକ୍

'ପଠାନ୍' ଓ 'ଯବାନ୍'ର ସଫଳତା ପରେ ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍‌ଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଶାହାରୁଖ୍‌ଙ୍କ ପାଖରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟର ଅଫର୍ ଥିଲେ ବି ଏବେ ସେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଶାହାରୁଖ୍ ଏବେ ପୋଲାଣ୍ଡରେ 'କିଙ୍ଗ୍'ର ସୁଟିଂ କରୁଛନ୍ତି। ତେବେ ଭାଇରାଲ ହୋଇଥିବା ଫଟୋଗୁଡ଼ିକରୁ ଗୋଟିଏରେ ସେ ସିଲଭର୍ କଲର୍ ହେୟାର୍‌ରେ ଦେଖାଯାଇଛନ୍ତି। ସେହିପରି ଅନ୍ୟଟିରେ ସେ ଲମ୍ବା କେଶରେ ଦେଖାଯାଇଛନ୍ତି। ତେବେ ଶାହାରୁଖ୍‌ଙ୍କ ଏହି ଲୁକ୍ ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ 'ଯବାନ୍' ଓ 'ପଠାନ୍'ର ଲୁକ୍ ସହ ତୁଳନା କରୁଛନ୍ତି। ଶାହାରୁଖ୍‌ଙ୍କ ସହ ଏହି ଫିଲ୍ମରେ ଦୀପିକା ପାଦୁ୍ୟକୋନ୍, ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଜୟଦୀପ ଅହଲାୱତ୍, ଅନୀଲ କପୁର, ଅରଶଦ ୱର୍ସି, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ।



# ସମ୍ଭାବନା



## ଚାକିରି ଅନୁସାରେ ଏଆଇ କୋର୍ସ





ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏବେ ଏଆଇର ଉପଯୋଗ କରାଯାଉଛି। ଏଆଇ ଯୋଗୁଁ ଅନେକ ଚାକିରିକୁ ନେଇ ଅସୁରକ୍ଷିତ ଅନୁଭବ କରୁଥିବା ବେଳେ ଆଉ କିଏ ଏହାକୁ ଉପଯୋଗ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ କେଉଁ ଚାକିରି ପାଇଁ କେଉଁ ପ୍ରକାର ଏଆଇ କୋର୍ସ କରିବା ଉଚିତ, ସେ ସମ୍ପର୍କରେ ଜାଣିବା।

**ବ୍ୟାଙ୍କିଂ, ଫାଇନାନ୍ସ, ଆକାଉଣ୍ଟିଂ:** ବ୍ୟାଙ୍କିଂ, ଫାଇନାନ୍ସ ଏବଂ ଆକାଉଣ୍ଟ କ୍ଷେତ୍ରରେ କାମ କରୁଥିଲେ ଏଆଇ ଫର୍ ଫାଇନାନ୍ସ, ଡାଟା ଆନାଲିସିସ୍, ମେସିନ ଲର୍ଣ୍ଣିଂ ଫର୍ ଫାଇନାନ୍ସ ଭଳି କୋର୍ସ ବାଛିପାରିବେ।

**ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ:** ମିଡିଆ ତଥା ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ କ୍ଷେତ୍ର ପାଇଁ ଏଆଇ ଇନ ଜର୍ଣ୍ଣାଲିଜମ୍, ଜେନେରେଟିଭ ଏଆଇ ଫର୍ କଣ୍ଟେଣ୍ଟ କ୍ରିଏଟର, ଚାଟ୍‌ଜିପିଟି ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ କରିପାରିବେ।

**ହେଲଥ୍‌କେୟାର୍:** ଏହି ଫିଲ୍ଡର ହୋଇଥିଲେ ଏଆଇ ଇନ୍ ହେଲଥ୍ କେୟାର୍, ଡାଟା ସାଇନ୍ସ ଫର୍ ହେଲଥ୍ କେୟାର୍, ଡିପ୍ ଲର୍ଣ୍ଣିଂ ଫର୍ ଇମାଜିଂ ଭଳି କୋର୍ସ ବାଛିପାରିବେ।

**ଶିକ୍ଷକତା:** ଶିକ୍ଷକତା କ୍ଷେତ୍ର ଲାଗି ଏଆଇ ଇନ୍ ଏଜୁକେସନ, ଗୁଗଲ ଫର୍ ଏଜୁକେସନ, ଏଆଇ ଟୁଲ୍ କୋର୍ସ କରିବା ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

**ମାର୍କେଟିଂ, ସେଲ୍ସ ଏବଂ ବିଜନେସ:** ମାର୍କେଟିଂ, ସେଲ୍ସ ଏବଂ ବିଜନେସ କ୍ଷେତ୍ର ଲାଗି ଏଆଇ ଇନ୍ ଡିଜିଟାଲ ମାର୍କେଟିଂ, ଡାଟା ଡ୍ରାଇଭେନ୍ ମାର୍କେଟିଂ ୱିଥ୍ ଏଆଇ, ହବ୍‌ସ୍ପଟ୍ ଏଆଇ ମାର୍କେଟିଂ କୋର୍ସ କରିବା ସମ୍ଭବ।

**ମାନୁଫାକଚରିଂ ଏବଂ ସପ୍ଲାଏ ଚେନ୍:** ଏହି କ୍ଷେତ୍ର ଲାଗି ଏଆଇ ଫର୍ ସପ୍ଲାଏ ଚେନ୍, ଇଣ୍ଡଷ୍ଟ୍ରିଆଲ ଏଆଇ, ଏଆଇ ଇନ୍ ଅପରେସନ ଭଳି କୋର୍ସ କରିପାରିବେ।

**ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ:** ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ ସମ୍ବନ୍ଧିତ କୋର୍ସ କରିବାକୁ ଚାହୁଁଥିଲେ ମେସିନ ଲର୍ଣ୍ଣିଂ ସ୍ପେସାଲାଇଜେସନ, ଜେନେରେଟିଭ୍ ଏଆଇ ୱିଥ୍ ଏଲଏଲଏମଏସ୍ କୋର୍ସ କରନ୍ତୁ।

**ଡିଜାଇନର, ଆର୍ଟିଷ୍ଟ, ଭିଡିଓ ଏଡିଟର:** କ୍ରିଏଟିଭ୍ କ୍ଷେତ୍ର ଲାଗି ଏଆଇ ଫର୍ କ୍ରିଏଟିଭ୍ ପ୍ରଫେସନାଲ, କାନଭା ଏଆଇ ଟୁଲ, ରନୱେଏମ୍ଏଲ୍ ଏବଂ ମିଡ୍‌ଜର୍ଣ୍ଣି ମାଷ୍ଟରକ୍ଲାସ୍ କୋର୍ସ କରିବା ଭଲ।

## ଗୁଗଲ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍




ଗୁଗଲ ମଧ୍ୟ ଟ୍ରାନ୍ସଲେଟ୍ ଆପ୍‌ରେ ଏକ ନୂଆ ଫିଚର୍ ଯୋଡ଼ିବାକୁ ଯାଉଛି। ଏହାଦ୍ୱାରା ଘରେ ବସି ଏଆଇ ସାହାଯ୍ୟରେ ନୂଆ ଭାଷା ଶିଖି ହେବ। ଗୁଗଲ ଟ୍ରାନ୍ସଲେଟ୍‌ର ଏହି ଫିଚର୍ ପୂରା କୃତ୍ରିମବୁଦ୍ଧିମତା ଉପରେ ଆଧାରିତ। ଚାକିରି, ପଢ଼ା, ଟ୍ରାଭେଲ ପାଇଁ କେଉଁ ଭାଷା ଶିଖିବାକୁ ଚାହୁଁଛନ୍ତି, ଏହି ଆପ୍ ପ୍ରଥମେ ବ୍ୟବହାରକାରୀଙ୍କୁ ଏକଥା ପଚାରିବ। ଏହା ପରେ ଏଆଇ ସେହି ହିସାବରେ ପର୍ସନାଲ କୋର୍ସ ପ୍ରସ୍ତୁତ କରିବ। ଆପ୍‌ରେ ଅଭ୍ୟାସ ବଟମ ମିଳିବ। ଏହା ଦ୍ୱାରା ବ୍ୟବହାରକାରୀ ନିଜ ଦକ୍ଷତା ପରୀକ୍ଷା କରିପାରିବେ। ତେବେ ଗୁଗଲ ଏହି ଫିଚର ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କ ଲାଗି ଜାରି କରିବା ଆରମ୍ଭ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇଂରାଜି କହୁଥିବା ବ୍ୟବହାରକାରୀ ସ୍ପାନିଶ ଏବଂ ଫ୍ରେଞ୍ଚ ଭାଷା ଶିଖିପାରିବେ। ସେହିପରି ଫ୍ରେଞ୍ଚ, ପର୍ତ୍ତୁଗୀଜ, ସ୍ପାନିଶ କହୁଥିବା ବ୍ୟବହାରକାରୀ ଇଂରାଜି ଶିଖିପାରିବେ। ସେହିପରି ଏଥିରେ କେବଳ ନୂଆ ଲର୍ଣ୍ଣିଂ ଫିଚର ଆସୁ ନାହିଁ, ବରଂ ଲାଇଭ୍ ଟ୍ରାନସଲେସନ ମଧ୍ୟ ଯୋଡ଼ା ଯାଇଛି। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରୁଛି।

## ଜେନ୍ ଜେଡ୍‌ଙ୍କ 'ଟ୍ରିଟ୍ କଲ୍‌ଚର୍'

**ବର୍ତ୍ତମାନର ଜୀବନଶୈଳୀରେ 'ଟ୍ରିଟ୍ କଲ୍‌ଚର' ନାମକ ଟ୍ରେଣ୍ଡର ଚାହିଦା ବେଶି। ବିଶେଷକରି ଏହା ଜେନ୍ ଜେଡ୍ ଯୁବପିଢ଼ିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଦରମା ତଥା ପକେଟ୍ ମନିକୁ ସେମାନେ ଟ୍ରିଟ୍ କଲ୍‌ଚର୍‌ରେ ଖର୍ଚ୍ଚ କରୁଛନ୍ତି। ସାଙ୍ଗମାନଙ୍କୁ ପ୍ରତିଟି ଛୋଟ ବଡ଼ ଖୁସିରେ ଟ୍ରିଟ୍ ଦେବା, କଫି ଡେଟ୍ ପାର୍ଟି ତଥା ଆଉଟିଂରେ ଟଙ୍କା ଖର୍ଚ୍ଚ କରିବା ହେଉଛି ଏହି କଲ୍‌ଚର୍‌ର ଅଂଶ ବିଶେଷ। ହେଲେ ସେମାନଙ୍କର ଏହି ଅଭ୍ୟାସ ଜେନ୍ ଜେଡ୍‌ଙ୍କ ଆର୍ଥିକ ସ୍ଥିତିକୁ କ୍ଷତି ପହଞ୍ଚାଉଛି। ଏହି ଟ୍ରିଟ୍ କଲ୍‌ଚର କ'ଣ ଏବଂ ଏହା କିଭଳି ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଜାଣିବା।**

ଟ୍ରିଟ୍ କଲ୍‌ଚର୍‌ର ଅର୍ଥ ହେଉଛି କୌଣସି ଉତ୍ସବ ହେଉ ବା ନ ହେଉ ସାଙ୍ଗଙ୍କୁ ପାର୍ଟି ଦେବା କିମ୍ବା ସେମାନଙ୍କ ସହ ଲଗାତାର ଖାଇବା, ପିଇବା ଓ ମନୋରଞ୍ଜନରେ ଟଙ୍କା ଖର୍ଚ୍ଚ କରିବା। ତେଣିକି ତାହା ଅଫିସ୍‌ରେ ପଦୋନ୍ନତି ହେଉ, ପରୀକ୍ଷା ପାସ୍ କରିବା ହେଉ କିମ୍ବା ମୁଡ୍ ଫ୍ରେସ୍ କରିବା ପାଇଁ ହେଉ। ଏ ସବୁ ଉଦ୍ଦେଶ୍ୟରେ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରି ଟଙ୍କା ଖର୍ଚ୍ଚ କରିବାକୁ ସେମାନେ ପସନ୍ଦ କରୁଛନ୍ତି। ସେମାନଙ୍କର ଏବେ ଏହି ଅଭ୍ୟାସ ସାପ୍ତାହିକ ନଚେତ ନିତିଦିନ ଚଳଣିରେ ପରିଣତ ହେଲାଣି। ଦିନକୁ ଦିନ ରେଷ୍ଟୋରାଁ, କାଫେ ଏବଂ ସିନେମା ଦେଖିବା ଖର୍ଚ୍ଚ ବଢ଼ିବା ସେମାନଙ୍କ ବଜେଟ୍ ଉପରେ ପ୍ରଭାବ ପକାଉଛି। ସେହିପରି ବେଳେ ବେଳେ ସାଙ୍ଗ ତଥା ସୋସାଲ ଗ୍ରୁପ୍ ଚାପ ଯୋଗୁଁ ବି ଟ୍ରିଟ୍ ଦେବାକୁ ପଡ଼ିଥାଏ। ଜେନ୍ ଜି ଯୁବପିଢ଼ିମାନେ ଏଥିରେ ପଛରେ ରହିବାକୁ ଚାହାନ୍ତି ନାହିଁ, ତେଣୁ ଏହା ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଜେନ୍ ଜି ତୁରନ୍ତ ଖୁସି ଚାହୁଁଛନ୍ତି। ତେଣୁ 'ଏବର' ଖୁସି ସେମାନଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରୁଛି। ହେଲେ ଏହି ଅଭ୍ୟାସ ସଞ୍ଚୟ ଉପରେ କ୍ଷତି ପହଞ୍ଚାଉଛି। ଅନ୍ୟପଟେ କ୍ୟାସଲେସ୍ ପେମେଣ୍ଟ ମଧ୍ୟ ଖର୍ଚ୍ଚ କରିବା ରାସ୍ତାକୁ ସହଜ କରିଛି। ସ୍ୱାଇପ୍ ଏବଂ ଟ୍ୟାପ୍‌ରେ ବିଲ୍ ପେ' କରିବା ଦ୍ୱାରା ଅର୍ଥ ଯିବାର ଅନୁଭବ କମ୍ ହେଉଛି। ଫଳରେ ଅତିରିକ୍ତ ଖର୍ଚ୍ଚ ହେଉଛି, ଯାହା ସେମାନେ ବୁଝିପାରୁ ନାହାନ୍ତି।



## ଡାଏରୀ ଲେଖିବା ଭଲ

ଅନେକ ଲୋକଙ୍କର ନିତିଦିନ ଡାଏରୀ ଲେଖିବା ଅଭ୍ୟାସ ଥାଏ। ତେବେ ଡାଏରୀ ଲେଖିବା ଦ୍ୱାରା ମନ ହାଲୁକା ହୁଏ ଏବଂ ଅବସାଦ କମେ। ଭାବନା ଓ ଚିନ୍ତାଧାରାକୁ କାଗଜରେ ଲେଖିବା ଦ୍ୱାରା ଭଲ ଲାଗେ। ସେହିପରି ଡାଏରୀ ଲେଖିବା ଦ୍ୱାରା ନିଜ ନିଷ୍ପତ୍ତି, ନିଜ ଭାବନା ବାବଦରେ ଚିନ୍ତା କରିବାକୁ ସମୟ ମିଳେ। ଏହା ଦ୍ୱାରା ନିଜକୁ ଭଲ ଭାବେ ବୁଝି ହୁଏ। ଡାଏରୀରେ ଲେଖାଯାଇଥିବା ସ୍ମୃତି ଓ ଅଭିଜ୍ଞତା ସବୁଦିନ ପାଇଁ ସୁରକ୍ଷିତ ରହେ। ଭବିଷ୍ୟତରେ ଏହାକୁ ପଢ଼ି ବିତିଥିବା ଅତୀତକୁ ମନେ ପକାଇ ହୁଏ। ଡାଏରୀରେ ନିଜର ଲକ୍ଷ୍ୟ, ସ୍ୱପ୍ନ ବାବଦରେ ଲେଖିପାରିବେ। ଅସୁବିଧା ତଥା ସମସ୍ୟା ସମ୍ପର୍କରେ ଲେଖିବା ଦ୍ୱାରା ସେସବୁକୁ ଏକ ନୂଆ ଦୃଷ୍ଟିକୋଣରୁ ଦେଖି ହୁଏ। ଏହା ଦ୍ୱାରା ସମସ୍ୟାର ସମାଧାନ ଖୋଜିବା ସହଜ ହୁଏ। ଡାଏରୀ ଲେଖିବା ଦ୍ୱାରା ବିଚାରଧାରା ଓ ଲେଖିବା କ୍ଷମତା ଉନ୍ନତ ମାନର ହୁଏ। କୌଣସି କାମ ଲାଗି କୃତଜ୍ଞ ଅନୁଭବ କରୁଥିଲେ, ସେକଥା ବି ଡାଏରୀରେ ଲେଖାଯାଇପାରିବ। ଏହାଦ୍ୱାରା ମନରେ ସକାରାତ୍ମକ ଓ କୃତଜ୍ଞତା ଭାବ ବୃଦ୍ଧି ପାଏ। ନିଜର ଭୁଲ ଓ ଏଥିରୁ ମିଳୁଥିବା ଶିକ୍ଷା ବାବଦରେ ବି ଡାଏରୀରେ ଲେଖିପାରିବେ। ଏହା ଭୁଲକୁ ସୁଧାରିବା ଦିଗରେ ସାହାଯ୍ୟ କରେ।



● ଆଫଗାନିସ୍ତାନ-ହଂକଂ ମୁକାବିଲା

## ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଲେ ଅଂଶୁମାନ ରଥ



ଆବୁଧାବି, ୯।୯ (ଏଜେନ୍ସି): ଆଫଗାନିସ୍ତାନ ଓ ହଂକଂ ମଧ୍ୟରେ ପୁରୁଷ ଟି-୨୦ ଏସିଆକପର ଉଦ୍‌ଘାଟନୀ ମୁକାବିଲା ସହ ଓଡ଼ିଆ ଖେଳାଳି ଅଂଶୁମାନ ରଥ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଛନ୍ତି। ଭାରତରେ ହାଇଲେଭଲ କ୍ରିକେଟ ଖେଳିବାକୁ ଆସି ଓଡ଼ିଶା ପକ୍ଷରୁ ଦୁଇବର୍ଷ ଘରୋଇ କ୍ରିକେଟ ଖେଳିଥିବା ଅଂଶୁମାନ ପୁଣିଥରେ ହଂକଂ ପକ୍ଷରୁ ଖେଳିବାରେ ସମର୍ଥ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଶକ୍ତିଶାଳୀ ଆଫଗାନ୍ ବ୍ୟାଟିଂ ଲାଇନ୍ ବିପକ୍ଷରେ ବୋଲିଂ କରିବା କଷ୍ଟକର ହୋଇଥିଲେ ମଧ୍ୟ ୫ ଓଭ ଖେଳ ଶେଷ ସୁଦ୍ଧା ୩୯ ରନ୍ ବିନିମୟରେ ହଂକଂ ୨ଟି ୱିକେଟ ଅକ୍ତିଆର କରିନେଇଛି। ଏହି ସମୟରେ ଫର୍ମରେ ଥିବା ସେଦିକୁଲ୍ଲା ଅଟଲ ୧୫ ବଲ୍‌ରେ ୫ ଚୌକା ସହ ୨୩ ଓ ମହମ୍ମଦ୍ ନବି ୪ ରନ୍‌ରେ ବ୍ୟାଟିଂ କରୁଥିଲେ। ରହମନୁଲ୍ଲା ଗୁରବାଜ୍‌ଙ୍କୁ ୮ ରନ୍‌ରେ ଅନ୍ୟତମ ଭାରତୀୟ ବଂଶୋଦ୍ଭବ ଖେଳାଳି ଆୟୁଷ ଶୁକ୍ଲା ଆଉଟ କରିଥିଲେ। ଇବ୍ରାହିମ ଜଦ୍ରାନଙ୍କୁ ୧ ରନ୍‌ରେ ଅତିକ୍ ଇକ୍‌ବାଲ ଆଉଟ କରିଛନ୍ତି। ହଂକଂ ଦୀର୍ଘଦିନ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଛି। ଗ୍ରୁପ୍-ବି'ରେ ଉଦ୍‌ଘାଟନୀ ମୁକାବିଲା ହୋଇଛି। ଆସନ୍ତାକାଲି ଗ୍ରୁପ୍-ଏ'ରେ ଭାରତ ଓ ୟୁଏଇ ମଧ୍ୟରେ ଦୁବାଇରେ ମ୍ୟାଚ୍ ଖେଳାଯିବ।

## ଏସିଆ କପ୍ ବିଜେତାଙ୍କୁ ମିଳିବ ୨.୬୪ କୋଟି

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍‌ର ଚାମ୍ପିଅନ ଦଳକୁ ଏଥର ପୁରସ୍କାର ବାବଦରେ ୩ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୨ କୋଟି ୬୪ ଲକ୍ଷ) ପ୍ରଦାନ କରାଯିବ। ସେହିଭଳି ଫାଇନାଲରେ ପରାଜିତ ଦଳ ଦେଢ଼ ଲକ୍ଷ ଡଲାର ତଥା ଏକ କୋଟି ୩୨ ଲକ୍ଷ ଟଙ୍କା ପାଇବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୩ରେ ଅନୁଷ୍ଠିତ ଏସିଆ କପ୍ ଦିନିକିଆ ଫର୍ମାଟ୍‌ରେ ଖେଳାଯାଇଥିଲା। ସେହି ସଂସ୍କରଣରେ ଶ୍ରୀଲଙ୍କାକୁ ହରାଇ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଭାରତୀୟ ଦଳ ୧.୨୫ କୋଟି ଟଙ୍କା ପୁରସ୍କାର ପାଇଥିଲା।

### ସଞ୍ଜୁ ସାମସନ, କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ

# ୟୁଏଇ ବିପକ୍ଷରୁ ଭାରତର ଅଭିଯାନ

ଦୁବାଇ, ୯।୯ (ସମିସ)

ଦୀର୍ଘ ଦିନର ବ୍ୟବଧାନ ପରେ ଭାରତୀୟ କ୍ରିକେଟ ଦଳ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଆସନ୍ତାକାଲି ଫେରିବ। ଆଜି ଏଠାରେ ଆଫଗାନିସ୍ତାନ ବନାମ ହଂକଂ ମୁକାବିଲାରୁ ଟି-୨୦ ଫର୍ମାଟରେ ଆରମ୍ଭ ହୋଇଛି ଏସିଆ କପ୍ କ୍ରିକେଟ। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି ଓ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମୁକାବିଲାରେ ୟୁଏଇ ବିପକ୍ଷରୁ ଖେଳି ଏସିଆକପ୍ ଅଭିଯାନ ଆରମ୍ଭ କରିବ। ୟୁଏଇ ଶକ୍ତିଶାଳୀ ଭାରତକୁ ଚ୍ୟାଲେଞ୍ଜ ଦେବା ଭଳି ଶକ୍ତି ନ ଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଭାରତ ଦଳର ସମୀକରଣ ଓ ଖେଳାଳିଙ୍କୁ ମ୍ୟାଚ୍ ଅଭ୍ୟାସର ସୁଯୋଗ ଦେଇ ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ପ୍ରସ୍ତୁତ ହେବ। ପାକିସ୍ତାନ ଏବେ କିଛିଦିନ ହେଲା ନିୟମିତ କ୍ରିକେଟ ଖେଳି ଭାରତର ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି। ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଭଲ ଖେଳି ଭାରତ ଆସନ୍ତା ୧୪ରେ ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍ ଲାଗି ପ୍ରସ୍ତୁତ କରିବ ବୋଲି ଆଶା ରଖିଛି।

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଗଠନ କରାଯାଇଛି। ଇଂଲଣ୍ଡ ବିପକ୍ଷରେ ଭାରତର ନେତୃତ୍ୱ ନେଇ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିବା ଶୁବମନ ଗିଲ୍‌ଙ୍କୁ ଏହି ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରି ସଫଳ ହୋଇଥିବା ସଞ୍ଜୁ ସାମସନଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର ଏକାଧିକ ଥର ସୂଚନା ଦେଇଛନ୍ତି। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କ ଓପନିଂ ପାର୍ଟନର ହେବେ ଗିଲ୍। ଏଣୁ ନଂ-୩ରେ ସଫଳ ହୋଇଥିବା ତିଲକ ବର୍ମାଙ୍କୁ ସୁଯୋଗ ଦେବ ନା ସାମସନ ଖେଳିବେ ଏହାକୁ ନେଇ କେହି କିଛି ସୂଚନା ଦେଇ ନାହାନ୍ତି। କିନ୍ତୁ ଗତ ଦୁଇଦିନ ଧରି ଭାରତୀୟ ଦଳ କରିଥିବା ନେଟ୍ ପ୍ରାକ୍ଟିସ୍‌ରୁ ସାମସନ ପ୍ରଥମ ଏକାଦଶ ତାଲିକାରେ ରହିବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ୱିକେଟ ରକ୍ଷକ ଜିତେଶ ଶର୍ମା ଦୀର୍ଘ ସମୟ ଧରି ବ୍ୟାଟିଂ ପ୍ରାକ୍ଟିସ୍ କରିବା ପରେ ଶେଷ ଭାଗରେ ସାମସନ ଓ ରିଙ୍କୁ ସିଂ ଅଭ୍ୟାସ କରିଥିଲେ। ଏଥିରୁ ଜଣାପଡୁଛି ଚୂଡାନ୍ତ ଏକାଦଶରେ ସାମସନଙ୍କୁ ସୁଯୋଗ ମିଳିବା କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ କିପରି ଖେଳାଳି ଏକାଦଶ ଚୟନ କରିବ ତାହା ଆସନ୍ତାକାଲି ଟସ୍ ପୂର୍ବରୁ ଜଣାପଡ଼ିବ।



ଏବେ ଖେଳାଯିବାକୁ ଥିବା ଦୁବାଇ ପିଚ୍ ବ୍ୟବହାର ହୋଇନାହିଁ। ଏଠାରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିରେ ଭାରତ ୪ଜଣ ସ୍ପିନରଙ୍କୁ ନେଇ ଖେଳୁଥିଲା। ସେତେବେଳେ ପିଚ୍ ଖରାପ ହୋଇଯାଇଥିଲା। ଏବେ କିନ୍ତୁ ପିଚ୍‌ରେ ଘାସ ଅଛି ଏହା ବ୍ୟବହାର ହୋଇ ନ ଥିବାରୁ ସତେଜ ରହିଛି। ଏଣୁ ପେସ୍ ବୋଲରଙ୍କୁ ନିଶ୍ଚିତ କିଛିଟା ସହାୟତା ମିଳିବ ବୋଲି ଆଶା କରାଯାଉଛି। ଏହା ଫଳରେ ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ ଭାରତ ପକ୍ଷରୁ ନିଶ୍ଚିତ ଖେଳିବେ। ତୃତୀୟ ପେସ୍ ବୋଲର ଭାବେ ହର୍ଷିତ ରାଣା କିମ୍ବା ଅଲରାଉଣ୍ଡର ଶିବମ ଦୁବେଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ। ଯଦି ଭାରତ ଜଣେ ସ୍ପେଶାଲିଷ୍ଟ ବୋଲରଙ୍କୁ ନିଆଯାଏ ତେବେ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ ରହିବ। ଦଳର ପ୍ରମୁଖ ସ୍ପିନର ଭାବେ ଅଲରାଉଣ୍ଡର ଅକ୍ଷର ପଟେଲ ଓ ମିଷ୍ଟ୍ରି ସ୍ପିନର କୁହାଯାଉଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳିବାକୁ ସୁଯୋଗ ମିଳିବ। ନେଟ୍‌ରେ ଦୀର୍ଘ ସମୟ ବୋଲିଂ କରିଥିବା ଓପନର ଅଭିଷେକ ଶର୍ମା ତୃତୀୟ ସ୍ପିନର ଦାୟିତ୍ୱ ସମ୍ଭାଳିବେ। ଭାରତର ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ ଦୁଇ ଅଲରାଉଣ୍ଡର ଶିବମ ଓ ଅଭିଷେକଙ୍କ ବୋଲିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଦଳରେ ଯେତେ ଅଧିକ ଅଲରାଉଣ୍ଡର ରହିବେ, ଅଧିନାୟକଙ୍କୁ ସେତେ ଅଧିକ ସୁଯୋଗ ମିଳିବ। ଏଣୁ ଟି-୨୦ରେ ଅଲରାଉଣ୍ଡ ଖେଳ ଉପରେ ମୋର୍କେଲ ଗୁରୁତ୍ୱ ଦେଇଆସୁଛନ୍ତି।

ପ୍ରତିଦ୍ୱନ୍ଦ୍ୱୀ ୟୁଏଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ସହ ଅଧିକ ମ୍ୟାଚ୍ ଖେଳିନାହିଁ। ଏହି ଦଳ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଛି। ସେହିପରି ଦଳ ୩ଟି ଦିନିକିଆ ମଧ୍ୟ ଖେଳିଛି। ଏହା ମଧ୍ୟରୁ ୨୦୧୫ରେ ଶେଷ ମୁକାବିଲା ହୋଇଥିଲା। ୨୦୧୬ ଏସିଆ କପ୍‌ରେ ୟୁଏଇ ସହ ଭାରତର ପ୍ରଥମ ମୁକାବିଲା ହୋଇଥିଲା। ଏଥିରେ ଭାରତ ୯ ୱିକେଟରେ ଜିତିଥିଲା। ଏବେ ଲାଲଚାନ୍ଦ ରାଜପୁତ ୟୁଏଇର କୋଚ୍ ରହିଛନ୍ତି। ଅଧିନାୟକ ମହମ୍ମଦ୍ ୱାସିମ ଓ ରାଜପୁତ ମିଶି କିପରି ଏହି ଟୁର୍ଣ୍ଣାମେଣ୍ଟରେ ୟୁଏଇକୁ ଏକ ଲଢୁଆ ଦଳରେ ପରିଣତ କରିବେ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।

**ଆଜିର ମୁକାବିଲା**

**ଭାରତ-ୟୁଏଇ**

ଭେନ୍ୟୁ-ଦୁବାଇ, ସମୟ-ରାତି ୮ଟା
ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ସୋନି ଲାଇଭ, ଜିଓହଟଷ୍ଟାର

**ଖେଳାଳି ଦଳ**

**ଭାରତ** : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ୟୁଏଇ** : ମହମ୍ମଦ୍ ୱାସିମ୍ (ଅଧିନାୟକ), ଆଲିସାନ ସରାଫୁ, ଆର୍ଯ୍ୟାଂଶ ଶର୍ମା (ୱିକେଟରକ୍ଷକ), ଅସିଫ ଖାନ୍, ଧ୍ରୁବ ପରାସର, ଇଥାନ ଡି ସୁଜା, ହାଇଦର ଅଲି, ହର୍ଷିତ କୌଶିକ, ଜୁନୈଦ୍ ସିଦ୍ଦିକ୍, ମାତିଉଲ୍ଲା ଖାନ୍, ମହମ୍ମଦ୍ ଫାରୁକ୍, ମହମ୍ମଦ୍ ଜୱାଦୁଲ୍ଲା, ମହମ୍ମଦ୍ ଜୋହେବ୍, ରାହୁଲ ଚୋପ୍ରା (ୱିକେଟରକ୍ଷକ), ରୋହିଦ୍ ଖାନ୍, ସିମରନଜିତ ସିଂହ ଓ ସାଘିର ଖାନ୍।

## 'ପ୍ୟାକେଜ୍ ସିଷ୍ଟମ୍' ଲାଗି ବିକ୍ରି ହୋଇପାରୁନି ଭାରତ-ପାକିସ୍ତାନ ଟିକଟ୍

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୁଧବାର ୟୁଏଇ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ତେବେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଖେଳାଯିବ। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଯେତେବେଳେ ବି ମ୍ୟାଚ୍ ଅନୁଷ୍ଠିତ ହୋଇଥାଏ ତାହାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥାନ୍ତି। ମ୍ୟାଚର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଏହା ଶେଷ ହୋଇଯାଇଥାଏ।

ଏଥର କିନ୍ତୁ ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଆଉ ୪ ଦିନ ବାକି ରହିଛି। କିନ୍ତୁ ଟିକଟ୍ ବିକ୍ରି ପାଖାପାଖି ସପ୍ତାହେ ହେଲା ଆରମ୍ଭ ହୋଇସାରିଥିଲେ ମଧ୍ୟ ଏହା ଶେଷ ହୋଇ ନ ଥିବା ଜଣାପଡ଼ିଛି। ଅର୍ଥାତ ଭାରତ-ପାକିସ୍ତାନ ଭଳି ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚର ଟିକଟ୍ କିଣିବା ଲାଗି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ନ ଥିବା ଜଣାପଡ଼ିଛି। ଏହାର ଏକ ଭିନ୍ନ କାରଣ ମଧ୍ୟ ରହିଛି। ଅତ୍ୟଧିକ ମୂଲ୍ୟ ଲାଗି ଭାରତ-ପାକିସ୍ତାନ ଟିକଟ୍ କିଣିବାକୁ ଦର୍ଶକ ପଛଘୁଞ୍ଚା ଦେଉଛନ୍ତି। ଭାରତ-ପାକିସ୍ତାନ ମ୍ୟାଚର ସବୁଠୁ ଭିଆଇପି ୨ଟି ଟିକଟ୍‌ର ମୂଲ୍ୟ ଏଥର ୨ ଲକ୍ଷ ୫୭ ହଜାର ୮୧୫ ଟଙ୍କା ରହିଛି। ଯେଉଁଥିରେ 'ପ୍ୟାକେଜ ସିଷ୍ଟମ' ମିଶି ରହିଛି। ଏହି ପ୍ୟାକେଜ ସିଷ୍ଟମରେ ବ୍ୟକ୍ତିଙ୍କୁ ମ୍ୟାଚ୍ ଦେଖିବା ସହ ଖାଦ୍ୟ, ପାନୀୟ, ପାର୍କିଂ ପାସ୍, ଭିଆଇପି ଲଙ୍ଗ୍ ଓ ବ୍ୟକ୍ତିଗତ ବିଶ୍ରାମ କକ୍ଷର ସୁବିଧା ପ୍ରଦାନ କରାଯାଇଥାଏ। ସେହିଭଳି ୨ଟି ରୟାଲ୍ ବକ୍ସର ଟିକଟ୍ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ରଖାଯାଇଛି। ଏଥିରେ ମଧ୍ୟ 'ପ୍ୟାକେଜ ସିଷ୍ଟମ'ରେ ଥିବା ସମାନ ସୁବିଧା ପ୍ରଦାନ କରାଯାଏ। ପୂର୍ବ ବର୍ଷଗୁଡ଼ିକରେ ଏହି ପ୍ୟାକେଜ ସିଷ୍ଟମ ଟିକଟ୍ ସହିତ ନ ଥିଲା। ଯେଉଁଥିପାଇଁ ଟିକଟ୍‌ର ଦର କମ୍ ରହୁଥିଲା। ସେହିଭଳି ଭାରତ-ପାକିସ୍ତାନ ମ୍ୟାଚର ସାଧାରଣ ଟିକଟ୍ ଦଳ ୨ଟି ପାଇଁ ୧୦ ହଜାର ଟଙ୍କା ରଖାଯାଇଛି।

## ଦକ୍ଷିଣ ଆଫ୍ରିକା ଟି-୨୦ରେ ବ୍ରେଭିସ୍ ସବୁଠୁ ଦାମୀ ଖେଳାଳି

ଜୋହାନ୍ସବର୍ଗ, ୯।୯ (ଏଜେନ୍ସି): 'ଦକ୍ଷିଣ ଆଫ୍ରିକା ଟି୨୦' ଲିଗ୍ ଇତିହାସରେ ଡେୱାଲ୍ଡ ବ୍ରେଭିସ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ର ଆଗାମୀ ୪ର୍ଥ ସିଜନ ଲାଗି ହୋଇଥିବା ଖେଳାଳି ନିଲାମୀରେ ବ୍ରେଭିସଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ କୋଟି ୬୫ ଲକ୍ଷ ରେଣ୍ଡ (ଭାରତୀୟ ମୁଦ୍ରାରେ ୮ କୋଟି ୩୧ ଲକ୍ଷ ଟଙ୍କା)ରେ କ୍ରୟ କରିଛି। ଏଥିପୂର୍ବରୁ ଆଇଡେନ ମାର୍କରମଙ୍କୁ ୧୪ ମିଲିୟନ ରେଣ୍ଡ (୭ କୋଟି ୬ ଲକ୍ଷ ଟଙ୍କା)ରେ ଡର୍ବାନ ସୁପର୍ ଜାଏଣ୍ଟ୍ସ କ୍ରୟକରିଥିଲା। ଫଳରେ ମାର୍କରମଙ୍କୁ ପଛରେ ପକାଇ ୨୨ ବର୍ଷୀୟ ବ୍ରେଭିସ 'ଦକ୍ଷିଣ ଆଫ୍ରିକା ଟି୨୦'ର ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ୍ ପରେ ଦକ୍ଷିଣ ଆଫ୍ରିକା ଟି୨୦କୁ ବିଶ୍ୱର ଦ୍ୱିତୀୟ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ବିବେଚିତ କରାଯାଏ। ଏହାର ୪ର୍ଥ ସଂସ୍କରଣ ଆସନ୍ତା ଜାନୁଆରୀ ୨୩ରୁ ଆରମ୍ଭ ହେବ। ଖେଳାଳି ନିଲାମୀରେ ୬ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଥିଲେ। ଆଇପିଏଲ୍ ଇତିହାସରେ ଋଷଭ ପନ୍ତ ସବୁଠୁ ଦାମୀ ଖେଳାଳି ରହିଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୨୭ କୋଟି ଟଙ୍କାରେ କ୍ରୟ କରିଥିଲା।



## ଅହମ୍ମଦାବାଦ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯିବ। କିନ୍ତୁ ପାକିସ୍ତାନ ଯଦି ଫାଇନାଲରେ ପ୍ରବେଶ କରେ ତେବେ ଏହି ମ୍ୟାଚଟି କଲମ୍ବୋକୁ ସ୍ଥାନାନ୍ତରିତ ହେବ। ରିପୋର୍ଟ ଅନୁଯାୟୀ ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଏହି ବିଶ୍ୱକପ୍ ଖେଳାଯିବ। କିନ୍ତୁ ଭେନ୍ୟୁ ଏଯାଏ ଚୂଡାନ୍ତ ହୋଇନାହିଁ। ଏଥିରେ ୨୦ଟି ଦଳ ଭାଗନେଉଥିଲାବେଳେ ଏମାନଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୮'କୁ ଯିବେ ଓ ସୁପର-୮'ରେ ଶ୍ରେଷ୍ଠ ବିବେଚିତ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

### ଜୁନିୟର ହକି ବିଶ୍ୱକପ୍

## ଭାରତ-ପାକ୍ ମୁକାବିଲା ନଭେମ୍ବର ୨୯ରେ

ଚେନ୍ନଇ, ୯।୯ (ଏଜେନ୍ସି): ଭାରତରେ ଖେଳାଯିବାକୁ ଥିବା ଜୁନିୟର ହକି ବିଶ୍ୱକପ୍‌ରେ ଭାଗନେବାକୁ ପାକିସ୍ତାନ ଆସିବ କି ନାହିଁ ଏଯାଏ ଚୂଡାନ୍ତ ହୋଇନାହିଁ, କିନ୍ତୁ ଏହି ଦଳକୁ ଭାରତ ସରକାର, ହକି ଇଣ୍ଡିଆ ଓ ଭାରତୀୟ ହକି ସମର୍ଥକମାନେ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି। ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଚେନ୍ନଇ ଓ ମଦୁରାଇରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ଡ୍ର ଉଠାଣ ହେବା ଲାଗି ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ତିର୍କୀ ଏହା କହିଛନ୍ତି। ଏଥର ଜୁନିଅର ହକି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ପୁଲ୍-ବି'ରେ ପାକିସ୍ତାନ, ଚିଲି, ସ୍ୱିଜରଲାଣ୍ଡ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଭାରତ ସ୍ଥାନ ପାଇଛି। ଭାରତ ତାହା ପ୍ରଥମ ମ୍ୟାଚ୍ ନଭେମ୍ବର ୨୮ରେ ଚିଲି, ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ୨୯ରେ ଓ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍ ଡିସେମ୍ବର ୨ରେ ଖେଳିବ।

## ୫ ଦିନ ପରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

### ଏଯାଏଁ ହେଲାନି ଦଳ ଘୋଷଣା କି ଖେଳାଳି ଡ୍ରାଫ୍ଟ

କଟକ, ୯।୯ (ସମିସ)

ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ) ଖେଳାଯିବ। ଲିଗ୍‌କୁ ଆଉ ୬ଦିନ ବାକି। ହେଲେ ଏ ପର୍ଯ୍ୟନ୍ତ ଦଳ ଘୋଷଣା କରାଯାଇନାହିଁ କି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ମଧ୍ୟ ହୋଇପାରିଲା ନାହିଁ। ଗତ ୩ ତାରିଖରେ ଖେଳାଳି ଡ୍ରାଫ୍ଟ କରାଯିବା ପାଇଁ ଯୋଜନା ହୋଇଥିଲା। ପରେ ଏହା ୮ ତାରିଖକୁ ଘୁଞ୍ଚାଇ ଦିଆଗଲା। ସୋମବାର ଖେଳାଳି ଡ୍ରାଫ୍ଟ କରାଯାଇନଥିବା ବେଳେ ଆସନ୍ତା ୧୧ ତାରିଖରେ ଫ୍ରାଞ୍ଚାଇଜ ମାଲିକମାନେ ଖେଳାଳି କିଣିବେ ବୋଲି କୁହାଯାଉଛି। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ଲିଗ୍ ଦିନ ପାଖେଇ ଆସୁଥିବା ବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କିମ୍ବା ଲିଗ୍ ଆୟୋଜନକାରୀ ସଂସ୍ଥା ଆରିଭା ସ୍ପୋର୍ଟସ ଖେଳାଳି ଡ୍ରାଫ୍ଟ ଦିଗରେ କାହିଁକି ଗୁରୁତ୍ୱ ଦେଉନାହାନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଦଳ ଘୋଷଣା ନ କରାଯିବା, ଲିଗ୍ ବାବଦରେ ବହୁଳ ପ୍ରଚାର ପ୍ରସାର ନକରାଯିବା ଯୋଗୁଁ ଲିଗ୍ ଫିକା ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶଯୋଗ୍ୟ, ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ନୂଆ ଢ଼ାଞ୍ଚାରେ ଓପିଟିଏଲ -୨୦୨୫ ଆୟୋଜନ କରିବାକୁ ଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଏହା ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍ (ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ହେଲେ ଲିଗକୁ ଆଉ ହାତ ଗଣତି ଦିନ ବାକି ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦଳ ଘୋଷଣା ହୋଇପାରିନାହିଁ।

## ହଂକଂ ଓପନ୍: ଶ୍ରୀକାନ୍ତଙ୍କୁ ହରାଇଲେ ତରୁଣ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ହଂକଂ ଓପନ୍ ସୁପର୍-୫୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଭାରତର ତରୁଣ ମାନେପାଲ୍ଲି ୨୮-୨୬, ୨୧-୧୩ରେ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ତଥା ନିଜ ଦେଶର କିଦାମ୍ବୀ ଶ୍ରୀକାନ୍ତଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ସେହିଭଳି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସର ଏକ ମ୍ୟାଚରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ୨୧-୧୩, ୧୮-୨୧, ୨୧-୧୦ ଗେମରେ ତାଇୱାନର ଚିଉ ସିଆଙ୍ଗ ଚେଇ ଓ ୱାଙ୍ଗ୍ ଚି ଲିନ୍ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଭାରତୀୟ କିରନ ଜର୍ଜ ଯୋଗ୍ୟତା ପର୍ଯ୍ୟାୟରେ କ୍ରମାଗତ ୨ଟି ମ୍ୟାଚ୍ ଜିତି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟରେ କିରନ ସିଙ୍ଗାପୁରର ଜିଆ ହେଙ୍ଗ୍ ଜନସନଙ୍କୁ ଭେଟିବେ।

## ଦେବାଶିଷଙ୍କୁ ଜାତୀୟ କୋଚ୍ ଦାୟିତ୍ୱ



ନୂଆଦିଲ୍ଲୀ, ୯।୯ (ଏଜେନ୍ସି) : ପୂର୍ବତନ ଜାତୀୟ ଚୟନକର୍ତ୍ତା ତଥା ନାଗାଲାଣ୍ଡ ରଣଜୀ ଦଳର କୋଚ୍ ଓଡ଼ିଶାର ଦେବାଶିଷ ମହାନ୍ତିଙ୍କୁ ପ୍ରଥମଥର ଜାତୀୟ କୋଚ୍ ଦାୟିତ୍ୱ ମିଳିଛି। ଭାରତର ୧୯ ବର୍ଷରୁ କମ୍ ଦଳ ଚଳିତମାସ ଅଷ୍ଟ୍ରେଲିଆ ଗସ୍ତରେ ଯାଉଥିବାବେଳେ ଆୟୂଷ ମାହାତ୍ରେଙ୍କ ନେତୃତ୍ୱ ଗଠିତ ଭାରତୀୟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ ଦେବାଶିଷଙ୍କୁ ନିଯୁକ୍ତ କରାଯାଇଛି। କର୍ଣ୍ଣାଟକର ଯେରେ ଗୌଡ଼ ହେଡ୍ କୋଚ୍, ଶୁଭଦୀପ ଭଟ୍ଟାଚାର୍ଯ୍ୟ ଫିଲ୍ଡିଂ ଓ ତ୍ରିପୁରାର ରାଜୀବ ଦତ୍ତଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି। ଭାରତୀୟ ଦଳ ସେପ୍ଟେମ୍ବର ୧୬ରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଅକ୍ଟୋବର ୧୦ରେ ସ୍ୱଦେଶ ଫେରିବ। ଏହି ଗସ୍ତରେ ଅଷ୍ଟ୍ରେଲିଆ ସହ ଭାରତ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ୩ଟି ଦିନିକିଆ ଓ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଥିବା ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତ ପକ୍ଷରୁ ୧୯୯୯ ବିଶ୍ୱକପ୍ ସହ ୪୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଦେବାଶିଷ ଏହା ପୂର୍ବରୁ ଓଡ଼ିଶା ଓ ନାଗାଲାଣ୍ଡ ଦଳର ହେଡ୍ କୋଚ୍ ରହିଥିଲେ। ୨୦୧୮ରେ ଜୁନିଅର ଓ ଏହା ପରେ ସିନିୟର ଦଳର ଚୟନକର୍ତ୍ତାଭାବେ କାମ ତୁଲାଇଥିଲେ। ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନ ଥିବା ଯେରେ ଗୌଡ଼ କର୍ଣ୍ଣାଟକ ଜୁନିଅର ଓ ସିନିୟର ଦଳର କୋଚ୍ ଭାବେ କାମ କରିଛନ୍ତି। ଓଡ଼ିଶାର ଶିବସୁନ୍ଦର ଦାସ ଏବେ ଜାତୀୟ ସିନିୟର ଚୟନ କମିଟିର ସଦସ୍ୟ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS